ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୧୪/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, July 14/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୨୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 229 | ମୂଲ୍ୟ ₹୭/-





**କାର୍ତ୍ତିକଙ୍କ ଫିଲ୍ମରେ ଜ୍ୟାକି**
ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ 'ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ' ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ଜ୍ୟାକି ଶ୍ରଫ୍ ସାମିଲ ହୋଇଛନ୍ତି। ୧୨

୧୪ **ସୁନ୍ଦରଙ୍କ ଚମତ୍କାର ବୋଲିଂ**
ଲର୍ଡ୍‌ସରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଚମତ୍କାର ବୋଲିଂ କରି ଭାରତ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଛନ୍ତି ୱାଶିଂଟନ ସୁନ୍ଦର।










# ଜଣେ କେହି ଶୁଣିଥିଲେ ଏଭଳି ଘଟି ନ ଥାନ୍ତା

**ବାଲେଶ୍ୱର/ଭୁବନେଶ୍ୱର, (ବାଞ୍ଛାନିଧି ଦେ/ସୁନୀତ୍ ମିଶ୍ର)୧୩।୭**

ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ (ଏଚ୍‌ଓଡି) ତଥା ଅଧ୍ୟାପକ ସମୀର କୁମାର ସାହୁଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଜଣେ ଛାତ୍ରୀ ଶନିବାର ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ସେ ମୃତ୍ୟୁ ସହ ସଂଗ୍ରାମ କରୁଥିବାବେଳେ ତାଙ୍କର ୧୨ ଦିନ ତଳର ଟୁଇଟ୍ ଏବେ ଭାଇରାଲ ହୋଇଛି, ଯାହାକୁ ନେଇ ସାରା ରାଜ୍ୟରେ କ୍ଷୋଭ ପ୍ରକାଶ ପାଇଛି। ୬ ମାସ ଧରି ଦିଆଯାଇଆସୁଥିବା ଶାରୀରିକ, ମାନସିକ ନିର୍ଯାତନା ସମ୍ପର୍କରେ ପୀଡ଼ିତା ଜୁଲାଇ ୧ରେ ନିଜ ସୋସିଆଲ ମିଡିଆ 'X' ହ୍ୟାଣ୍ଡଲରେ ଜଣାଇଥିଲେ। ଏହାର ପୂର୍ବ ଦିନ ଅର୍ଥାତ୍ ଜୁନ୍ ୩୦ ତାରିଖରେ ସେ ବରିଷ୍ଠ ପୋଲିସ ଅଧିକାରୀ, ଅଧ୍ୟାପକ ଏବଂ କେତେଜଣ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ନିର୍ଯାତନା ସମ୍ପର୍କରେ କଲେଜ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ୧ ତାରିଖରେ 'X'ରେ ଏନେଇ ତଥ୍ୟ ଉଲ୍ଲେଖ କରିବା ସହ କେତେଜଣ ବିଶିଷ୍ଟ ବ୍ୟକ୍ତି ଓ କର୍ତ୍ତୃପକ୍ଷଙ୍କୁ ଟ୍ୟାଗ୍ କରିଥିଲେ। ସେମାନଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗ (@ଡିଏଚ୍‌ଇ), ଉଚ୍ଚଶିକ୍ଷା ମନ୍ତ୍ରୀ (@ସୂର୍ଯ୍ୟବଂଶୀବିଜେପି), କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ (@ଡିପ୍ରଧାନବିଜେପି), @ସିଏମ୍‌ଓ_ଓଡ଼ିଶା, @ମୋହନଏମ୍‌ଓଡ଼ିଶା, ବାଲେଶ୍ୱର ଜିଲାପାଳ (@ଡିବାଲେଶ୍ୱର), ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ (@ମାନସକୁମାରଦତ୍ତ), କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ (@ଏଡୁମିନ୍‌ଅଫ୍‌ଇଣ୍ଡିଆ) ଓ ଜାତୀୟ ମହିଳା କମିଶନ(@ଏନ୍‌ସିଡବ୍ଲ୍ୟୁଇଣ୍ଡିଆ)। ଏହିମାନଙ୍କ ପାଖରୁ ପୀଡ଼ିତା ନ୍ୟାୟ ଆଶା ରଖିଥିଲେ। କଲେଜ ଅଧ୍ୟକ୍ଷ ତାଙ୍କୁ ୪/୫ ଦିନ ସମୟ ମାଗିଥିଲେ। ହେଲେ ନା କୌଣସି କର୍ତ୍ତୃପକ୍ଷ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଲେ ନା ଅଧ୍ୟକ୍ଷଙ୍କଠାରୁ ସେ ନ୍ୟାୟ ପାଇଲେ। ଶେଷରେ ହତାଶ ହୋଇ ଆତ୍ମାହୁତି ଦେବା ପାଇଁ ଚରମ ପଦକ୍ଷେପ ନେଲେ। ନିର୍ଯାତିତା ଛାତ୍ରୀଙ୍କ ଏହି ଟୁଇଟ୍‌ରେ ଟ୍ୟାଗ୍ ହୋଇଥିବା ବ୍ୟକ୍ତିମାନଙ୍କ ଉପରେ ଏବେ ସୋସିଆଲ ମିଡିଆ ୟୁଜର୍ସ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। କେହି ଜଣେ ଶୁଣିଥିଲେ, ଛାତ୍ରୀ ନିଜ ଦେହରେ ନିଆଁ ଲଗାଇଦେବା ଭଳି ଘଟଣା ଘଟି ନ ଥାନ୍ତା ବୋଲି ୟୁଜର୍ସ ଦର୍ଶାଇବା ସହ ପ୍ରକୃତରେ କିଏ ଦାୟୀ ଏବଂ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ପ୍ରଶ୍ନ ଉଠାଇଛନ୍ତି।




'X'ରେ ଜୁଲାଇ ୧ରେ ନିର୍ଯାତିତା ଛାତ୍ରୀ କରିଥିବା ପୋଷ୍ଟ।



ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଜୁନ୍ ୩୦ରେ ଅଭିଯୋଗ କରିବାକୁ ଆସିଥିବା ଛାତ୍ରୀ। ସେଠାରେ ଉପସ୍ଥିତ ଥିଲେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଅଧ୍ୟାପକ ଓ ଛାତ୍ରମାନେ।

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ: ମୁଖ୍ୟମନ୍ତ୍ରୀ

- **ଏମ୍‌ସରେ ଡାକ୍ତରଙ୍କ ସହ ଆଲୋଚନା କଲେ**
- **ପୀଡ଼ିତାଙ୍କ ମା', ବାପାଙ୍କୁ ଭେଟିଲେ**
- **ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଲେ ଦିଲ୍ଲୀ ଏମ୍‌ସକୁ ଏୟାରଲିଫ୍ଟ କରାଯିବ**

**ଭୁବନେଶ୍ୱର,୧୩।୭(ସୁନିତ୍ ମିଶ୍ର)**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟବର୍ଷରେ ଅଧ୍ୟୟନରତା ଜଣେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱର ସହ ନେଇଛନ୍ତି। ରବିବାର ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଏୟାରପୋର୍ଟରୁ ଏମ୍‌ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଏମ୍‌ସର ନିର୍ଦ୍ଦେଶକ ଏବଂ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଭାବେ ନିନ୍ଦା କରିବା ସହିତ କହିଛନ୍ତି ଯେ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ୩ଜଣିଆ କମିଟି ଗଠନ କରାଯାଇଛି। କମିଟି ରବିବାର ବାଲେଶ୍ୱର ଗସ୍ତ କରି ତଦନ୍ତ ଆରମ୍ଭ କରିଛି। କମିଟି ରିପୋର୍ଟ ଦେବା ପରେ ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିବେ, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହିତ ଆଗାମୀ ଦିନରେ ଯେଭଳି କୌଣସି ଶିକ୍ଷାନୁଷ୍ଠାନରେ ଏଭଳି ଘଟଣା ନ ଘଟିବ ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ଛାତ୍ରୀଙ୍କ ଅବସ୍ଥା ଏବେ ସଙ୍କଟାପନ୍ନ ରହିଛି। ତାଙ୍କୁ ଦିଲ୍ଲୀ ଏମ୍‌ସ ଷ୍ଟାଣ୍ଡାର୍ଡର ଚିକିତ୍ସା ଯୋଗାଇ ଦିଆଯାଉଛି। ଛାତ୍ରୀଙ୍କ ଅବସ୍ଥା ସ୍ଥିର ହେଲେ ତାଙ୍କୁ ଏୟାରଲିଫ୍ଟ କରାଯାଇ ଦିଲ୍ଲୀ ଏମ୍‌ସ ନେବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ଚିକିତ୍ସାରେ ଯେପରି କୌଣସି ପ୍ରକାର ତ୍ରୁଟି ନ ରହିବ ସେଦିଗରେ ସଚେତନ ହୋଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ମା' ଏବଂ ବାପାଙ୍କୁ ଭେଟି ସାନ୍ତ୍ୱନା ଦେବା ସହିତ ଝିଅର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଉଛି ବୋଲି କହିଛନ୍ତି।



ମୋହନ ଚରଣ ମାଝୀ

## ଡିଜିପିଙ୍କୁ ରିପୋର୍ଟ ମାଗିଲେ ଏନ୍‌ସିଡବ୍ଲ୍ୟୁ

**ଭୁବନେଶ୍ୱର,୧୩।୭ (ସତ୍ୟଜିତ୍ ରାଉତ)**

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଗୁରୁତ୍ୱର ସହ ନେଇଛନ୍ତି। ଏନେଇ କମିଶନ ନିଜ ଆଡୁ ହସ୍ତକ୍ଷେପ କରି ରବିବାର ଓଡ଼ିଶା ପୋଲିସ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି। ତେବେ ଏହି ଘଟଣାକୁ କମିଶନ ଗଭୀର ଚିନ୍ତାଜନକ ଭାବେ ଅଭିହିତ କରିଛନ୍ତି। ଏଥିସହ ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ବିଜୟା କିଶୋର ରାହତକର ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ମାଗଣାରେ ସମସ୍ତ ଆବଶ୍ୟକ ଚିକିତ୍ସା ଓ ମାନସିକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ୩ ଦିନ ମଧ୍ୟରେ ଏହି ଘଟଣାର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କମିଶନ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜି ଆସୁଛନ୍ତି ରାଷ୍ଟ୍ରପତି



**ଭୁବନେଶ୍ୱର,୧୩।୭(ସୁନିତ୍ ମିଶ୍ର)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବେ। ସୋମବାର ସନ୍ଧ୍ୟାରେ ରାଷ୍ଟ୍ରପତି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ) ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗଦେବେ। ଏହାପରେ ସେ ରାଜଭବନରେ ରାତ୍ରିଯାପନ କରିବେ। ୧୫ ତାରିଖ ପୂର୍ବାହ୍ନରେ ସେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହାପରେ ସେ କଟକର ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଅପରାହ୍ନରେ କଟକ ତୁଳସୀପୁର ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନ ଯାଇ ଆଦିକବି ସାରଳା ଦାସଙ୍କ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ସାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହିତ କଳିଙ୍ଗ ପୁରସ୍କାର ୨୦୨୪ ପ୍ରଦାନ କରିବେ। ମଙ୍ଗଳବାର ସନ୍ଧ୍ୟାରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।


**ଆଜିର ସମ୍ପାଦକୀୟ**
ନାଗରିକ ଅସହାୟ


## ଅଗଷ୍ଟରୁ ଦେଶରେ ହୋଇପାରେ ଭୋଟର ତାଲିକା ସଂଶୋଧନ

**ନୂଆଦିଲ୍ଲୀ,୧୩।୭(ପି.ଟି.)**

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଆସନ୍ତା ମାସରୁ ସାରା ଦେଶରେ ଏଭଳି ସଂଶୋଧନ ହୋଇପାରେ। ଏଥିପାଇଁ ନିର୍ବାଚନ କମିଶନ (ଇସି) ସମସ୍ତ ରାଜ୍ୟରେ ଥିବା ନିର୍ବାଚନ କଳକୁ ସକ୍ରିୟ କରିଛନ୍ତି। ଏସ୍‌ଆଇଆର୍ ଏକ ସାମ୍ବିଧାନିକ ଆଦେଶ ବୋଲି ଗତ ସପ୍ତାହରେ ସୁପ୍ରିମକୋର୍ଟ କହିବା ସହ ବିହାରରେ ଏହି ପ୍ରକ୍ରିୟା ଜାରି ରଖିବାକୁ ଅନୁମତି ଦେଇଥିଲେ। ଏଥିସହ ଏସ୍‌ଆଇଆର୍‌ରେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାଶନ କାର୍ଡକୁ ସାମିଲ କରିବା ପାଇଁ ସର୍ବୋଚ୍ଚ ଅଦାଲତ କହିଥିଲେ। ତଦନୁଯାୟୀ, ଇସି ସାରା ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପାଇଁ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି।

ବିହାରରେ ଭୋଟର ତାଲିକା ସଂଶୋଧନକୁ ବିରୋଧ କରି ଅନେକ ବିରୋଧୀ ଦଳ ଓ ଅନ୍ୟମାନେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ପ୍ରକ୍ରିୟା ନାଗରିକମାନଙ୍କୁ ସେମାନଙ୍କ ମତାଧିକାରରୁ ବଞ୍ଚିତ କରିବ ବୋଲି ସେମାନେ ଅଭିଯୋଗ କରିଥିଲେ। ବିଭିନ୍ନ ରାଜ୍ୟରେ ଶେଷଥର ପାଇଁ ହୋଇଥିବା ଏସ୍‌ଆଇଆର୍ ଅନୁଯାୟୀ, ସମ୍ପୃକ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟର ତାଲିକା ପ୍ରକାଶ କରିବା ଆରମ୍ଭ କରିଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀରେ ୨୦୦୮ରେ ହୋଇଥିବା ଶେଷ ସଂଶୋଧନ ଅନୁଯାୟୀ ଭୋଟର ତାଲିକା ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍‌ରେ ରହିଛି। ସେହିପରି ଉତ୍ତରାଖଣ୍ଡରେ ୨୦୦୬ ଏସ୍‌ଆଇଆର୍ ଅନୁଯାୟୀ, ସେହିବର୍ଷର ଭୋଟର ତାଲିକା ରାଜ୍ୟ ସିଇଓଙ୍କ ୱେବ୍‌ସାଇଟ୍‌ରେ ଦିଆଯାଇଛି। ବିଭିନ୍ନ ରାଜ୍ୟର ଶେଷ ଏସ୍‌ଆଇଆର୍‌କୁ କଟ୍-ଅଫ୍ ତାରିଖ ଭାବେ ଧରାଯିବ, ଯେପରି ବିହାର ପାଇଁ ୨୦୦୩ର ଭୋଟର ତାଲିକାକୁ ସଂଶୋଧନ ଲାଗି ବ୍ୟବହାର କରାଯାଉଛି। ଅଧିକାଂଶ ରାଜ୍ୟରେ ୨୦୦୨ରୁ ୨୦୦୪ ମଧ୍ୟରେ ଭୋଟର ତାଲିକା ସଂଶୋଧନ ହୋଇଥିଲା।

ଜୁଲାଇ ୨୮ରେ ବିହାର ଏସ୍‌ଆଇଆର୍ ମାମଲା ପୁଣିଥରେ ସୁପ୍ରିମକୋର୍ଟରେ ଶୁଣାଣି ହେବାକୁ ଥିବାରୁ ଏହାପରେ ଦେଶବ୍ୟାପୀ ଏହାକୁ ଆରମ୍ଭ କରିବା ନେଇ ନିର୍ବାଚନ କର୍ତ୍ତୃପକ୍ଷ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଜଣେ ଅଧିକାରୀ କହିଛନ୍ତି। ଜନ୍ମସ୍ଥାନ ଯାଞ୍ଚ କରି ବିଦେଶୀ ବେଆଇନ ଆପ୍ରବାସୀଙ୍କୁ ☞ପୃଷ୍ଠା-୪

## ଆମାଜନ ଶୈଳୀରେ ହେବ ଜନଶୁଣାଣି ଟ୍ରାକିଂ

**ଲୋକଙ୍କ ଯାହା ଆପତ୍ତି ଅଭିଯୋଗ ରହିଥାଏ, ପ୍ରଶାସନିକ ହସ୍ତକ୍ଷେପ ଜରିଆରେ ସମାଧାନ ଅଶାରେ ମୁଖ୍ୟମନ୍ତ୍ରୀଙ୍କ ସୋମବାରିଆ ଜନଶୁଣାଣି କାର୍ଯ୍ୟକ୍ରମକୁ ଅପେକ୍ଷା କରିଥାନ୍ତି। ଗୁହାରି କରିବା ପରେ କଥା କେତେ ବାଟ ଆଗେଇଛି ତାହା ଜାଣିବା ପାଇଁ ରହିଥିବା ଷ୍ଟାଟସ୍ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାର ଏକ ନୂଆ ନୀତି ଆପଣାଇବାକୁ ଯାଉଛନ୍ତି। ତଦନୁଯାୟୀ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ପରିଚାଳିତ janasunani.odisha.gov.in ପୋର୍ଟାଲକୁ ଅପ୍‌ଗ୍ରେଡ୍ କରାଯିବ। ଆମାଜନ ଶପିଂରେ ଅର୍ଡର କରାଯାଇଥିବା ସାମଗ୍ରୀର ଯେପରି ଟ୍ରାକିଂ କରି ତା'ର ଅବସ୍ଥିତି ଜାଣିହୁଏ ସେହିପରି ଅଭିଯୋଗକର୍ତ୍ତା ତାଙ୍କ ଅଭିଯୋଗ କେଉଁ ସ୍ତରରେ ପହଞ୍ଚିଛି ଓ ଫାଇଲ କେତେ ବାଟ ଆଗେଇଛି ଘରେ ବସି ସେନେଇ ସବିଶେଷ ବିବରଣୀ ପାଇପାରିବେ। ଏହାଦ୍ୱାରା ସେଣ୍ଟ୍ରାଲାଇଜଡ୍ ପବ୍ଲିକ୍ ଗ୍ରିଭାନ୍ସ ରିଡ୍ରେସାଲ୍ ଆଣ୍ଡ ମନିଟରିଂ ସିଷ୍ଟମ୍ (ସିପିଜିଆର୍‌ଏମ୍‌ଏସ୍) ଜରିଆରେ ସମନ୍ୱୟ ରକ୍ଷା କରି ନାଗରିକମାନଙ୍କୁ ଅଭିଯୋଗର ସ୍ଥିତି ଜାଣିବାର ସୁଯୋଗ ମିଳିବ। ଜୁଲାଇ ୩୧ରୁ ଏହି 'ଆମାଜନ ନୀତି' ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଥିବାରୁ ଆଗକୁ ପ୍ରଶାସନିକ ତତ୍ପରତା ବୃଦ୍ଧି ପାଇବା ସହ ରାଜ୍ୟବାସୀଙ୍କୁ ନ୍ୟାୟ ପ୍ରଦାନ ବ୍ୟବସ୍ଥା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।**

**ଭୁବନେଶ୍ୱର,୧୩।୭ (ରବିନାରାୟଣ ଜେନା)**

ଜନଶୁଣାଣି ପ୍ରତି ଲୋକଙ୍କ ଯେତିକି ବିଶ୍ୱାସ ରହିଛି, ଆଗାମୀ ଦିନରେ ଏହା କିଭଳି ଜନତାଙ୍କ ହୃଦୟ ଜିଣିବ ସେ ନେଇ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକେ ଘରେ ବସି ସେମାନଙ୍କ ଅଭିଯୋଗର ଯେଭଳି ଟିକିନିଖି ଖବର ପାଇପାରିବେ ସେଥିପାଇଁ ନୀତିରେ କେତେକ ପରିବର୍ତ୍ତନ କରାଯିବ। ଏବେ ଲୋକଙ୍କୁ କେବଳ ତାଙ୍କ ଅଭିଯୋଗ ପ୍ରାପ୍ତିର ଗୋଟିଏ ଲେଖାଏ ପ୍ରାପ୍ତିପତ୍ର(ଆକ୍‌ନଲେଜ୍‌ମେଣ୍ଟ) ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଏସବୁ ଆଉ ଚଳିବ ନାହିଁ। ଜନଶୁଣାଣି ପୋର୍ଟାଲରେ ଖୁବ୍‌ଶୀଘ୍ର ଆମାଜନ ଟ୍ରାକିଂ ନୀତି କାର୍ଯ୍ୟକାରୀ ହେବ; ଯାହାଫଳରେ ଲୋକେ ସେମାନଙ୍କ ଅଭିଯୋଗ ଟ୍ରାକିଂ କରିପାରିବେ। ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଓକାକ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତମାସ ୪ ତାରିଖରେ ଯୋଜନା ଓ ସଂଯୋଜନା ବିଭାଗ ଓଏସ୍‌ଡି ଡି.କେ. ଜେନା ସଚିବସ୍ତରୀୟ ବୈଠକରେ ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକୁ ନେଇ ଓକାକ୍ ଦେଇଥିବା ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ଚଳିତମାସ ୩୧ ସୁଦ୍ଧା ଜନଶୁଣାଣି ପୋର୍ଟାଲ ଉନ୍ନୀତ ହେବା ଆବଶ୍ୟକ। ମୁଖ୍ୟସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ପୋର୍ଟାଲରେ ଆମାଜନ ଓ ଫ୍ଲିପ୍‌କାର୍ଟ ଭଳି ଟ୍ରାକିଂ ସୁବିଧା ରହିବ; ଯାହାଫଳରେ ଲୋକେ ସେମାନଙ୍କ ଅଭିଯୋଗ କେଉଁ ଅଧିକାରୀଙ୍କ ନିକଟରେ କେତେଦିନ ପଡ଼ି ରହିଲା ତାହା ଘରେ ବସି ଜାଣିପାରିବେ। ଫଳରେ ଲୋକେ ଅଯଥା ଖର୍ଚ୍ଚାନ୍ତ ହେବେ ନାହିଁ କିମ୍ବା ସରକାରୀ ଅଧିକାରୀ ତଥା ଅଭିଯୋଗ ପ୍ରକୋଷ୍ଠରେ ଆଉ ଭିଡ଼ କରିବେ ନାହିଁ।

ବୈଠକର ସୂଚନା ଅନୁଯାୟୀ, ଯଦି କୌଣସି ଅଧିକାରୀଙ୍କ ସ୍ତରରେ ଲୋକଙ୍କ ଅଭିଯୋଗ ଦୀର୍ଘଦିନ ଧରି ପଡ଼ି ରହିବ, ତେବେ ସେକ୍ଷେତ୍ରରେ ଅଟୋମେଟିକ୍ ଫାଇଲ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟକୁ ଚାଲିଯିବ। ଅତି ବେଶିରେ ଜଣେ ଅଧିକାରୀଙ୍କ ନିକଟରେ ଏକ ସପ୍ତାହ ପର୍ଯ୍ୟନ୍ତ ଫାଇଲ ☞ପୃଷ୍ଠା-୪

## ଛାଡ଼ପତ୍ର ଖୁସିରେ କ୍ଷୀର ସ୍ନାନ





**ଗୁଆହାଟୀ, ୧୩।୭**

ଦୀର୍ଘଦିନର ଅପେକ୍ଷା ପରେ ଆସାମର ନଲବାଡ଼ି ଜିଲାର ମାଣିକ ଅଲିଙ୍କୁ ସ୍ତ୍ରୀଙ୍କଠାରୁ ଛାଡ଼ପତ୍ର ମିଳିଥିବାରୁ ସେ ଏକ ନିଆରା ଉପାୟରେ ନିଜ ଖୁସିକୁ ଜାହିର କରିଛନ୍ତି। ମାଣିକ ଖୁସିରେ କ୍ଷୀରରେ ଗାଧୋଇଛନ୍ତି। ସୋସିଆଲ ମିଡିଆରେ ଏହାର ବିଭିନ୍ନ ଭିଡିଓ ଭାଇରାଲ ହେବାରେ ଲାଗିଛି। ଆଇନଗତ ଭାବେ ସ୍ତ୍ରୀଙ୍କଠାରୁ ଅଲଗା ହୋଇ ଏବେ ସେ ସ୍ୱାଧୀନତା ପାଇଛନ୍ତି ଏବଂ ଏହି ଖୁସିରେ ସେ କ୍ଷୀରରେ ଗାଧୋଇଥିବା ମାଣିକ କହିଛନ୍ତି। ମାଣିକ ଲମ୍ବା ସମୟ ଧରି ବୈବାହିକ ସମସ୍ୟାରେ ପୀଡ଼ିତ ଥିଲେ। ତାଙ୍କ ସ୍ତ୍ରୀ ପୂର୍ବରୁ ଅନେକବାର ଘର ଛାଡ଼ି ପ୍ରେମିକଙ୍କ ସହ ପଳାଇ ଯାଇଥିଲେ ବୋଲି ମାଣିକ କହିଛନ୍ତି। ତେବେ ନିଜ ପରିବାରର ଶାନ୍ତି ଏବଂ ମର୍ଯ୍ୟାଦା ପାଇଁ ସେ ଏହାକୁ ବିରୋଧ କରି ନ ଥିଲେ ଏବଂ ଚୁପ୍ ରହିବାକୁ ନିଷ୍ପତ୍ତି ନେଇଥିଲେ। ଅନେକ ଦିନ ଧରି ବିବାଦ ଚାଲିବା ପରେ ଶେଷରେ ପାରସ୍ପରିକ ସହମତିରେ ଉଭୟ ଛାଡ଼ପତ୍ର ପାଇଁ ରାଜି ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ମାଣିକଙ୍କ ସ୍ତ୍ରୀ ପୂର୍ବରୁ ଅନ୍ୟୁନ ୨ ଥର ପ୍ରେମିକଙ୍କ ସହ ଫେରାର ହୋଇଯାଇଥିଲେ। ସ୍ତ୍ରୀଙ୍କ ବାରମ୍ବାର ଏପରି କାର୍ଯ୍ୟ ଯୋଗୁ ମାଣିକ ମାନସିକ ଚାପ ମଧ୍ୟରେ ରହୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଛାଡ଼ପତ୍ର ଚୂଡ଼ାନ୍ତ ☞ପୃଷ୍ଠା-୪

# ଏଫ୍‌ଏମ୍ କଲେଜରେ ତଦନ୍ତକାରୀ କମିଟି

- ନିଲମ୍ବିତ ଅଧ୍ୟକ୍ଷ ଓ ଇଣ୍ଟରନାଲ କମିଟି ସହ ସାଢ଼େ ୩ ଘଣ୍ଟା ଆଲୋଚନା
- ପହଞ୍ଚିଲା କ୍ରାଇମ୍‌ବ୍ରାଞ୍ଚ ଟିମ୍
- ଜିଲାପାଳଙ୍କୁ ସୁରକ୍ଷା ମାଗିଲେ ନିଲମ୍ବିତ ଅଧ୍ୟକ୍ଷ

ବାଲେଶ୍ୱର,୧୩।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀର ମୋହନ(ଏଫ୍‌ଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ଜଣେ ଛାତ୍ରୀ ଶନିବାର ଅଧ୍ୟକ୍ଷଙ୍କ ଚାମ୍ବର ସମ୍ମୁଖରେ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିବା ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଛି। ସମ୍ପୃକ୍ତା ଛାତ୍ରୀ ଏବେ ଏମ୍‌ସରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ରବିବାର ମହାବିଦ୍ୟାଳୟରେ ୩ ଜଣିଆ ଉଚ୍ଚସ୍ତରୀୟ କମିଟି ଓ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚିଛି। ଉଚ୍ଚସ୍ତରୀୟ କମିଟି ସଦସ୍ୟ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳି ପ୍ରସନ୍ନ ମହାପାତ୍ର, ଉଚ୍ଚ ଶିକ୍ଷା ଯୁଗ୍ମ ସଚିବ ମୌସୁମୀ ନାୟକ, ବିଜେବି କଲେଜ ଅଧ୍ୟକ୍ଷା ବରିଷ୍ଠ ଏକାଡ଼େମିସିଆନ୍ ଝୁମୁକି ରଥ ମହାବିଦ୍ୟାଳୟରେ ପହଞ୍ଚି ନିଲମ୍ବିତ ଅଧ୍ୟକ୍ଷ ଦିଲୀପ ଘୋଷ ଓ ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି ସଦସ୍ୟାଙ୍କୁ ସାଢ଼େ ୩ଘଣ୍ଟା ଧରି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏହାପରେ କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମ ଏଗେନେଷ୍ଟ ଚିଲ୍‌ଡ୍ରେନ୍ ଆଣ୍ଡ ଓମେନ ୱିଙ୍ଗ୍‌ର ଆଡିଶନାଲ ଏସ୍‌ପି ରାଜଲକ୍ଷ୍ମୀ ନାୟକ ଓ ଡିଏସ୍‌ପି ଇମନ କଲ୍ୟାଣ ନାୟକ ମହାବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଅପରପକ୍ଷରେ ନିଲମ୍ବିତ ଅଧ୍ୟକ୍ଷ ଘୋଷ ନିଜର ସୁରକ୍ଷା ପାଇଁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଚିଠି ଦ୍ୱାରା ଅବଗତ କରାଇଛନ୍ତି।

ଉଚ୍ଚସ୍ତରୀୟ କମିଟି ଅପରାହ୍ନ ୧ଟାରୁ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ନିଲମ୍ବିତ ଅଧ୍ୟକ୍ଷ ଘୋଷ ଓ କମିଟି ସଦସ୍ୟଙ୍କ ସହ ଘଟଣାର ବିଭିନ୍ନ ଦିଗକୁ ନେଇ ପଚରାଉଚରା କରି ଭୁବନେଶ୍ୱର ଫେରିଥିଲା। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ମହାପାତ୍ର କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ଆରମ୍ଭ ହେଲା। ତଦନ୍ତ ନିମନ୍ତେ ବରମ୍ବାର କଲେଜ ଆସିବାକୁ ପଡ଼ିବ। ରିପୋର୍ଟ ମୁତାବକ କଲେଜ କର୍ତ୍ତୃପକ୍ଷଙ୍କ ତ୍ରୁଟି ସମ୍ପର୍କରେ ଅନୁଧ୍ୟାନ କରାଗଲା। କମିଟିର ସମସ୍ତଙ୍କୁ ଡକାଯାଇ ନ ଥିଲା। ପର୍ଯ୍ୟାୟ କ୍ରମେ ସମସ୍ତଙ୍କୁ ପଚରାଉଚରା କରାଯିବ। ରିପୋର୍ଟର ତର୍ଜମା ହେବ। ମୁଖ୍ୟତଃ ନିଲମ୍ବିତ ଅଧ୍ୟକ୍ଷଙ୍କଠାରୁ ଘଟଣା ସମ୍ପର୍କରେ ରିପୋର୍ଟ ନିଆଗଲା ବୋଲି କହିଥିଲେ। ଏହାପରେ କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ ନିଲମ୍ବିତ ଅଧ୍ୟକ୍ଷଙ୍କ ସହ ଦୀର୍ଘ ସମୟ ଧରି ଘଟଣାର ବିଭିନ୍ନ ଦିଗକୁ ନେଇ ପଚରାଉଚରା କରିଥିଲେ।

ନିଲମ୍ବିତ ଅଧ୍ୟକ୍ଷ ଘୋଷଙ୍କ କହିବାନୁଯାୟୀ, ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ତଦନ୍ତ ଜାରି ରହିଛି। ଉତ୍ତେଜନା ପରିସ୍ଥିତିକୁ ନେଇ ଜିଲାପାଳଙ୍କୁ ନିଜ ପାଇଁ ସୁରକ୍ଷା ଲୋଡ଼ିଛି। କେଉଁ ମୁହୂର୍ତ୍ତରେ କ'ଣ ହେବ ସେଥିପାଇଁ ନିଜକୁ ସୁରକ୍ଷିତ ମଣୁ ନାହିଁ। ସମସ୍ତ ପ୍ରକାର ତଦନ୍ତରେ ମୁଁ ସହଯୋଗ କରିବି ଏବଂ ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଘୋଷ କହିଛନ୍ତି।

ତଦନ୍ତକାରୀ ଟିମ୍‌ର ଗସ୍ତ ସମୟରେ ମହାବିଦ୍ୟାଳୟରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଡିଏସ୍‌ପି ତପସ୍ୱିନୀ କହଁର, ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ନିମନ୍ତେ କଲେଜ ପରିସରରେ ବ୍ୟାପକ ପୋଲିସ ମୁତୟନ ରହିଛନ୍ତି।


ମହାବିଦ୍ୟାଳୟରେ ତଦନ୍ତକାରୀ ଟିମ୍।

# ଏମ୍‌ସ ଆଇସିୟୁରେ ଜୀବନ ସହ ସଂଗ୍ରାମ କରୁଛନ୍ତି ପୀଡ଼ିତା

## ଚିକିତ୍ସା କରୁଛି ୧୦ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍

ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମାହୁତି ଉଦ୍ୟମ କରିଥିବା ଇଣ୍ଟିଗ୍ରେଟେଡ୍ ବି.ଏଡ୍ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଭୁବନେଶ୍ୱର ଏମ୍ସରେ ତାଙ୍କର ଚିକିତ୍ସା ଜାରି ରହିଛି। ପୀଡିତାଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ିଯାଇଥିବାରୁ ତାଙ୍କୁ ଆଇସିୟୁ ଭେଣ୍ଟିଲେଟରରେ ରଖାଯାଇଛି। ତାଙ୍କ ଫୁସଫୁସ ଓ କିଡ୍‌ନୀ ପ୍ରଭାବିତ ହୋଇଛି। ଆସନ୍ତା ୨୪ରୁ ୪୮ଘଣ୍ଟା ତାଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ତାଙ୍କର ଚିକିତ୍ସା କରୁଛନ୍ତି। ତେବେ ଶନିବାରଠାରୁ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସେଭଳି କିଛି ସୁଧାର ଆସି ନ ଥିବା ଏମ୍ସ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ରବିବାର ରାତିରେ ପୀଡିତାଙ୍କ ଏମ୍ସ ବର୍ଣ୍ଣ ଆଇସିୟୁରେ ଡାଏଲିସିସ୍ ଆରମ୍ଭ ହୋଇଛି। ଭିଡିଓ କନ୍‌ଫରେନ୍ସିଂରେ ଦିଲ୍ଲୀ ଏମ୍ସର ପରାମର୍ଶ ନେବାପରେ ଚିକିତ୍ସାକୁ ତ୍ୱରାନ୍ୱିତ କରାଯାଇଛି। ପୀଡିତାଙ୍କ ସୁଗାର ଲେବଲ ଉପରେ ଧ୍ୟାନ ରଖାଯାଇଛି। ହେମୋଡାଇନାମିକ୍ ମନିଟରିଂ କରାଯାଉଛି ବୋଲି ଡା. ବିଶ୍ୱାସ କହିଛନ୍ତି।

ପୀଡିତାଙ୍କ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱର ପକ୍ଷରୁ ୧୦ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ଆନେସ୍ଥେସିଓଲୋଜି ବିଭାଗ ପ୍ରଫେସର ଡା. ଜୟନ୍ତ ମିତ୍ର, ଆସୋସିଏଟ୍ ପ୍ରଫେସର ଡା. ଦେବିଶ୍ରୀ ଦାସ, ଜେନେରାଲ ମେଡିସିନ ବିଭାଗ ପ୍ରଫେସର ଡା. ଅନୁପମ୍ ଦେ, ପଲ୍‌ମୋନାରୀ ମେଡିସିନ୍ ବିଭାଗ ପ୍ରଫେସର ମନୋଜ କୁମାର ପାଣିଗ୍ରାହୀ, ବର୍ନ ଆଣ୍ଡ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଆଡିଶନାଲ ପ୍ରଫେସର ସଞ୍ଜୟ କୁମାର ଗିରି, କାର୍ଡିଆଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଦେବାଶିଷ ଆଚାର୍ଯ୍ୟ, ନେଫ୍ରୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ସନ୍ଦୀପ କୁମାର ପଣ୍ଡା, ବର୍ନ ଆଣ୍ଡ ପ୍ଲାଷ୍ଟିକ୍ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ସାନ୍ତନୁ ସୁବା, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ-୨ ଡା. ମହାଲିଙ୍ଗମ୍ ଭି ଏବଂ ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ୍ ପ୍ରିୟଦର୍ଶିନୀ ସାହୁ ରହିଛନ୍ତି। ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଏହି ଟିମ୍ ଦୃଷ୍ଟି ଦେବା ସହିତ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯାଉଥିବା ନେଇ ଏମ୍ସ ଭୁବନେଶ୍ୱର ପକ୍ଷରୁ ସୂଚନା ଦିଆଯାଇଛି।


ଏମ୍‌ସ୍ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଡାକ୍ତରୀ ଟିମ୍ ସହିତ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରୁଛନ୍ତି।

## ଅନ୍ୟକୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେଉଥିବା ଝିଅ ଏବେ ନିଜେ ଅସହାୟ ହୋଇପଡ଼ିଲେ

ଫକୀର ମୋହନ ସ୍ୱୟଂଶାସିତ କଲେଜରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଛାତ୍ରୀଜଣଙ୍କ ନ୍ୟାୟ ନ ପାଇ ଏଭଳି ଚରମ ପଦକ୍ଷେପ ନେଲେ ବୋଲି କୁହାଯାଉଛି। ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଜଣେ ସଦସ୍ୟା ଥିଲେ। ଏପରି କି ସେ ମାର୍ଶାଲ ଆର୍ଟରେ ସେଲ୍ଫ ଡିଫେନ୍ସ ଟ୍ରେନିଂ ନେଇଥିଲେ। ବିଭିନ୍ନ କଲେଜକୁ ଯାଇ ସେ ଅନ୍ୟମାନଙ୍କୁ ଆତ୍ମ ରକ୍ଷା(ସେଲ୍ଫ ଡିଫେନ୍ସ) ଟ୍ରେନିଂ ଦେଉଥିଲେ। ଅନ୍ୟମାନଙ୍କୁ ସେଲ୍ଫ ଡିଫେନ୍ସ ଟ୍ରେନିଂ ଦେଉଥିବା ଜଣେ ଝିଅ ନିଜକୁ ଅସହାୟ ମନେକରି ଆତ୍ମାହୁତି ଉଦ୍ୟମ କରିବା ଘଟଣା ଏବେ ସମସ୍ତଙ୍କୁ ଚକିତ କରିଛି। ପୀଡ଼ିତା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ପ୍ରତିବର୍ଷ ଏବିଭିପି ପକ୍ଷରୁ ହେଉଥିବା ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମରେ ସେ ସାମିଲ ହୋଇ ଅଭିନୟ କରି ଅନେକ ପୁରସ୍କାର ପାଇଛନ୍ତି। ସେ ପାଠ ପଢ଼ିବା ପାଇଁ ସାଙ୍ଗଙ୍କ ସହ ଘରୋଇ ମେସ୍‌ରେ ରହୁଥିଲେ ବୋଲି ଜଣାପଡ଼ିଛି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀଡ଼ିତାଙ୍କ ମା'ବାପାଙ୍କୁ ସାନ୍ତ୍ୱନା ଦେଉଛନ୍ତି।

# ଶୋଭାଯାତ୍ରା, ବିକ୍ଷୋଭ ପାଇଁ ଡିଏସ୍‌ଓର ସଜବାଜ


ଭୋଗରାଇ,୧୩।୭(ପ୍ରଦୀପ ଦାସ)

ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ଛାତ୍ର ସଂଗଠନଗୁଡ଼ିକ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଗଣତାନ୍ତ୍ରିକ ଛାତ୍ର ସଂଗଠନ (ଡିଏସ୍‌ଓ) ପକ୍ଷରୁ ଏହି ଘଟଣାର ତୀବ୍ର ନିନ୍ଦା କରାଯାଇଛି। ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଗଠନ ଦାବି କରିଛି। ଅଭିଯୁକ୍ତ ଏଚଓଡି ସମୀର କୁମାର ସାହୁ, ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଚାକିରିରୁ ବହିଷ୍କାର କରିବା, ପୋଲିସ, ପ୍ରଶାସନ ଓ ନେତାଙ୍କୁ ଆଇନ ପରିସରକୁ ଆଣି ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା, ଶିକ୍ଷାନୁଷ୍ଠାନରେ ମାନବିକତା ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ମହାପୁରୁଷଙ୍କ ଜୀବନାଦର୍ଶ ଶିକ୍ଷାବ୍ୟବସ୍ଥା ଚାଲୁକରିବା ପ୍ରଭୃତି ଦାବି ନେଇ ବାଲେଶ୍ୱର ଷ୍ଟେଶନ ବଜାରରୁ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ଶୋଭାଯାତ୍ରା ବାହାରିବ। ପରେ ପଥପ୍ରାନ୍ତ ସଭା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଡିଏସ୍‌ଓ ସଂଗଠନର ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲା ସଭାପତି ହରେକୃଷ୍ଣ ଦାସ, ସମ୍ପାଦକ ପ୍ରଶାନ୍ତ ଦାସ ପ୍ରମୁଖ ଘୋଷଣା କରିଛନ୍ତି। ଅପରପକ୍ଷରେ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀ ଜଣକ ଭୋଗରାଇ ଅଞ୍ଚଳର ହୋଇଥିବାରୁ ଡିଏସ୍‌ଓ ପକ୍ଷରୁ ଭୋଗରାଇ ଫାଣ୍ଡି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ଆନ୍ଦୋଳନରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ସାମିଲ ହେବେ ବୋଲି ସୂଚନା ମିଳିଛି।

# ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପିଟିଶନ୍

ଭୁବନେଶ୍ୱର,୧୩।୭(ସତ୍ୟଜିତ୍ ରାଉତ)

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବି.ଏଡ୍ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣା ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ରବିବାର ଏ ସଂକ୍ରାନ୍ତରେ ଓଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଛାତ୍ରୀଙ୍କୁ କ୍ଷତିପୂରଣ ଦାବି କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ସଚିବ, ବାଲେଶ୍ୱର ଜିଲାପାଳ, ପୂର୍ବାଞ୍ଚଳ ଡିଆଇଜିଙ୍କୁ କମିଶନ ନୋଟିସ୍ କରି ଏହି ଘଟଣାରେ ଶୀଘ୍ର ତଦନ୍ତ କରି ନ୍ୟାୟ ଦେବା ଲାଗି ନିଶ୍ଚିତ କରିବାକୁ ସେ ପ୍ରାର୍ଥନା କରିଛନ୍ତି। ଏଥିସହ ଏମ୍‌ସରେ ଚିକିତ୍ସାଧୀନ ଗୁରୁତର ଛାତ୍ରୀଙ୍କ ସୁସ୍ଥ ପାଇଁ ଆବଶ୍ୟକ ପଦକ୍ଷେପ ଯୋଗାଇବାକୁ ପିଟିଶନ୍‌ରେ ଅନୁରୋଧ କରାଯାଇଛି। ଏଭଳି ଘଟଣାର ପୁନରାବୃତ୍ତି ନ ହେବାକୁ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଉ। ଏଥିସହ ଛାତ୍ରୀଙ୍କୁ ଏକ କୋଟି କ୍ଷତିପୂରଣ ରାଶି ଯୋଗାଇବାକୁ କମିଶନ ସୁପାରିସ କରିବେ ବୋଲି ପ୍ରଦୀପ୍ତ ଆଶା ରଖିଥିବା ଅଭିଯୋଗରେ ଦର୍ଶାଇଛନ୍ତି।



ଅଧ୍ୟାପକଙ୍କ ନିର୍ଯାତନା ସମ୍ପର୍କରେ ପୀଡ଼ିତା ଜୁନ୍ ୩୦ ତାରିଖରେ କଲେଜ ଅଧ୍ୟକ୍ଷଙ୍କ ନିକଟରେ କରିଥିବା ଅଭିଯୋଗ ସଂକ୍ରାନ୍ତରେ ଜୁଲାଇ ୧ରେ ସୋସିଆଲ୍ ମିଡିଆ 'X'ରେ କରିଥିବା ପୋଷ୍ଟ।

# ତଥ୍ୟ ଅନୁସନ୍ଧାନକାରୀ କମିଟି ଗଠନ କଲା ପିସିସି

- ମହିଳା କଂଗ୍ରେସ ସଭାନେତ୍ରୀ କମିଟି ଅଧ୍ୟକ୍ଷା
- ବାଲେଶ୍ୱର ଗସ୍ତ କରି ରିପୋର୍ଟ ସଂଗ୍ରହ କରିବ ୮ ଜଣିଆ ଟିମ୍

ଭୁବନେଶ୍ୱର,୧୩।୭(ସୁନିତ୍ ମିଶ୍ର)

ଫକୀର ମୋହନ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ଦ୍ୱିତୀୟ ବର୍ଷର ଛାତ୍ରୀ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହୋଇ ଆତ୍ମହତ୍ୟା ଉଦ୍ୟମ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଜଣଙ୍କ ଏବେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାର ତଦନ୍ତ ଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଦଳ ପକ୍ଷରୁ ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ଗଠନ ହୋଇଛି। ଏହି କମିଟିରେ ମୋଟ୍ ୮ ଜଣ ସଦସ୍ୟ ରହିଛନ୍ତି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କମିଟିର ଅଧ୍ୟକ୍ଷା ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଗାୟତ୍ରୀ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମଧୁସ୍ମିତା ସେଠୀ, ପ୍ରଣତୀ ମିଶ୍ର, ଜୟଶ୍ରୀ ପାତ୍ର, ଦେବସ୍ମିତା ଶର୍ମା ଏବଂ ସୁସ୍ମିତା ଘୋଷାଲ ଏଥିରେ ରହିଛନ୍ତି। ଏହି କମିଟି ଖୁବ୍‌ଶୀଘ୍ର ବାଲେଶ୍ୱର ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ରିପୋର୍ଟ ପ୍ରଦାନ କରିବା ପାଇଁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ କଂଗ୍ରେସ ରାଜ୍ୟ ମହିଳା ନେତ୍ରୀ ମୀନାକ୍ଷୀ ବାହିନୀପତି ଓ ଅନ୍ୟମାନେ।

## ପୀଡିତାଙ୍କ ଚିକିତ୍ସା ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ

ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଏକାମ୍ର ବିଧାୟକ ବାବୁ ସିଂ ଏମ୍‌ସ ଯାଇ ପୀଡିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସ୍ଥିତି ଅନୁଧ୍ୟାନ କରିଥିଲେ। ପୀଡିତାଙ୍କ ଉନ୍ନତ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏମ୍‌ସର ନିର୍ଦ୍ଦେଶକ ଏବଂ ଡାକ୍ତର ସହ ଏନେଇ ଆଲୋଚନା କରାଯାଇଛି। ସରକାରଙ୍କ ପକ୍ଷରୁ ପୀଡିତାଙ୍କ ସମସ୍ତ ପ୍ରକାର ଚିକିତ୍ସା ଯୋଗାଇ ଦିଆଯାଉଛି ଓ ଆଗକୁ ଯାହା ଆବଶ୍ୟକ ପଡ଼ିବ କରାଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ପୀଡିତାଙ୍କ ପରିବାରକୁ ଭେଟିବା ସହିତ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଭୟ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ରାସ୍ତାକୁ ଓହ୍ଲାଇଲା ଏଆଇଏମ୍‌ଏସ୍‌ଏସ୍



ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର,୧୩।୭(ସୁଚିସ୍ମିତା ସାହୁ)

ନିର୍ଯାତନା ସହି ନ ପାରି ଏଫ୍‌ଏମ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍‌ଏସ୍‌ଏସ୍) ପକ୍ଷରୁ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ରୀ ଜଣକ ଦୀର୍ଘ ଆଠ/ନଅ ମାସ ଧରି ଅଧ୍ୟାପକଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହୋଇଆସୁଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ ଓ ପୋଲିସକୁ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଛାତ୍ରୀ ଜଣକ ଆତ୍ମାହୁତି ପରି ଚରମ ନିଷ୍ପତ୍ତି ନେଇଥିଲେ। ଏହି ଘଟଣା ସାରା ଓଡ଼ିଶାର ଜନସାଧାରଣଙ୍କୁ ଗଭୀର ମର୍ମାହତ କରିଛି। ଏପରି ଘଟଣାର ପୁନରାବୃତ୍ତି ନ ହେବା ଲାଗି ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ନିରାପତ୍ତା, ଶିକ୍ଷାନୁଷ୍ଠାନରେ ସମସ୍ତ ପ୍ରକାର ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ନୀତି ବନ୍ଦ ପାଇଁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ସଙ୍ଗଠନର ଉପସଭାନେତ୍ରୀ ନିୟତି ଜାନାଙ୍କ ସଭାପତିତ୍ୱରେ ଆୟୋଜିତ ବିକ୍ଷୋଭରେ ସଭାନେତ୍ରୀ ବିଜୟା ଲକ୍ଷ୍ମୀ ପାତ୍ର, ସମ୍ପାଦିକା ପ୍ରଭାମଞ୍ଜୁଳା ବ୍ରହ୍ମ, ଉପସଭାନେତ୍ରୀ ପ୍ରବାସିନୀ ରାଉଳ, ଶୁଭ୍ରାଶ୍ରୀ ଦାସ, ସୁନିତା ପାଣିଗ୍ରାହୀ, ନନ୍ଦିତା ମାହାତୋ, ଲକ୍ଷ୍ମୀ ବେଉରିଆ, ବୀଣା ସାମଲ, ସରଳା ସାହୁ ପ୍ରମୁଖ ସାମିଲ ହୋଇଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବିରେ ରବିବାର ନବ ନିର୍ମାଣ ଛାତ୍ର ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି: ଛାତ୍ର, ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୧୩।୭(ସୁନିତ୍ ମିଶ୍ର)


ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ ଉଦ୍ୟମ କରୁଛନ୍ତି ଯୁବ ଓ ଛାତ୍ର କଂଗ୍ରେସ କର୍ମୀ।

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା ପ୍ରସଙ୍ଗରେ ରବିବାର ପ୍ରଦେଶ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଏବଂ ପୋଲିସ ମଧ୍ୟରେ ପ୍ରାୟ ଘଣ୍ଟାଏ ଧରି ଧସ୍ତାଧସ୍ତି ପରିସ୍ଥିତି ଲାଗି ରହିବା ପରେ ପୋଲିସ ବ୍ୟାରିକେଡ୍‌କୁ ଆନ୍ଦୋଳନକାରୀ ଭାଙ୍ଗି ଦେଇଥିଲେ। ପୋଲିସ ସେଠାରୁ ଭ୍ୟାନ ଯୋଗେ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲା। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି କହିଛନ୍ତି, ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲା ପୋଲିସ ପ୍ରଶାସନ ଦାୟୀ। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗକୁ ପରିଚାଳନା କରିବାରେ ବିଫଳ ଅଯୋଗ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ସମଗ୍ର ଘଟଣା ପାଇଁ ଦାୟୀ ଏବଂ ସେ ତୁରନ୍ତ ଇସ୍ତଫା ଦିଅନ୍ତୁ। ଓଡ଼ିଶାରେ ସରକାରୀ ଓ ବେସରକାରୀ ଶିକ୍ଷା ବିଭାଗର କ୍ୟାମ୍ପସରେ ମହିଳା ଅସୁରକ୍ଷିତ। ସୁତରାଂ କ୍ୟାମ୍ପସରେ ଛାତ୍ରୀଙ୍କୁ ସୁରକ୍ଷା ଦେଇପାରୁ ନ ଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ତୁରନ୍ତ ନିଜ ପଦ ଛାଡ଼ନ୍ତୁ। ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ କହିଛନ୍ତି, ମୋହନ ସରକାର ଏକ ଛାତ୍ର ବିରୋଧୀ। ପୀଡ଼ିତା ନ୍ୟାୟ ପାଇବା ପାଇଁ କଲେଜର ଅଧ୍ୟକ୍ଷ, ଥାନା, ବାଲେଶ୍ୱର ସାଂସଦ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଯୋଗାଯୋଗ କରିଛନ୍ତି। କିନ୍ତୁ ତାଙ୍କୁ ନ୍ୟାୟ ମିଳିନାହିଁ। ଶେଷରେ ହତାସ ହୋଇ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ ବୋଲି ସେ କହିଛନ୍ତି।

# ରାଷ୍ଟ୍ରପତିଙ୍କୁ ଭେଟିବାକୁ ସମୟ ଲୋଡ଼ିଲା ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର, ୧୩।୭(ସୁନିତ୍ ମିଶ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ବିଜୁ ମହିଳା ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ତାଙ୍କୁ ଭେଟିବା ସହ ରାଜ୍ୟରେ ଗତ ବର୍ଷେ ଭିତରେ ଭାଜପା ଶାସନରେ ନାରୀ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ପ୍ରସଙ୍ଗରେ ଆଲୋଚନା କରିବେ। ଏଥିଲାଗି ପତ୍ର ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରାଯାଇଛି।

ଶଙ୍ଖ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବିଧାୟକ ତଥା ମୁଖ୍ୟ ସଚେତକ ପ୍ରମିଳା ମଲିକ କହିଛନ୍ତି, ବାଲେଶ୍ୱର ଏଫଏମ୍ ଅଟୋନୋମସ୍ କଲେଜର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ରାଜ୍ୟରେ ମହିଳା, ଛାତ୍ରୀ ଅସୁରକ୍ଷିତ ହୋଇ ପଡ଼ିଥିବା ବିଷୟର ସଦ୍ୟତମ ଉଦାହରଣ । ଏହି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ପୀଡ଼ିତା ଛାତ୍ରୀ ନ୍ୟାୟ ପାଇଁ ବିଧିବଦ୍ଧ ଭାବେ କଲେଜ କର୍ତ୍ତୃପକ୍ଷଙ୍କ ପାଖରେ ଅଭିଯୋଗ କରିବା ସହିତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହା ଛଡ଼ା ସେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଭାବେ ଭେଟି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏମାନଙ୍କ ଭିତରୁ କେହି ଛାତ୍ରୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲେ। ଛାତ୍ରୀ ଜଣକ ନ୍ୟାୟ ପାଇବାରେ ବିଫଳ ହେବା କାରଣରୁ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲେ। ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଏମ୍ସଠାରେ ଭାଜପାର କିଛି ଗୁଣ୍ଡା ଶ୍ରେଣୀୟ ଯୁବକ ବାହାରେ ଜଗି ରହିଛନ୍ତି। ପୀଡ଼ିତାଙ୍କୁ ଭେଟିବାକୁ ଯାଉଥିବା ବିଭିନ୍ନ ସଙ୍ଗଠନର ବ୍ୟକ୍ତିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଟୁକୁନି ସାହୁ କହିଛନ୍ତି, ଇ-ମେଲ ମାଧ୍ୟମରେ ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ ପାଇଁ ଅନୁରୋଧ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବାକୁ ବିଜୁ ଯୁବ, ଛାତ୍ର ନେତାଙ୍କ ଉଦ୍ୟମ



ଭୁବନେଶ୍ୱର, ୧୩।୭(ସୁନିତ୍ ମିଶ୍ର)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ବିଏବିଏଡ୍ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ଯୌନ ନିର୍ଯାତନାର ଶିକାର ଛାତ୍ରୀଜଣକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ କଲେଜ କର୍ତ୍ତୃପକ୍ଷ ଓ ପୋଲିସର ନିଷ୍କ୍ରିୟତା ସରକାରର ଅସଲ ମୁଖା ଖୋଲି ଦେଇଛି। ଛାତ୍ରୀଙ୍କୁ ନ୍ୟାୟ ଏବଂ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସରକାର ବିରୋଧରେ ରବିବାର ଯୁବ ଓ ଛାତ୍ର ବିଜେଡିର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଉଦ୍ୟମ କରିଛନ୍ତି। ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିଜେଡି ଯୁବ ଓ ଛାତ୍ର କର୍ମୀମାନେ ନାରାବାଜି କରିଥିଲେ। ଅନ୍ୟ ଘଟଣା ଓ ମାମଲା ବେଳକୁ ଭାଜପା ସମର୍ଥିତ ଛାତ୍ର ସଂଗଠନ ଏବିଭିପି ଆନ୍ଦୋଳନ କରି ରାଜରାସ୍ତାକୁ ଆସୁଥିଲାବେଳେ ଏଫ୍‌ଏମ୍ କଲେଜରେ ଘଟିଥିବା ସଙ୍ଗିନ ଘଟଣାକୁ ନେଇ କାହିଁକି ତତ୍ପରତା ପ୍ରକାଶ କରୁନାହିଁ ବୋଲି ବିଜେଡି ପ୍ରଶ୍ନ ଉଠାଇଛି। ଭାଜପା ସରକାର ନିଜର ଦୋଷ ତ୍ରୁଟିକୁ ତରବରିଆ ଭାବେ ଚାପିଦେବାକୁ ଚେଷ୍ଟା କରୁଛି ବୋଲି ଯୁବ ଓ ଛାତ୍ର ବିଜେଡି ଅଭିଯୋଗ କରିଛି। ପୀଡ଼ିତା ଜଣକ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ, ଯାହାକୁ ପ୍ରତାପ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି, ହେଲେ ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ସେ ଗ୍ରହଣ କଲେନାହିଁ। ତେବେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଯିବାବେଳେ ପୋଲିସ ସହ ବିଜୁ ଯୁବ ଓ ଛାତ୍ର ନେତାମାନଙ୍କ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ପୋଲିସ କେତେଜଣଙ୍କୁ ଉଠାଇ ନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଛି।

# ସରକାରଙ୍କୁ ବିରୋଧୀ ନେତାଙ୍କ କଡ଼ା ସମାଲୋଚନା

**ବାଲେଶ୍ୱର ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

- **ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ**
- **ସ୍ଥାନୀୟ ବିଧାୟକ ଏବଂ ଏମ୍‌ପିଙ୍କୁ ପ୍ରଥମେ ନିଲମ୍ବନ କରାଯାଉ: ଭକ୍ତ**
- **ଯଦି ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ଅବସ୍ଥା ଏଭଳି, ସାଧାରଣ ମହିଳା କ'ଣ କରିବେ: ପଓ୍ୱନ ଖେରା**

ଭୁବନେଶ୍ୱର, ୧୩।୭(ସୁନିତ୍ ମିଶ୍ର)

ବାଲେଶ୍ୱର ଜିଲା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହେବାପରେ ନ୍ୟାୟ ନ ପାଇ ଆତ୍ମହତ୍ୟା ଉଦ୍ୟମ କରି ଏବେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ଏବେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଏହି ଘଟଣାରେ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ନବୀନ କହିଛନ୍ତି, ଗୋଟିଏ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ଆଶ୍ଚର୍ଯ୍ୟଜନକ ଘଟଣା। ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଛାତ୍ରୀ ଜଣକ ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ। ଜଣେ ଅଧ୍ୟାପକ ତାଙ୍କୁ ଯୌନ ଶୋଷଣ କରିବାକୁ ବାଧ୍ୟ କରୁଥିବା କଥା ଛାତ୍ରୀ ଜଣକ କଲେଜ ଅଧ୍ୟକ୍ଷଙ୍କୁ ଜଣାଇବା ସହିତ ପୂର୍ବରୁ ମଧ୍ୟ ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ବଞ୍ଚିଯାଇଥିବା କଥା କହିଥିଲେ। ପୀଡ଼ିତା ଜଣକ ଭୟଭୀତ ଅବସ୍ଥାରେ ବଞ୍ଚୁଥିଲେ। ତାଙ୍କ ପ୍ରତି ହେଉଥିବା ନିର୍ଯାତନା ଘଟଣା ସେ ସାମାଜିକ ଗଣମାଧ୍ୟମ ଜରିଆରେ ଜଣାଇଥିଲେ। ଉକ୍ତ ପୋଷ୍ଟରେ ସେ ଏକାଧିକ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଟ୍ୟାଗ୍ କରିଥିଲେ। ହେଲେ କୌଣସିଠାରୁ ନ୍ୟାୟ ନ ପାଇ ସେ ନିଜ ଦେହରେ ନିଆଁ ଲଗାଇବାକୁ ବାଧ୍ୟ ହେଲେ। ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ହେଉଛନ୍ତି ରାଜ୍ୟପାଳ। ତେଣୁ ରାଜ୍ୟପାଳ ଏହି ଘଟଣାରେ ହସ୍ତକ୍ଷେପ କରି ପୀଡ଼ିତାଙ୍କୁ ନ୍ୟାୟ ଦିଅନ୍ତୁ ବୋଲି ସେ କହିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଏମ୍ସ ଡାକ୍ତରଙ୍କ କହିବାନୁଯାୟୀ ପୀଡ଼ିତାଙ୍କୁ ୨ ଘଣ୍ଟା ବିଳମ୍ବରେ ଆଣିଥିଲେଜ ବହୁତ ଅସୁବିଧା ହୋଇଥାଆନ୍ତା। ୬ ମାସ ହେଲା ପୀଡ଼ିତା ନିର୍ଯାତିତ ହୋଇଛନ୍ତି। ସେ ଏତଲା ଦେବା ସହିତ ତାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ତାହା ଶେୟାର କରିଛନ୍ତି। ଏବିଭିପିର ଜଣେ ନେତ୍ରୀ ପୀଡ଼ିତାଙ୍କୁ ସ୍ଥାନୀୟ ବିଧାୟକଙ୍କ ନିକଟକୁ ନେଇଥିଲେ। ଆର୍‌ଏସ୍‌ଏସ୍‌ର ଜଣେ ପ୍ରମୁଖ ନେତା ବୋଲି ନିଜକୁ କହୁଥିବା ସ୍ଥାନୀୟ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଏହି ଅଭିଯୋଗ ପାଇବା ପରେ କ'ଣ କରିଛନ୍ତି। ପ୍ରତାପ ଷଡ଼ଙ୍ଗୀ ଏଥିରେ ମୁଖ୍ୟ ଦୋଷୀ, କାରଣ ସେ ନ୍ୟାୟ ଦେଇପାରିଲେ ନାହିଁ। ସେ କେଉଁସବୁ ପଦକ୍ଷେପ ଏହି ଘଟଣାରେ ନେଇଛନ୍ତି ତା'ର ଉତ୍ତର ରଖନ୍ତୁ। ଭାଜପା ମହିଳାଙ୍କୁ ସମ୍ମାନ ଦେବା ଜାଣିନାହିଁ। ଲୋକଙ୍କ କାମ ଯଦି ନ କରିପାରିବେ, ତେବେ ସେଠାକାର ବିଧାୟକ ଏବଂ ଏମ୍‌ପିଙ୍କୁ ଦଳରୁ ନିଲମ୍ବିତ କରାଯାଉ। ପ୍ରିନ୍ସିପାଲଙ୍କୁ ଏଯାଏ ଗିରଫ କରାଯାଇନାହିଁ। ସୋମବାରଠାରୁ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଭକ୍ତ କହିଛନ୍ତି।

ଅନ୍ୟପଟେ କଂଗ୍ରେସର ବରିଷ୍ଠ ନେତା ପଓ୍ୱନ ଖେରା ମଧ୍ୟ ଏହି ଘଟଣାକୁ ନିନ୍ଦା କରି କହିଛନ୍ତି, ଏହା ଏକ ଜାତୀୟ ପ୍ରସଙ୍ଗ। ଜଣେ ଛାତ୍ରୀ ନ୍ୟାୟ ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କଲେ। ହେଲେ କେହି ତାଙ୍କ କଥା ଶୁଣିଲେ ନାହିଁ। ସ୍ଥାନୀୟ ତଥା ଶାସକ ଦଳର ଏମ୍‌ପି ଅଧ୍ୟାପକଙ୍କ ଇସ୍ତଫା ଦାବି କଲେ, ହେଲେ ତାଙ୍କ କଥା ମଧ୍ୟ ଶୁଣାଗଲାନି। ଡବଲ ଇଞ୍ଜିନ ସରକାର ଏକ ହାସ୍ୟାସ୍ପଦ ପାଲଟିଛି। ଭାଜପା ଶାସିତ ରାଜ୍ୟରେ ପୀଡ଼ିତା ଜଣକ ହେଉଛନ୍ତି ଏବିଭିପିର ଜଣେ କାର୍ଯ୍ୟକର୍ତ୍ତା । ଯଦି ଏବିଭିପି କାର୍ଯ୍ୟକର୍ତ୍ତା ଏହି ଅବସ୍ଥା ଭୋଗୁଛନ୍ତି, ସାଧାରଣ ମହିଳାଙ୍କ ଦଶା କ'ଣ ଥିବ ବୋଲି ସେ ପ୍ରଶ୍ନ କରିଛନ୍ତି। ମୋଦି ଭକ୍ତମାନେ ଏବେ ଜାଗ୍ରତ ହୁଅନ୍ତୁ, ବେଟି ବଚାଓ, ବେଟି ପଢାଓ କେବଳ ପ୍ରଚାରରେ ପରିଣତ ହୋଇଛି ବୋଲି ଖେରା କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ମାଈହାତୀ ମୃତ

ନାକଟିଦେଉଳ, ୧୩।୭
(ବୈକୁଣ୍ଠନାଥ ସାହୁ)


ମୃତ ହାତୀ

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ସରାପାଲି ଫରେଷ୍ଟ ବିଟ୍ ଅନ୍ତର୍ଗତ ଟିକିଲିପଡ଼ା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଏକ ମାଈହାତୀର ମୃତ୍ୟୁ ଘଟିଛି। ସୋଲାର ଫେନ୍‌ସିଂ ତାର ଟାଣିବାକୁ ନିର୍ଦ୍ଦେଶଥିଲେ ମଧ୍ୟ ଜଣେ ବ୍ୟକ୍ତି ମେନ ବିଦ୍ୟୁତ୍ ତାରରେ ଏହାକୁ ସଂଯୋଗ କରିଥିବାରୁ ଏହା ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ହାତୀମୃତ୍ୟୁ ଘଟଣାରେ ବନ ବିଭାଗ ଟିକିଲିପଡ଼ା ଗ୍ରାମର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ହାତୀମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଅପରାହ୍ନରେ ଭୁବନେଶ୍ୱରରୁ ଏକ ଏସ୍‌ଟିଏଫ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ ନାକଟିଦେଉଳ ବନାଞ୍ଚଳ ଟିକିଲିପଡ଼ା ଗ୍ରାମରେ ଗତ କିଛି ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ଗ୍ରାମର ଚାଷୀମାନଙ୍କ ତଳି କିଆରିରେ ପଶି ହାତୀପଲ ବ୍ୟାପକ କ୍ଷୟକ୍ଷତି ଘଟାଇ ଆସୁଥିଲେ। ଶନିବାର ରାତିରେ ମଧ୍ୟ ଏକ ୯ ଘରିଆ ହାତୀପଲ ଗ୍ରାମକୁ ଆସିଥିବାବେଳେ ବନ ବିଭାଗ ଏବଂ ଗ୍ରାମବାସୀ ମିଳିତ ଭାବେ ସେମାନଙ୍କୁ ଘଉଡ଼ାଇଥିଲେ। ତେବେ ବିଳମ୍ବିତ ରାତି ପ୍ରାୟ ୨ଟା ୩୦ରେ ହାତୀପଲ ଧାନକ୍ଷେତରୁ ଜଙ୍ଗଲ ଆଡକୁ ପଳାଉଥିବା ବେଳେ କ୍ଷେତ ସଂଲଗ୍ନ ଏକ ଖସଡ଼ା ଜଙ୍ଗଲରେ ଧାନ କ୍ଷେତକୁ ସୁରକ୍ଷା ଦେବା ପାଇଁ ଜଣେ ଚାଷୀଙ୍କ ଦ୍ୱାରା ଟଣା ଯାଇଥିବା ସୋଲାର ଫେନ୍‌ସିଂ ତାରରେ ଲାଗି ଏକ ୬ବର୍ଷର ମାଈହାତୀର ମୃତ୍ୟୁ ଘଟିଥିବା ରେଢ଼ାଖୋଲ ଡ଼ିଏଫଓ ଡ. ଇଲାଭରସନ କେ କହିଛନ୍ତି। ଏହି ଘଟଣା ଜଣାପଡିବା ପରେ ରବିବାର ସକାଳେ ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି. ଅଶୋକ କୁମାର, ରେଢ଼ାଖୋଲ ଡ଼ିଏଫଓ ଡ. ଇଲାଭରସନ କେ, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ପ୍ରାଣୀଧନ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୋମବାର ମୃତହାତୀର ବ୍ୟବଚ୍ଛେଦ କରାଯିବ ବୋଲି ଡ଼ିଏଫଓ ଡ. ଇଲାଭରସନ କେ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟ ୧୭ରେ ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନର ଚହଟାପଦାଠାରେ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ଅନୁରୂପଭାବେ ନଭେମ୍ବର ୧୮ ତାରିଖରେ ଘୋଷରାମାଳ ଫରେଷ୍ଟ ସେକ୍ସନ ଅଧୀନ ବୁରୋମାଲ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ୩ ହାତୀଙ୍କ ମୃତ୍ୟୁ ଘଟିଥିଲା।

## ଦୋଷୀଙ୍କୁ ଛଡ଼ାଯିବନି: ମୁଖ୍ୟମନ୍ତ୍ରୀ

- **ଘଟଣାର ତଦନ୍ତ ଲାଗି ନାକଟିଦେଉଳ ଗଲା ଭୁବନେଶ୍ୱରର ଏକ ଟିମ୍**
- **ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟଙ୍କ ନେତୃତ୍ୱରେ ହେବ ତଦନ୍ତ**
- **ଘଟଣାସ୍ଥଳରେ ବନ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ**

ଭୁବନେଶ୍ୱର, ୧୩।୭(ସୁନିତ୍ ମିଶ୍ର)

ସମ୍ବଲପୁର ରେଢ଼ାଖୋଲ ଫରେଷ୍ଟ ଡିଭିଜନର ନାକଟିଦେଉଳ ଅଞ୍ଚଳର ସରପାଲି ଗାଁରେ ଜଣେ ବ୍ୟକ୍ତିଙ୍କ ହୁକ ପକା ଘଟଣା ଯୋଗୁ ରବିବାର ପ୍ରତ୍ୟୁଷରେ ଗୋଟିଏ ୫ ବର୍ଷର ମାଈ ହାତୀର ମୃତ୍ୟୁ ହୋଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଉକ୍ତ ଘଟଣାରେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି। ଏହାସହ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରାଯିବ ବୋଲି ମଧ୍ୟ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏ ଘଟଣାର ତଦନ୍ତ ପାଇଁ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ ମନୋଜ ନାୟାରଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱରରୁ ନାକଟିଦେଉଳ ଅଭିମୁଖେ ଗସ୍ତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଞ୍ଚଳର ଉଚ୍ଚ ପଦସ୍ଥ ବନ ବିଭାଗ ଅଧିକାରୀ ଓ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଘଟଣା ସ୍ଥଳକୁ ଯାଇ ଅନୁସନ୍ଧାନ କରୁଛନ୍ତି।

BIRLA INSTITUTE OF TECHNOLOGY (BIT)
Deemed to be University u/s 3 of UGC Act 1956
Mesra, Ranchi- 835215
70 Years of Academic Excellence
Platinum Jubilee Celebration

ADMISSION NOTIFICATION 2025 - (Special Round) — Since 1955

Under Graduate Programmes

Bachelor in Hotel Management (BHM)
BIT Mesra (Main Campus)

B.Pharma.
BIT Mesra (Main Campus)

B.Sc. Chemistry
BIT Mesra (Main Campus)

BBA
BIT Deoghar, BIT Jaipur, BIT Noida, BIT Patna Off campuses

BCA
BIT Mesra (Lalpur Unit), BIT Deoghar, BIT Jaipur, BIT Noida, BIT Patna Off campuses

B.Sc. (Hons.) Programs: Artificial Intelligence and Machine Learning, Mathematics & Computing
BIT Deoghar Off campus

B.Sc. Programs: Computer Science, Animation & Multimedia
BIT Noida Off campus

B.Sc. Programs: Visual Communication, Business Analytics, Artificial Intelligence & Data Science, Animation & Multimedia
BIT Jaipur Off campus

Bachelor of Commerce (Hons./Hons. with Research) Discipline-Specific Electives in Financial Analytics in collaboration with NSE Academy
BIT Noida Off campus

B.Tech. Programmes {through JEE Mains CRL}
BIT Jaipur Off campus

Post Graduate Programmes

M.Tech. Programs: Biotechnology, Civil Engineering, Electrical Engineering, Electronics and Communication Engineering, Artificial Intelligence and Machine Learning, Mechanical Engineering, Production and Industrial Engineering, Remote Sensing, Electric Vehicle Technology, Aerospace Engineering
BIT Mesra (Main Campus)

Online MBA
Online Programme

Master of Urban Planning (MUP)
BIT Mesra (Main Campus)

M.Sc. Programs: Chemistry, Biotechnology, Physics, Environmental Science and Technology
BIT Mesra (Main Campus)

M.Tech. Programs: ECE (Wireless Communication), Computer Science and Engineering
BIT Patna Off Campus

MBA
BIT Mesra (Main Campus), BIT Mesra (Lalpur Unit), BIT Noida, BIT Patna Off campuses

M.Sc. Programs: Animation Design, Artificial Intelligence & Data Science
BIT Jaipur Off campus

A pioneer in entrepreneurship promotion (STEP) and Space Eng. & Rocketry with outstanding record of academic leadership, engineering innovation.

Non-Resident Indian (NRI), Overseas Citizen of India [OCI], Foreign Nationals (FN) Candidate - UG,PG,Ph.D. (BIT Mesra – Main campus)

Attractive Scholarship | Special Financial Support for Conference & Travel Available for Meritorious Students. State-of-the-Art Research Facility for PG & Doctoral Students.

Apply Online — For Last Date of Online Application & Other Details, please visit the Admission Page at our Website: www.bitmesra.ac.in

0651-2275868 | 95080 50840 | Toll Free No: 1800-345-7057, 1800-345-7058
admissions@bitmesra.ac.in, adaac@bitmesra.ac.in, daac@bitmesra.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏଆଇଡିଏସ୍ଓ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଓ ସଙ୍ଗୀତ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ଲଟ ନଂ. ୧୭୯, ଶହୀଦ ନଗର, ସମୟ: ଅପରାହ୍ନ ୪ଟା।
- ଗଙ୍ଗାଧର ମହାପାତ୍ର ଫାଉଣ୍ଡେଶନ ପକ୍ଷରୁ ଗଙ୍ଗାଧର ମହାପାତ୍ରଙ୍କ ୧୧୨ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ ପରିସର, ଜଳେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଆଗରପଡ଼ା–ବରପଦା ରାସ୍ତା ମରାମତି ଦାବିରେ କଂଗ୍ରେସର ରାସ୍ତାରୋକୋ, ସ୍ଥାନ: ମୁଖ୍ୟ ବଜାର ଛକ, ଆଗରପଡ଼ା, ସମୟ: ସକାଳ ୮ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପଞ୍ଚପଲ୍ଲୀ ଗ୍ରାମେଶ୍ୱର ପୀଠରେ ଜଳାଭିଷେକ, ସ୍ଥାନ: ନାରଦିଆ ପଞ୍ଚାୟତ, ଏରସମା, ସମୟ: ପ୍ରାତଃ ୫ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଡେରାବିଶ, ସମୟ: ସକାଳ ୧୦ଟା।

## ଯାଜପୁର

- ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ରୋଡ କେଏନଡିଏ ଅଫିସ ପରିସର, ସମୟ:ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଜିଲାପାଳଙ୍କ ଜନଶୁଣାଣୀ ଶିବିର, ସ୍ଥାନ:ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବୋଲବମ ଭକ୍ତଙ୍କ ଜଳଲାଗି, ସ୍ଥାନ:ଜିଲାର ବିଭିନ୍ନ ଶୈବପୀଠ, ସମୟ: ଭୋର ୫ଟାରୁ।
- ଗାଁ କଲ୍ୟାଣ ସମିତିର ମାସିକ ବୈଠକ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ପାଇକସାହି ମହାଲକ୍ଷ୍ମୀ ପୂଜା ପଡିଆ, ମୁନିଗୁଡା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ ଟା ।
- ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ମହାସଂଘ ତରଫରୁ ରାଲି, ସ୍ଥାନ: ମୁନିଗୁଡା ରେଳ ଷ୍ଟେଶନ ଛକଠାରୁ ବିଇଓ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା ।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଚାନ୍ଦାହାଣ୍ଡି ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା।
- ମା ପେଣ୍ଡ୍ରାଣିଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ହବ ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଅଡିଟୋରୀୟମ, ସମୟ : ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧୁଗାଁ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ବଡ ସୁକୁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପାଛଲୁଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ରେଙ୍ଗା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୭ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନ ଆୟୋଜିତ ମିଳତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଜମନକିରା ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଆସାମର କବି ଓ ସାହିତ୍ୟିକଙ୍କ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : କଚେରୀ ଛକ ସ୍ଥିତ ଅହମିୟା କବି ଲକ୍ଷ୍ମୀନାଥ ବେଜବରୁଆ ସାଧନା ପୀଠ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଦିନ୍ ସକାଶେ ସମ୍ବଲପୁରୀ ଏକତା ମଞ୍ଚର ଫେଶନ ଶୋ ପ୍ରସ୍ତୁତି ବୈଠକ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ କବିତା ପାଠେସ୍ୱବ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦ ।
- ରୋଟାରୀ କ୍ଲବ ଅଫ ସମ୍ବଲପୁର ଗ୍ରେଟରର ଅଧିଷ୍ଠାନ ସମାରୋହ, ସ୍ଥାନ : ଚାରଭାଟି ଛକ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ଦିଶା ବୈଠକ ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ଅପରାହ୍ଣ ୨ଟା ।

## ରାଉରକେଲା

- ବୋଲବମ୍ ଶ୍ରାବଣ ମେଳା, ସ୍ଥାନ: ବେଦବ୍ୟାସ ଶୈବପୀଠ, ସମୟ: ଭୋର ୪ଟା।
- ଆନ୍ତଃ ବିଦ୍ୟାଳୟ ସ୍ତରୀୟ ଚେସ୍ ପ୍ରତିଯୋଗିତା, ସ୍ଥାନ: ସେକ୍ଟର–୧୪, ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୯ଟା।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୦ଟା।
- ମିଶ୍ରଣ ପର୍ବ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୩ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ସାହିତ୍ୟ ସମାରୋହ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ମାଧବ ଆଶ୍ରମରେ ଭାଗବତ ପାରାୟଣ, ସ୍ଥାନ: ଦୁର୍ଗାପୁର ହିଲ୍ ସାଇଡ, ସମୟ: ସନ୍ଧ୍ୟା ୬ଟା।
- ରୋଟାରୀ କ୍ଲବ ଅଫ୍ ଅର୍ବାନର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର–୧୯, ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

ରୋଟାରୀ କ୍ଲବ ସୁନ୍ଦରଗଡପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ,ସ୍ଥାନ: ସୁନ୍ଦରଗଡ ନୂଆପଡା ସ୍ଥିତ ଅଷ୍ଟପ୍ରହରୀ ପଡ଼ିଆ, ସମୟ:ସକାଳ ୯ ଟା।

## ବରଗଡ଼

- ଶିବ ପୁରାଣ ପାରାୟଣ,ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ,ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଦ୍ମପୁର, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଧବଳେଶ୍ୱର ମନ୍ଦିରରେ ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଜଳଶାୟୀ ଓ ନାମ ସଂକୀର୍ତ୍ତନ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବରିଷ୍ଠ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବୀରମହାରାଜପୁର ପ୍ରସିଦ୍ଧ ଶୈବପୀଠ ଚମ୍ପାମାଳ ଚମ୍ପେଶ୍ୱର ମହାଦେବଙ୍କଠାରେ ଜଳ ଲାଗି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋମନା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋମନା ବ୍ଲକ କୁରୁମପୁରି ଧାନ ମଣ୍ଡି, ସମୟ: ଅପରାହ୍ନ ୩ ଟା।
- ଶ୍ରାବଣ ପ୍ରଥମ ସୋମବାର ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପତୋରା ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ ଅର୍ଥନୈତିକ ଅଭିବୃଦ୍ଧି ମନକୁ ଖୁସି ରଖିବ। ଯାତ୍ରା ପ୍ରୀତିପ୍ରଦ ରହିବା ସହ ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସୁନାମ ଅର୍ଜନ କରିବେ । କର୍ମକ୍ଷେତ୍ରରେ କାମ ହାସଲର ଅନୁକୂଳ ସୂଚନା ପାଇ ମନ ହାଲୁକା ହୋଇଯିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ବନ୍ଧୁଙ୍କ ସାହାଯ୍ୟ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ଅର୍ଥାଭାବର ସାମ୍ନା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବାର ସମ୍ଭାବନା ରହିଛି। ହୋଟେଲ, ରେଷ୍ଟୁରାଣ୍ଟ, ଯାନ୍ତ୍ରିକ ଜିନିଷ, ଯାନବାହନ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ମିଥୁନ** ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଅନ୍ୟମାନଙ୍କୁ ପାଖେଇ ଆଣିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମକୁ ଦେଖି ମାନସିକ ଆଘାତ ପାଇପାରନ୍ତି। ଅଫିସିଆଲି ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ କାମର ଚାପ ମାନସିକ ବ୍ୟଥାର କାରଣ ହେବ। ବନ୍ଧୁ ଅର୍ଥଲାଭର ସୁବିଧା କରାଇଲେ ମଧ୍ୟ ପାରିବାରିକ କ୍ଷେତ୍ରକୁ ବିପଦସଙ୍କୁଳ କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇବେ।

**ସିଂହ** ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଆନୁଷ୍ଠାନିକ ତଥା ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** ପ୍ରତ୍ୟେକ କାର୍ଯ୍ୟରେ ସହକର୍ମୀ ଅନ୍ତରାୟ ସୃଷ୍ଟି କରି ମନବ୍ୟଥାର କାରଣ ପାଲଟିଯିବେ। ଗଠନମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** ପାରିବାରିକ ସ୍ତରରେ ଅଶାନ୍ତ ମନର ବହୁବିଧ ଭାବନା ମନକୁ ଚିନ୍ତିତ କରାଇବ। ପ୍ରଶାସନିକ ସ୍ତରରେ ସମାଧାନର ସରଳ ସୂତ୍ର ବାହାର କରିବାରେ ସମର୍ଥ ହେବେ। ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଜିର ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା** ମାନସିକ ଅସ୍ଥିରତା କାରଣରୁ ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଓଲଟା ହୋଇଯିବ। ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡା, ସାହିତ୍ୟ ଚର୍ଚ୍ଚା ତଥା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** ଦିନଟି ପ୍ରତ୍ୟେକ ଦିଗରୁ ଲାଭଦାୟକ ମନେହେଲେ ମଧ୍ୟ ସମସ୍ୟାଜନିତ ମନ ଭାରାକ୍ରାନ୍ତ ରହିବ। କ୍ଷଣକୋପର କୁପ୍ରଭାବଜନିତ ଭଲ ସମ୍ପର୍କ କ୍ଷଣିକ ମଧ୍ୟରେ ମିଳାଇ ଯିବ। ସହଜରେ କାହାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଆକସ୍ମିକ ପାରିବାରିକ ସମସ୍ୟା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ ।

**ମକର** ବିବାଦୀୟ ପରିସ୍ଥିତିକୁ ସୁଧାରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରି କାମ ହାସଲ କରିବାକୁ ପଡ଼ିବ। ସାଧାରଣ କଥାକୁ ନେଇ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ।

**କୁମ୍ଭ** କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ମନବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ପ୍ରିୟଜନଙ୍କ ନିକଟରୁ ସକାଳ ସମୟରେ ଖୁସି ଖବର ପାଇପାରନ୍ତି। ରାଜନୀତି, ସାମ୍ବାଦିକତା, ପ୍ରଶାସନ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ସଙ୍ଗୀତ ଚର୍ଚ୍ଚା, ବକ୍ତୃତା, ସଭାସମିତି,କ୍ରୀଡ଼ା କୌଶଳ ପ୍ରଦର୍ଶନଜନିତ ପ୍ରଶଂସିତ ହୋଇପାରନ୍ତି।

**ମୀନ** ଆକସ୍ମିକ ଦୂରଯାତ୍ରା ଓ ବ୍ୟୟବୃଦ୍ଧିଜନିତ ମନ ଭଲ ରହି ନ ପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଖୁସି ହେବେ। ଅଭାବ ନ ଥିଲେ ମଧ୍ୟ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମନ ଅଶାନ୍ତ ରହିବ।

ଆଜି ଜୁଲାଇ ୧୪ ତାରିଖ, ଶ୍ରାବଣ କୃଷ୍ଣପକ୍ଷର ନାଗଚତୁର୍ଥୀ ସୋମବାର। ଶ୍ରାବଣ ସୋମବାର ବ୍ରତ, ରାଶିନକ୍ଷତ୍ର– ଶତଭିଷା/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୮.୪୯ ଗତେ ଘ.୧୦.୩୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୫୭ ଗତେ ଘ.୦୮.୩୬ ମଧ୍ୟେ ରାହୁ କାଳ ।

# ଓସାକା ବିଶ୍ୱ ଏକ୍ସପୋରେ ମନ ଜିଣିଲା ଭାରତୀୟ ରେଳପଥର କାହାଣୀ

ଭୁବନେଶ୍ୱର,୧୩।୭(ଅନୁରାଧା ମହାରଣା)

ଜାପାନର ଓସାକା ୟୁମେଶିମା ଦ୍ୱୀପରେ ଚାଲିଥିବା ବିଶ୍ୱ ଏକ୍ସପୋ ୨୦୨୫ରେ ଭାରତୀୟ ରେଳପଥର କାହାଣୀ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଦର୍ଶକଙ୍କ ସହ ଜାପାନୀ ଜନତାଙ୍କ ମନ ଜିଣିଛି। ଭାରତ ପ୍ୟାଭିଲିୟନରେ ବନ୍ଦେ ଭାରତ ଏକ୍ସପ୍ରେସର ପ୍ରଦର୍ଶନୀ ଜାପାନୀ ପରିବାରଙ୍କୁ ସେଲ୍ଫି ନେବାକୁ ଓ ଶିଶୁମାନଙ୍କୁ ମଡେଲ ଟ୍ରେନ ଦେଖିବାକୁ ଉତ୍ସାହିତ କରୁଛି। ଓସାକାର ଜଣେ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆକିକୋ ତାନାକା କୁହନ୍ତି, ମୁଁ ଜାଣି ନ ଥିଲି ଭାରତରେ ଏତେ ଦ୍ରୁତ ଟ୍ରେନ ଅଛି। ଏହା ଅତି ସୁନ୍ଦର। ସେ ବନ୍ଦେ ଭାରତ ମଡେଲ ସାମ୍ନାରେ ହସି ହସି 'ନମସ୍ତେ' କହି ଫଟୋ ଉଠାଇବା ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟୁଛି। ଅନ୍ୟପଟେ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ଚେନାବ ବ୍ରିଜର ମିନିଏଚର ଦର୍ଶକଙ୍କୁ ଆକର୍ଷିତ କରୁଛି। ନାଗୋୟାର ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର କହିଛନ୍ତି, ହିମାଳୟରେ ଏହା ଏକ ଗଠନମୂଳକ ଚମତ୍କାର। ପ୍ରତିଦିନ ୨୩ ନିୟୁତ ଯାତ୍ରୀଙ୍କୁ ପରିବହନ କରୁଥିବା ଭାରତୀୟ ରେଳ ବ୍ୟବସ୍ଥା ଅଗମେଣ୍ଟେଡ ରିଅଲିଟି, ଇମରସିଭ ପ୍ରୋଜେକ୍ସନ ଓ ଭର୍ଚୁଆଲ ଟୁର୍ ମାଧ୍ୟମରେ ପର୍ବତ, ମୈଦାନ, ଜଙ୍ଗଲ ଓ ମରୁଭୂମିରେ ଯାତ୍ରାର ଅଭିଜ୍ଞତା ପ୍ରଦାନ କରୁଛି। ହିମାଳୟରେ ୩୫୯ ମିଟର ଉଚ୍ଚତାରେ ନିର୍ମିତ ଚେନାବ ବ୍ରିଜ ଓ କଶ୍ମୀରରେ ନିର୍ମିତ ପ୍ରଥମ କେବଲ ସମର୍ଥିତ ରେଳ ସେତୁ ଅଞ୍ଜି ଖଡ ବ୍ରିଜ ମଧ୍ୟ ଦର୍ଶକଙ୍କୁ ମୁଗ୍ଧ କରୁଛି। ନିର୍ମାଣ ଶ୍ରମିକମାନେ ତୁଷାରପାତ ଓ ଭୂସ୍ଖଳନର ସମ୍ମୁଖୀନ ହେବା ସତ୍ତ୍ୱେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଭିଡିଓ ଦେଖି ଦର୍ଶକମାନେ ପ୍ରଶଂସା କରୁଛନ୍ତି। ପ୍ରଦର୍ଶନୀର ଏକ ଅଂଶ ଭାବେ ଭାରତୀୟ ରେଳ ଷ୍ଟେଶନର ପ୍ରଦର୍ଶନ କରାଯାଇଛି, ଯେଉଁଠି ହିନ୍ଦୀରେ ଘୋଷଣା କରାଯିବା, ଚା' ବିକାଳିଙ୍କ ଡାକ ଓ ଇଞ୍ଜିନର ଶବ୍ଦ ପ୍ରଦର୍ଶନୀକୁ ଜୀବନ୍ତ କରୁଛି। ଏହି ପ୍ୟାଭିଲିୟନରେ କେବଳ ଭିତ୍ତିଭୂମିର ପ୍ରଦର୍ଶନୀ ନୁହେଁ, ବରଂ ସାଂସ୍କୃତିକ ଆଦାନପ୍ରଦାନର ମଞ୍ଚ ଭାବେ ଉଭା ହୋଇଛି। ସୂଚନାଯୋଗ୍ୟ, ଅକ୍ଟୋବର ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋର ଥିମ୍ ରହିଛି 'ଆମ ଜୀବନ ପାଇଁ ଭବିଷ୍ୟତ ସମାଜର ରୂପରେଖ–ସୁରକ୍ଷିତ ଜୀବନ, ସଶକ୍ତ ଜୀବନ ଓ ଜୀବନର ସଂଯୋଗୀକରଣ'।





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲୁଣ ଖାଇଛି,**
**ଗୁଣ ଗାଉଛି ।**


ପର ଅନ୍ନରେ ପୋଷି ହେଉଥିବା ବ୍ୟକ୍ତି ସାଧାରଣତଃ ଋଣୀ ହୋଇଥାନ୍ତି। ଏପରିସ୍ଥଳେ ସାହା ଭରସା ଯୋଗାଉଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ରହିବା ଉଚିତ ହୋଇଥାଏ। କୌଣସି ବ୍ୟକ୍ତିଙ୍କଠାରୁ କିଛି ସାହାଯ୍ୟ ସମର୍ଥନ ପାଇଲେ ତାଙ୍କର ଗୁଣ ଗାନ କରିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଲେଖିବୁ ପଢ଼ିବୁ ମରିବୁ ଦୁଃଖେ**
**ଚାଷ ଚଷିବୁ ତ ଖାଇବୁ ସୁଖେ।**

ଆମ ଦେଶ ଏକ କୃଷିପ୍ରଧାନ ଦେଶ। ଆଗକାଳରେ ଲୋକେ ପାଠଶାଠ ପ୍ରତି ସେତେଟା ଆଗ୍ରହ ନ ଦେଖେଇ ଚାଷବାସ ପ୍ରତି ଅଧିକ ମନ ବଳାଉଥିଲେ। ସେଥିରେ ତାଙ୍କ ସଂସାରକୁ ସୁଖଶାନ୍ତିରେ ଚଳେଇ ନେଉଥିଲେ। ପାଠ ଅପେକ୍ଷା ଚାଷକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ






ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୭୪ ହଜାର ରେଳ ବଗିରେ ଲାଗିବ ସିସି କ୍ୟାମେରା

ଭୁବନେଶ୍ୱର, ୧୩।୭(ଅନୁରାଧା ମହାରଣା)

ଟ୍ରେନ୍‌ରେ ଅନେକ ସମୟରେ ଆପରାଧିକ କାର୍ଯ୍ୟକଳାପ ସାମ୍ନାକୁ ଆସୁଛି। ଯାତ୍ରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ୭୪ ହଜାର ରେଳ ବଗି ଓ ୧୫ ହଜାର ଲୋକୋମୋଟିଭ୍‌ରେ ସିସିଟିଭି କ୍ୟାମେରା ଲଗାଇବାକୁ ଭାରତୀୟ ରେଳପଥ ନିଷ୍ପତ୍ତି ନେଇଛି। ତେବେ ଯାତ୍ରୀଙ୍କ ଗୋପନୀୟତା ରକ୍ଷା ଲାଗି ବଗି ଦ୍ୱାର ନିକଟରେ ଥିବା ସର୍ବସାଧାରଣ ଯାତାୟାତ କ୍ଷେତ୍ରରେ ସିସିଟିଭି କ୍ୟାମେରା ଲଗାଯିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ ଲୋକୋମୋଟିଭ ଓ ବଗିରେ ସିସି ଟିଭି କ୍ୟାମେରା ସଂଯୋଗର ଅଗ୍ରଗତି ସମୀକ୍ଷା କରିଥିଲେ। ଶନିବାର ଅନୁଷ୍ଠିତ ଏହି ବୈଠକରେ ରେଳ ବୋର୍ଡର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ରେଳ ଅଧିକାରୀମାନେ କହିଛନ୍ତି, ଉତ୍ତର ରେଳପଥର ଲୋକୋ ଇଞ୍ଜିନ ଏବଂ ବଗିରେ କ୍ୟାମେରା ଲଗାଇବାର ସଫଳ ପରୀକ୍ଷଣ କରାଯାଇଛି। ଏହାକୁ ଆଧାରକରି ପ୍ରସ୍ତାବିତ ରେଳ ବଗି ଓ ଲୋକୋମୋଟିଭରେ ସିସି କ୍ୟାମେରା ଲଗାଇବାକୁ ଅନୁମତି ଦେଇଛନ୍ତି। ପ୍ରତ୍ୟେକ ରେଳ ବଗିରେ ୪ଟି ଡୋମ ସିସି ଟିଭି କ୍ୟାମେରା ଲଗାଯିବ। ପ୍ରତ୍ୟେକ ପ୍ରବେଶ ପଥରେ ୨ଟି ଏବଂ ପ୍ରତ୍ୟେକ ଲୋକୋମୋଟିଭ୍ରେ ୬ଟି ସିସି ଟିଭି କ୍ୟାମେରା ଲାଗିବ। ଏଥିରେ ଲୋକୋମୋଟିଭ୍ର ଆଗ, ପଛ ଏବଂ ଉଭୟ ପାର୍ଶ୍ୱରେ ଗୋଟିଏ ଲେଖାଏଁ କ୍ୟାମେରା ରହିବ। ପ୍ରତ୍ୟେକ କ୍ୟାବରେ ଆଗ ଏବଂ ପଛ ଭାଗରେ ଗୋଟିଏ ଡୋମ ସିସି ଟିଭି କ୍ୟାମେରା ଲଗାଯିବ ଏବଂ ଡେସ୍କରେ ୨ଟି ମାଇକ୍ରୋଫୋନ ଲଗାଯିବ। ଉତ୍କୃଷ୍ଟ ମାନର ଏବଂ ଏସଟିକ୍ୟୁସି ପ୍ରମାଣିତ ସିସିଟିଭି କ୍ୟାମେରାଗୁଡ଼ିକ ଲଗାଯିବ। କେନ୍ଦ୍ର ରେଳମନ୍ତ୍ରୀ ରେଳ ଅଧିକାରୀମାନଙ୍କୁ ୧୦୦ କିଲୋମିଟରରୁ ଅଧିକ ବେଗରେ ଏବଂ କମ ଆଲୋକ ପରିସ୍ଥିତିରେ ଚାଲୁଥିବା ଟ୍ରେନ ଗୁଡ଼ିକର ଉଚ୍ଚମାନର ଫୁଟେଜ ରେକର୍ଡ ପ୍ରକ୍ରିୟା ନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ରେଳମନ୍ତ୍ରୀ ଇଣ୍ଡିଆଏଆଇ ମିଶନ ସହିତ ସହଯୋଗରେ ସିସିଟିଭି କ୍ୟାମେରା ଦ୍ୱାରା କଏଦ ହୋଇଥିବା ତଥ୍ୟ ଉପରେ ଏଆଇର ବ୍ୟବହାର ଅନୁସନ୍ଧାନ କରିବାକୁ ଅଧିକାରୀମାନଙ୍କୁ କହିଥିଲେ।



## ପ୍ରଥମ ପୃଷ୍ଠାରୁ...

### ଆମାଜନ ଶୈଳୀରେ ...

ରହିପାରିବ। ଯଦି ସମ୍ପୃକ୍ତ ଅଧିକାରୀ ଫାଇଲଟିକୁ ସମୟ ଭିତରେ ତା'ର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟକୁ କେବଳ ଫାଇଲ ଚାଲିଯିବ ତାହା ନୁହେଁ, ସମ୍ପୃକ୍ତ ଅଧିକାରୀଙ୍କ ପର୍‌ଫର୍ମାନ୍ସରେ ଏହା 'ରେଡ୍' ଚିହ୍ନିତ ହୋଇ ରହିବ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ପର୍‌ଫର୍ମାନ୍ସ ସାର୍ଟିଫିକେଟ୍ ପ୍ରସ୍ତୁତି ତଥା ପଦୋନ୍ନତି ବେଳେ ଏସବୁ ବିଷୟକୁ ବିଚାରକୁ ନିଆଯିବ।

ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇତିମଧ୍ୟରେ ୧୨ଟି ଜନଶୁଣାଣି କଲେଣି। ଏକାଦଶ ପାଳି ସୁଦ୍ଧା ୧୦,୮୯୪ଟି ଅଭିଯୋଗ ଆସିଥିଲା, ସେଥିମଧ୍ୟରୁ ୧୦,୧୩୨ଟି ଅଭିଯୋଗର ସମାଧାନ କରାଯାଇଛି, ଯାହା ଶତକଡ଼ା ୯୩ ପ୍ରତିଶତ। ସେହିପରି ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ଚଳିତବର୍ଷ ଆରମ୍ଭରୁ ସୋମବାର ସୁଦ୍ଧା ୪୮ ଜଣଙ୍କୁ ୫୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଏକପ୍ରକାର ଅଚଳ ହୋଇ ପଡ଼ିଥିବାବେଳେ ଏବେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ଲୋକଙ୍କ ମନରେ ଆଶା ଓ ବିଶ୍ୱାସ ଜନ୍ମାଉଥିବା ବେଳେ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ଆମାଜନ ଟ୍ରାକିଂ ନୀତି ଏହାକୁ ଅଧିକ କ୍ରିୟାଶୀଳ କରିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ଛାଡ଼ପତ୍ର ଖୁସିରେ ...

ହୋଇଥିବା ନେଇ ଓକିଲ କଲ୍ କରି ଜଣାଇବା ପରେ ସେ କ୍ଷୀରରେ ଗାଧୋଇ ସ୍ତ୍ରୀଙ୍କଠାରୁ ନିଜ ସ୍ୱାଧୀନତାକୁ ପାଳନ କରିଥିଲେ। ମାଣିକ ତାଙ୍କ ଘର ବାହାରେ ଠିଆ ହୋଇ ୪ ବାଲ୍ଟି କ୍ଷୀରରେ ଗାଧୋଇଥିଲେ। ଖୁସିରେ ଗାଧାଉଥିବା ବେଳର ଦୃଶ୍ୟକୁ ସେ ନିଜ ମୋବାଇଲ କ୍ୟାମେରାରେ ରେକର୍ଡ କରିଥିଲେ। ଭାଇରାଲ ହେଉଥିବା ଭିଡିଓରେ ଗାଧୋଉଥିବା ସହ ମାଣିକ କହୁଛନ୍ତି, 'ଆଜିଠାରୁ ମୁଁ ମୁକ୍ତ। ଦୀର୍ଘଦିନ ଧରି କରିଥିବା ଅପେକ୍ଷାର ଅନ୍ତ ହେଲା।' ଭାଇରାଲ ହେଉଥିବା ଭିଡିଓଗୁଡ଼ିକରେ ଅନେକ ୟୁଜର୍ସ ବିଭିନ୍ନ ମଜାଳିଆ କମେଣ୍ଟ ଦେଇଛନ୍ତି।

### ଅଗଷ୍ଟରୁ ଦେଶରେ ...

ବିଦା କରିବା ନିମନ୍ତେ ସାରା ଦେଶରେ ଅନ୍ତତଃ ଭୋଟର ତାଲିକାର ସଘନ ସଂଶୋଧନ ହେବ ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ୨୦୨୬ରେ ଆସାମ, କେରଳ, ପଣ୍ଡିଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ ନିର୍ବାଚନ ହେବ।

# ଗୋଟିଏ ବଂଶରେ ପ୍ରେମ କରିବାରୁ ବଳଦ ଦଣ୍ଡ

କୋରାପୁଟ/ନାରାୟଣପାଟଣା,୧୩।୭ (ଅମିତାଭ ବେହେରା/ରାଜକିଶୋର ଜେନା)

ମଣିଷ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରୁଥିବା ବେଳେ ଆଜି ମଧ୍ୟ କେତେକ ଗ୍ରାମକୁ ପରମ୍ପରା ନାଁରେ ଅନ୍ଧବିଶ୍ୱାସ କବଳିତ କରି ରଖିଛି। ବର୍ତ୍ତମାନ ମଧ୍ୟ ଆଦିବାସୀମାନେ ଏଭଳି କିଛି ପରମ୍ପରାକୁ ଜୀବିତ କରି ରଖିଛନ୍ତି, ଯାହା ପ୍ରଥା ପାଳନ ଆଳରେ ଅମାନବୀୟ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି। କୋରାପୁଟରେ ରାୟଗଡ଼ା ଘଟଣାର ପୁନରାବୃତ୍ତି। ସମ୍ପର୍କୀୟାଙ୍କୁ ପ୍ରେମ ବିବାହ କରିଥିବାରୁ ମିଳିଛି ବଳଦ ଦଣ୍ଡ। କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ବରଗି


ପ୍ରେମୀଯୁଗଳଙ୍କୁ ଗ୍ରାମବାସୀ ଗାଁ ଦାଣ୍ଡରେ ହଳ ବୁଲାଉଛନ୍ତି।

ପଞ୍ଚାୟତ ପେଦା ଇଟିକି ଗ୍ରାମରେ ଏଭଳି ଘଟଣା କିଛିଦିନ ପୂର୍ବରୁ ଘଟିଥିବା ଜଣାପଡ଼ିଛି। ରାୟଗଡ଼ା ଘଟଣା ସାମ୍ନାକୁ ଆସିବା ପରେ ଏହି ଘଟଣାର ଭିଡିଓ ଭାଇରାଲ ହେଉଛି। ଭିଡିଓରେ ଗ୍ରାମବାସୀ ଉଭୟ ପ୍ରେମୀଯୁଗଳଙ୍କୁ ଗାଁଦାଣ୍ଡରେ ଜୁଆଳି ବାନ୍ଧି ହଳ କରାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ପେଦା ଇଟିକି ଗ୍ରାମର ଯୁବତୀ(୧୮), ଯୁବକ(୨୧) ସମାନ ବଂଶର ଓ ସମ୍ପର୍କରେ ଭାଇଭଉଣୀ ହୋଇଥିବା ଜଣାପଡ଼ିଛି। ୫ ବର୍ଷ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ବେଳେ ବାହାହୋଇ ବାହାରକୁ ପଳାଇଥିଲେ। ପରେ ସେମାନଙ୍କ ସମ୍ପର୍କୀୟମାନେ ରୀତିନୀତି ଅନୁସାରେ ବିବାହ କରାଇଦେବା ଆଳରେ ସେମାନଙ୍କୁ ଗାଁକୁ ଡକାଇଥିଲେ। ସେମାନେ ଆସିବା ପରେ ଗ୍ରାମର କେତେଜଣ ବୃଦ୍ଧ ବ୍ୟକ୍ତି ଗୋଟିଏ ବଂଶର ହୋଇଥିବାରୁ ବିବାହ ହୋଇପାରିବ ନାହିଁ ଓ ପରମ୍ପରା ଅନୁଯାୟୀ ବଳଦ ଦଣ୍ଡ ଦେବା ପରେ ସମସ୍ତ ପାପ କଟିଯିବ କହିଥିଲେ। ଏହାପରେ ଗ୍ରାମବାସୀ ସମସ୍ତଙ୍କ ଉପସ୍ଥିତିରେ ଆଦିବାସୀ ପ୍ରଥା ଅନୁସାରେ ଉଭୟଙ୍କ ବେକରେ ଜୁଆଳି ବାନ୍ଧି ଗାଁଦାଣ୍ଡରେ ହଳ କରାଇଥିଲେ। ପରେ ପ୍ରଥା ଅନୁସାରେ ସେମାନଙ୍କ ଉପରେ ନଡ଼ିଆ ପାଣି ପକାଇ ଶୁଦ୍ଧି କରାଯାଇଥିଲା। ଏହି ସମସ୍ତ ଘଟଣାକୁ ଗ୍ରାମର କେତେଜଣ ଯୁବକ ମୋବାଇଲରେ ଭିଡିଓ କରିଥିଲେ। ତେବେ ଏ ନେଇ ପୋଲିସ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି।

## ବଜ୍ରପାତରେ ଛାତ୍ରୀ ମୃତ

ଭଦ୍ରକ,୧୩।୭(ସନାତନ ରାଉତ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ କୋଡ଼ବରୁଆଁ ଗ୍ରାମରେ ରବିବାର ଅପରାହ୍ନରେ ବଜ୍ରପାତରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ପ୍ରଶାନ୍ତ ଦାସଙ୍କ ଝିଅ ମିଲିରାଣୀ(୧୮)। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟା ୩୦ ବେଳେ ଭଦ୍ରକରେ ବର୍ଷା ସହ ବଜ୍ରପାତ ହୋଇଥିଲା। ମିଲିରାଣୀ ତାଙ୍କ ପରିବା ବାଡ଼ିକୁ ଯାଇ ଫେରୁଥିବା ସମୟରେ ଘର ନିକଟରେ ବଜ୍ରପାତ ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଚରମ୍ପା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ ଥିଲେ।

## ମାଓବାଦୀ ଡମ୍ପ ଜବତ


ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

ମାଲକାନଗିରି,୧୩।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍ମା ଜିଲା ପୋଲିସ ମାଓବାଦୀ ଡମ୍ପ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ସୁକ୍ମା ଏସ୍‌ପି କିରଣ ଚୌହାନଙ୍କ ସୂଚନା ଅନୁଯାୟୀ, ପୋଲିସ ଓ ସୁରକ୍ଷାକର୍ମୀ କୋଣ୍ଟା ଥାନା ଅନ୍ତର୍ଗତ ପିଲାବାୟା ଜଙ୍ଗଲରେ କୌଣସି ସମୟରେ ମାଟି ତଳେ ମାଓବାଦୀଙ୍କ ଡମ୍ପ ଥିବା ଜାଣିବାକୁ ପାଇଥିଲେ। ମାଟି ଖୋଳି ଦେଖିବା ବେଳେ ଏକ ପ୍ଲାଷ୍ଟିକ ଡ୍ରମ୍‌ରେ ବିସ୍ଫୋଟକ ସାମଗ୍ରୀ ଥିବା ଦେଖିବାକୁ ପାଇଥିଲେ। ବିସ୍ଫୋରକ ସାମଗ୍ରୀ ମଧ୍ୟରୁ କୋଡେକ୍ସ ତାର, ଟିଫିନ ବକ୍ସ, ତାର ଇତ୍ୟାଦି ଜବତ କରାଯାଇଥିବା ଜଣାପଡ଼ିଛି।

## ବଜ୍ରପାତରେ ଚାଷୀ ମୃତ

କୁଜଙ୍ଗ,୧୩।୭(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଫତେପୁର ପଞ୍ଚାୟତ ଜଳଧରପୁର ଗ୍ରାମର ଅବସରପ୍ରାପ୍ତ ରେଳବାଇ କର୍ମଚାରୀ ବିଜୟ ସାମଲ(୬୯) ଚାଷୀଙ୍କ ମୃତ୍ୟୁ ଘଟିଛି। ବିଜୟ ଓ ତାଙ୍କ ସାନ ଭାଇ କୈଳାସ ସାମଲ ରବିବାର ଗୁଆ ବେଉଷଣ କରିବାକୁ ବିଲକୁ ଯାଇଥିଲେ। ଅପରାହ୍ନ ୨ଟାବେଳେ ବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ୨ ଭାଇ ସାଙ୍ଗ ହୋଇ ଘରକୁ ଫେରୁଥିଲେ। ବିଲ ମଝିରେ ଆସୁଥିବା ବେଳେ ବିଜୟଙ୍କ ଉପରେ ବଜ୍ରପାତ ହୋଇଥିଲା। କୈଳାସ ବିଜୟଙ୍କଠାରୁ ୧୫ ମିଟର ପଛରେ ଥିବାରୁ ସେ ରକ୍ଷା ପାଇଯାଇଥିଲେ। ବିଜୟଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବାବେଳେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅନଲାଇନ୍ ଟ୍ରେଡିଂ ନାଁରେ ଠକେଇ

ଗୋପାଳପୁର,୧୩।୭ (ନବୀନରାଜ୍ ଆଚାରୀ)

ଅନ୍‌ଲାଇନ୍ ଟ୍ରେଡିଂ ନାଁରେ ଜଣେକ ବ୍ୟକ୍ତିଙ୍କ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ରୁଜୁ କରିଛି। ଭାବିନାରାୟଣପୁର ଡିଫେନ୍ସ କଲୋନି ଉତ୍କଳ ନଗରରେ ରହୁଥିବା ସୀତାଂଶୁ ପଣ୍ଡା ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ଡିସେମ୍ବର ୨୦୨୩ରେ ଅନ୍‌ଲାଇନ୍ ଟ୍ରେଡିଂରେ ପୁଞ୍ଜି ନିବେଶ କଲେ ଲାଭବାନ ହେବାର ଲୋଭ ଦେଖାଇ ୫ ଲକ୍ଷ ଟଙ୍କା ମାଗିଥିଲେ। ୨୦୨୪ ଫେବୃୟାରୀରେ ସୀତାଂଶୁ ୨ ଲକ୍ଷ ୯୦ ହଜାର ଟଙ୍କା ପୂର୍ଣ୍ଣଚନ୍ଦ୍ରଙ୍କୁ ଦେଇଥିଲେ। ଟଙ୍କା ଦେବାର ପ୍ରଥମ ମାସରେ ଲାଭ ହିସାବରେ ୨୭ ହଜାର ୧୪୯ ଟଙ୍କା ସୀତାଂଶୁଙ୍କୁ ପ୍ରଦାନ କରିଥିଲେ। ଏହାର ୧୫ ଦିନ ପରେ ଅନଲାଇନରେ ଟଙ୍କା ବୁଡ଼ି ଯାଇଥିବା ପୂର୍ଣ୍ଣଚନ୍ଦ୍ର ସୀତାଂଶୁଙ୍କୁ କହିଥିଲେ। ସୀତାଂଶୁ ବାରମ୍ବାର ପୂର୍ଣ୍ଣଚନ୍ଦ୍ରଙ୍କୁ ଟଙ୍କା ମାଗିଥିଲେ ମଧ୍ୟ ସେହି ଟଙ୍କା ଫେରାଇ ନ ଥିଲେ। ଏଥିସହ ଜଣେ ଅଜଣା ବ୍ୟକ୍ତି ଫୋନରେ ବିଭିନ୍ନ ଧମକ ଚମକ ଦେଇଥିଲେ। ପରେ ସୀତାଂଶୁ ଠକେଇର ଶିକାର ହୋଇଥିବା ନେଇ ଜାଣିବାକୁ ପାଇଥିଲେ।

## ଓଡ଼ିଶାର ବିକାଶ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ୩୫ ମିନିଟ୍‌ର ସଫଳ ଆଲୋଚନା ହେଲା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ। ଏହାସହ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଦିଲ୍ଲୀ ଗସ୍ତ ସାରି ଫେରିବା ପରେ ଭୁବନେଶ୍ୱର ବିମାନବନ୍ଦରଠାରେ ସେ ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି, ଏହି ଗସ୍ତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଉଦ୍ଦିଷ୍ଟ ଥିଲା। ଏହାପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା ସହିତ ଓଡ଼ିଶାର ବିକାଶ ନେଇ ଦୀର୍ଘ ୩୫ ମିନିଟ୍ ଧରି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନା ଫଳପ୍ରଦ ହୋଇଥିବା ସହିତ ଆଗାମୀ ଦିନରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାର ବିକାଶ କିପରି ତ୍ୱରାନ୍ୱିତ ହେବ ସେଥି ଉପରେ ପର୍ଯ୍ୟବସିତ ଥିଲା। ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବା ସହିତ ତାଙ୍କୁ ଭିଜନ ଡକୁମେଣ୍ଟ ପୁସ୍ତକ ପ୍ରଦାନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଦଳର ସଙ୍ଗଠନ ମନ୍ତ୍ରୀ ବି. ଏଲ. ସନ୍ତୋଷଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ଗସ୍ତ ସମୟରେ ସାକ୍ଷାତ କରିଥିବା କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର

ମାଲକାନଗିରି,୧୩।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ବ୍ଲକ ମୋଟୁ ଥାନା ମୁରଲିଗୁଡାର ଜଣେ ୱେବ୍ ଚ୍ୟାନେଲ ଖବରଦାତାଙ୍କ ଉପରେ ୫ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିବା ଫଳରେ ତାଙ୍କର ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ସି.ଏଚ୍.ନରେଶ। ଏହି ଘଟଣାକୁ ନେଇ ଜିଲାର ସମସ୍ତ ଖବରଦାତା ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ରବିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଘଟଣାକୁ ନେଇ ମାଲକାନଗିରି ଜିଲା ସାମ୍ବାଦିକ ସମନ୍ୱୟ କମିଟି ତରଫରୁ ୫୦ରୁ ଊର୍ଦ୍ଧ୍ୱ ଖବରଦାତା ଏସ୍‌ପି ବିନୋଦ ପାଟିଲଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାଜ୍ୟ ସରକାର ଖବରଦାତାମାନଙ୍କ ସୁରକ୍ଷା ଆଇନ ଲାଗୁ କରିବାକୁ



ଖବରଦାତାମାନେ ଦାବିପତ୍ର ଦେଉଛନ୍ତି।

ଦାବି କରିଛନ୍ତି। ଦୀର୍ଘ ବର୍ଷ ହେଲା ଖବରଦାତାଙ୍କ ସୁରକ୍ଷା ଆଇନ ପ୍ରଣୟନ ପାଇଁ ବିଭିନ୍ନ ସାମ୍ବାଦିକ ସଂଗଠନ ତରଫରୁ ରାଜ୍ୟ ସରକାରଙ୍କୁ ଦାବିକରି ଆସୁଥିଲେ ମଧ୍ୟ ସରକାର ଏହାକୁ ଗ୍ରହଣ କରୁ ନ ଥିବାରୁ ରାଜ୍ୟରେ ଦିନକୁ ଦିନ ଖବରଦାତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଏବଂ ହତ୍ୟା ବୃଦ୍ଧି ପାଉଛି। ସରକାର ତୁରନ୍ତ ମୃତ ଖବରଦାତାଙ୍କ ପରିବାରକୁ ୧୦ କୋଟି ଟଙ୍କାର ଅନୁକମ୍ପାମୂଳକ ଆର୍ଥିକ ସହାୟତା ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ଦେବା ବେଳେ ଏମ୍‌ୟୁଜେ ସଭାପତି ଦେବ ପ୍ରସାଦ ଦାସ, ଉତ୍କଳ ସାମ୍ବାଦିକ ସଂଘ ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ପାତ୍ର, ଏ. ଈଶ୍ୱର ରାଓ, ଶିବପ୍ରସାଦ କୀର୍ତ୍ତନିଆ, ଅସୀମ ବିଶ୍ୱାସ, ସୀମାଞ୍ଚଳ ପାଣିଗ୍ରାହୀ, ସତ୍ୟନାରାୟଣ ଦାସ, ଦେବବ୍ରତ ସାନା, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ଗୋବିନ୍ଦ ମଣ୍ଡଳ, ଚକ୍ରଧର ପଟ୍ଟନାୟକ, ରତ୍ନାକର ଦାସ, ନିରନ ମଲ୍ଲ ଓ ପଞ୍ଚାନନ ଦାସଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ଖବରଦାଦା ଉପସ୍ଥିତ ଥିଲେ।

ପ୍ରକାଶ ଯେ, ମୋଟୁ ଗ୍ରାମର ୱେବ୍ ଗ୍ୟାନେଲ ଖବରଦାତା ନରେଶ ଏବଂ ତାଙ୍କ ସହିତ ଆଉ ଦୁଇଜଣ ମିଶି ଶନିବାର ସନ୍ଧ୍ୟାରେ ଖବର ସଂଗ୍ରହ ଲାଗି ମୁରଲିଗୁଡା ଗ୍ରାମକୁ ଯାଇଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୫ ଜଣ ଦୁର୍ବୃତ୍ତ ଏମାନଙ୍କ ଉପରେ ଏକ ଖଣ୍ଡା ଦ୍ୱାରା ଅତର୍କିତ ଆକ୍ରମଣ କରିଥିଲେ। ତିନିଜଣଙ୍କ ମଧ୍ୟରୁ ଦୁଇଜଣ ଘଟଣାସ୍ଥଳରୁ ଭୟରେ

### ୱେବ୍ ଚ୍ୟାନେଲ ଖବରଦାତାଙ୍କୁ ହତ୍ୟା ଘଟଣା

ପଳାଇ ଯାଇଥିବା ବେଳେ ନରେଶଙ୍କ ହାତକୁ ଖଣ୍ଡାରେ ହାଣି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଫଳରେ ନରେଶଙ୍କ ହାତର ଦୁଇଟି ଶିର କଟି ଯାଇଥିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକେ ପହଞ୍ଚି ଏ ସମ୍ପର୍କରେ ପୋଲିସକୁ ଖବର ଦେବା ସହ ତୁରନ୍ତ ମୋଟୁ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ।

# ଟ୍ରକ୍ ଧକ୍କାରେ ଓଲଟିଲା ବସ୍

## ଜଣେ ମୃତ, ୩୫ ଆହତ


ଦୁର୍ଘଟଣାଗ୍ରସ୍ତ ବସ୍।

ଜଳେଶ୍ୱର(ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ),୧୩।୭

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଚାଲନ୍ତି ରାଜପଥ ନିକଟରେ ଏକ ଯାତ୍ରୀବାହୀ ବସ୍ ପଛରେ ଟ୍ରକ୍ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଚିକିତ୍ସା ପାଇଁ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ୮ଟାରେ ଗୀତାଞ୍ଜଳି ନାମକ ଏକ ଘରୋଇ ବସ୍ (ଓଡି-୧୧ଡି-୬୧୫୬) ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୋଗରାଇରୁ ଭାୟା ଜଳେଶ୍ୱର ହୋଇ ବାରିପଦା ଯାଉଥିଲା। ଜଳେଶ୍ୱର ଥାନା ଚାଲନ୍ତି ବାଇପାସ୍ ନିକଟ ନିରଞ୍ଜନ ଢାବା ନିକଟରେ ଉକ୍ତ ବସ୍ ଡାଇଭର୍ସନ୍ ପାର୍ ହେବା ବେଳେ ପଶ୍ଚିମବଙ୍ଗ ଯାଉଥିବା ଏକ ଟ୍ରକ୍ (ଡବ୍ଲ୍ୟୁବି-୪୧ଏଚ୍-୨୨୯୧) ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ସେଠାରେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ବସ୍ ମଧ୍ୟରୁ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଯିବା ବାଟରେ ରୂପ୍‌ସା ନିକଟରେ ଜଳେଶ୍ୱର ବ୍ଲକ୍ ବର୍ଡନା ପଞ୍ଚାୟତ ଖରିଦା ଗ୍ରାମର ମଳୟ ମହାନ୍ତି (୪୫)ଙ୍କ ମୃତ୍ୟୁ ଘଟିଥିଲା। ବସ୍‌କୁ ଧକ୍କା ଦେଇ ଟ୍ରକ୍‌ଟି ଚମ୍ପଟ ମାରିଥିବା ବେଳେ ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ଲୋକେ ତାହାକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଟ୍ରକ୍ ଜବତ କରି ତଦନ୍ତ ଜାରି ରଖିଛି। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ଯାତ୍ରୀଙ୍କୁ ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ଭେଟିଥିବା ଜଣାପଡ଼ିଛି।

## ଯୋଡ଼ା ଲଘୁଚାପ: ଅତିପ୍ରବଳ ବର୍ଷିବ

ଭୁବନେଶ୍ୱର,୧୩।୭ (ଅନୁରାଧା ମହାରଣା)

ଉତ୍ତର ମଧ୍ୟପ୍ରଦେଶର ମଧ୍ୟ ଭାଗ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସହ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ଦୁଇଟି ପୃଥକ ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାର ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଅତିପ୍ରବଳ ବର୍ଷା ପାଇଁ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼କୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, କଟକ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ସମ୍ବଲପୁର, ମାଲକାନଗିରି, ଗଜପତି, ଗଞ୍ଜାମ ଓ ବଲାଙ୍ଗୀର ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ପୁରୀ, ଖୋର୍ଦ୍ଧା, ସୋନପୁର ଓ ବୌଦ୍ଧ ଆଦି ଜିଲାକୁ ବଜ୍ରପାତ ଭୟ ରହିଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଏପଟେ ରବିବାର ମଧ୍ୟ ସାରା ରାଜ୍ୟରେ ବର୍ଷା ହୋଇଛି। ପାରାଦୀପରେ ସର୍ବାଧିକ ୪୧.୩ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ସୋନପୁରରେ ୨୪.୪ ମିମି, ବାଲେଶ୍ୱର ଓ ଟିଟିଲାଗଡ଼ରେ ୧୫.୩ ମିମି ଲେଖାଏ, ଭଦ୍ରକରେ ୮.୦ ମିମି, ଢେଙ୍କାନାଳରେ ୭.୪ ମିମି, ମାଲକାନଗିରିରେ ୫.୬ ମିମି, କେନ୍ଦ୍ରାପଡ଼ାରେ ୩.୦ ମିମି ଓ ରାଉରକେଲାରେ ୨.୬ ମିମି ବର୍ଷା ରେକର୍ଡ ହୋଇଛି। ଏହାସହ ଟ୍ୱିନସିଟି ଭୁବନେଶ୍ୱର-କଟକ ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବର୍ଷା ହୋଇଥିବା ସୂଚନା ଦିଆଯାଇଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

03 ଏବଂ 12 ବର୍ଷର ରାଜ୍ୟ ସରକାର ପ୍ରତିଭୁତିଗୁଡ଼ିକର ନିଲାମ

ଓଡ଼ିଶା ରାଜ୍ୟ ସରକାର ନିଲାମ ମାଧ୍ୟମରେ ପ୍ରତିଭୁତିଗୁଡ଼ିକୁ ମୋଟ ₹1,500 କୋଟି (ଅଙ୍କିତ ମୂଲ୍ୟ) ରେ ବିକ୍ରି କରିବାର ପ୍ରସ୍ତାବ ଦେଇଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର)ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ 15 ଜୁଲାଇ 2025 (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବ। ବ୍ୟକ୍ତିଗତ ନିବେଶକମାନେ ମଧ୍ୟ ରିଟେଲ ଡାଇରେକ୍ଟ ପୋର୍ଟାଲ (https://rbiretaildirect.org.in) ମାଧ୍ୟମରେ ଅଣ-ପ୍ରତିଯୋଗୀତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ।

ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟରେ ଜୁଲାଇ 11, 2025 (ଶୁକ୍ରବାର) ର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।

"ଆପଣଙ୍କୁ ଟଙ୍କା ଦେବାର ପ୍ରତିଶ୍ରୁତି ଦେଉଥିବା ଇମେଲ/ଏସଏମ୍‌ଏସ/କଲ୍ ଦ୍ୱାରା ଠକାମୀର ଶିକାର ହୁଅନ୍ତୁ ନାହିଁ"

## ୨୪ ଘଣ୍ଟା ପରେ ବି ୨ ମୃତକଙ୍କ ପରିଚୟ ମିଳିନି

ବ୍ରହ୍ମପୁର,୧୩।୭(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି)ଶନିବାର ଅପରାହ୍ନରେ ବ୍ରହ୍ମପୁର ରେଳଷ୍ଟେଶନ ୪ ନଂ. ପ୍ଲାଟଫର୍ମରୁ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା। ୨୪ ଘଣ୍ଟା ପରେ ବି ମୃତକମାନଙ୍କ ପରିଚୟ ମିଳିପାରି ନ ଥିବା ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ପୋଲାଇ ସୂଚନା ଦେଇଛନ୍ତି। ମୃତକଙ୍କ ନିକଟରୁ ୨ଟି ବିଷ ପାଉଚ୍ ଜବତ ହୋଇଥିଲା। ସେମାନେ ବିଷପିଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପରିଚୟ ମିଳିବା ପରେ ସେମାନେ କେଉଁ କାରଣରୁ ବିଷ ପିଇଲେ ତାହା ସ୍ପଷ୍ଟ ହୋଇପାରିବ ବୋଲି ସେ କହିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ ହୋଇଛି। ସେମାନଙ୍କ ଭିସେରା ସଂଗ୍ରହ କରାଯାଇଛି। ପରୀକ୍ଷା ପାଇଁ ଭିସେରା ଓ ଘଟଣାସ୍ଥଳରୁ ଜବତ ହୋଇଥିବା ପାଉଚ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଆରଏଫଏସଏଲକୁ ପଠାଯିବ ବୋଲି ସେ କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ୨ଟି ସଂରକ୍ଷଣ ଗୃହରେ ରଖାଯାଇଛି। ପରିଚୟ ଜାଣିବା ପାଇଁ ମୃତକଦ୍ୱୟଙ୍କ ଫଟୋ ସମସ୍ତ ଥାନାକୁ ପଠାଯିବ ବୋଲି ପୋଲାଇ କହିଛନ୍ତି। ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି ଫୁଟେଜରୁ ଦେଖାଯାଇଛି ଯେ, ସଂପୃକ୍ତ ପୁରୁଷ ଓ ମହିଳା ଶନିବାର ସକାଳ ୮ଟାରେ ପ୍ଲାଟଫର୍ମ ଟିକେଟ କାଟିଥିଲେ। ୪ନଂ. ପ୍ଲାଟଫର୍ମ ଯାଇଥିବା ବେଳେ ମଧ୍ୟାହ୍ନରେ ଏକ ପଲିଥିନ ଧରିଥିଲେ। ମୃତଦେହ ମିଳିଥିବା ସ୍ଥାନର ସିସିଟିଭି ଫୁଟେଜ ମିଳୁନାହିଁ। ସେମାନଙ୍କୁ ଦେଖିଥିବା କେତେଜଣ ଯାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି।

# ନିହଣ ମୁନ କଳାର ଚାତୁରି ଆପଣାପଣିଆ ବି ସୃଷ୍ଟି କରିଦେଇପାରେ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଆମେ ଗତ ସଂଖ୍ୟାରେ ପିପିଲିରୁ ଶୋଭାଯାତ୍ରା ପାଇଁ କନାର କାରୁକାର୍ଯ୍ୟ କ'ଣ କ'ଣ ଆସିଥିଲା ବର୍ଣ୍ଣନା କରିଥିଲୁ। କାରିଗରଙ୍କ ନାମ ଲେଖିଥିଲୁ। କେହି ଅଣଓଡ଼ିଆ ନ ଥିଲେ। ଏଥର ଆମେ ଦେଖିବା ରୁପା ସଜ ନିର୍ମାଣର ଐତିହ୍ୟ। 'ପଦ୍ମଝରି' ନିର୍ମାଣ ପାଇଁ ଓ ଦୁଇଟି ଠିଆ ଦର୍ପଣ ନିର୍ମାଣ ଲାଗି ରୁପା ଦିଆଯିବା ପରେ ଚାରୋଟି ରୁପାର ବଡ଼ପାତ୍ର ଏବଂ ଦୁଇଟି ଆଳତି ଦୀପ ନିମନ୍ତେ ୩୦୦ ତୋଳା ରୁପା ଯୋଗାଇ ଦିଆଯାଇଥିଲା। ତିନିଶହ ତୋଳା ରୁପାରେ ଦୁଇଟି ଠିଆ ଦର୍ପଣ, ଚାରୋଟି ବଡ଼ପାତ୍ର ଓ ଦୁଇଟି ଆଳତି ଦୀପ ପ୍ରସ୍ତୁତ ହୋଇଥିଲା।

ରୁପାର ପାତ୍ର ନିର୍ମାଣ ସମୟରେ ରୋଷଘର ନିର୍ମାଣ କାର୍ଯ୍ୟ ବିଦ୍ୟାଧର ମହାରଣାଙ୍କ ତଦାରଖରେ ଆଗେଇ ଚାଲିଥିଲା। ଶ୍ରୀପଦ୍ମକେଶର ମନ୍ଦିରର ଦକ୍ଷିଣପାର୍ଶ୍ୱରେ 'କାଦୁଅ ନାଳ'କୁ ପଥର ଆଣିବା ପାଇଁ ଗଭୀର ଓ ଭେଡ଼ା କରାଯାଇଥିଲା। ତାହାର କାରଣ ଆମେ ପୂର୍ବରୁ ଉଲ୍ଲେଖ କରିଥିଲୁ। ବର୍ତ୍ତମାନ ସମୟରେ ଅର୍ଥାତ୍ ପଥର ଆସିବା ବିଶେଷ ଭାବରେ ସମାପ୍ତ ହୋଇଯିବା ପରେ ଉକ୍ତ ନାଳ ପୋତାଯିବାକୁ ନିଷ୍ପତ୍ତି ହୋଇଥିଲା। ସେଥିପାଇଁ ଦୁଇଟି ହାତୀ ବାରଦିନ ଧରି ବାଲି ଆଣିବା ଦ୍ୱାରା ନାଳଟି ପୋତା ହୋଇଥିଲା। ମୁଖ୍ୟ ମନ୍ଦିରର ଉତ୍ତର ଦିଗରେ ବାସ୍ତୁଶାସ୍ତ୍ର ଅନୁଯାୟୀ ଏକ କୂଅ ଖୋଳାଯାଇଥିଲା। ଚବିଶ ଜଣ ପଥୁରିଆ ସେହି କାମରେ ନିଯୁକ୍ତ ହୋଇଥିଲେ। ନାଟମଣ୍ଡପର ନାକଚଣା କଳସ ନିର୍ମାଣ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିଲା । ଯେତେବେଳେ ନାକଚଣା କଳସ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁଯାଉଛି ବୋଲି ସୂତ୍ରଧରଙ୍କ ଧର୍ମପତ୍ନୀ ଶୁଣିଲେ, ସେ ନିର୍ମାଣ କାର୍ଯ୍ୟ ଦେଖିବାକୁ ଆସିଥିଲେ। ସ୍ମରଣଯୋଗ୍ୟ ଯେ, ସେତେବେଳେ ନିର୍ମାଣ କାର୍ଯ୍ୟର ମୁଖ୍ୟ ପରିଦର୍ଶକ ଏ କଥା ଜାଣିବା ପରେ ଆଦେଶ ଦେଇଥିଲେ, ତାହାଙ୍କୁ ନୀଳରଙ୍ଗର ଏକ ସିଲ୍କ ଶାଢ଼ିଦିଆଯାଉ। ଆଦେଶ ପାଳନ ହୋଇଥିଲା।

ସୂତ୍ରଧର ସଦାଶିବ ସାମନ୍ତରାୟ ମହାପାତ୍ର ନିର୍ମାଣ କାର୍ଯ୍ୟ ପାଇଁ କୋଣାର୍କ ଶିବିରରେ ବର୍ଷ ବର୍ଷ ଧରି ରହୁଥିଲେ। ପୁଅ ଧର୍ମପଦ ସାମନ୍ତରାୟ(ମହାପାତ୍ର ଉପାଧି ଦିଆଯାଇ ନ ଥିଲା ସେପର୍ଯ୍ୟନ୍ତ) ମଧ୍ୟ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହୁଥିଲେ। ବାପ-ପୁଅ ଏଣେ ବ୍ୟସ୍ତ ଥିବାବେଳେ ଧର୍ମପଦର ମାଆ ନିର୍ମାଣ କାର୍ଯ୍ୟର ଖବର ରଖୁଥିଲେ। ଉତ୍ସାହକୁ ଲକ୍ଷ୍ୟ କରିବା କଥା। ଉତ୍ସାହ ନ ଥିଲେ 'ନାକଚଣା କଳସ' ନିର୍ମାଣ ଦେଖିବାକୁ ମନ ବଳାଇ ନ ଥାନ୍ତେ। ପରିବାରର ସହଯୋଗ ଏହାକୁ ହିଁ କୁହାଯାଏ।

ପାରିବାରିକ ସହଯୋଗ ତ ଆମେ ଜାଣିଲେ। ପାରିବାରିକ 'ମୋହ' ମଧ୍ୟ ଆମେ ଜାଣିବା। ପାରିବାରିକ 'ମୋହ' ଯୋଗୁ ନିର୍ମାଣ ଖଳାର ବାତାବରଣ ମଧ୍ୟ ଉଷ୍ମ ହୋଇଥିଲା। ଦିନେ ସୂତ୍ରଧରଙ୍କୁ ବିଶି ମହାପାତ୍ରେ ତିନୋଟି ଲାବଣ୍ୟମୟୀ କନ୍ୟାମୂର୍ତ୍ତି ନିର୍ମାଣ କରିସାରି ଗଣତି ଦେଲେ। ନାରଣ ମହାପାତ୍ରେ


ନୂଆଦିଲ୍ଲୀସ୍ଥିତ ଜାତୀୟ ସଂଗ୍ରହାଳୟରେ ଥିବା କୋଣାର୍କର ନାରୀମୂର୍ତ୍ତି। (ଫଟୋ: ଡ. କୁମାର ଅରଜ୍ୟୋତି)

### ନିର୍ମାଣ ଖଳାରେ ପାରିବାରିକ ସହଯୋଗ ଓ 'ମୋହ' ସ୍ୱତଃ ଆସେ

ଐତିହ୍ୟର ଓଡ଼ିଶା

ସେଠି ଉପସ୍ଥିତ ଥିଲେ। ସେ ବି ଦେଖିଲେ। ହଠାତ୍ କହିଲେ... ଏ କି କଥା। ତୃତୀୟ କନ୍ୟାମୂର୍ତ୍ତି ଗ୍ରହଣ କରିବା କଥା ନୁହଁ...।

ଶିବେଇ ସାନ୍ତରା ତାଙ୍କ ମୁହଁକୁ ଟିକେ ଚାହିଁଲେ। ପୁଣି ବିଶି ମହାପାତ୍ରଙ୍କ ମୁହଁକୁ...! କହିଲେ- କ'ଣ ଅସୁବିଧା କହୁନ। ନାରଣ ମହାପାତ୍ରେ କହିଲେ- ସେ ପରା ନିଜ ପତ୍ନୀଙ୍କର ଅବିକଳ ମୂର୍ତ୍ତି କରିଛନ୍ତି। ମୁଁ କ'ଣ ତାଙ୍କୁ ଦେଖିନି? ମୂର୍ତ୍ତି ସମ୍ପୂର୍ଣ୍ଣ ମିଶିଯାଉଛି। ମନ୍ଦିରରେ କେମିତି ଲାଗିବ?

ସୂତ୍ରଧର ବହୁ ବୁଝାବୁଝି କରି ଜାଣିଲେ ନାରଣ ମହାପାତ୍ରଙ୍କ କଥାରେ କିଛି ସତ୍ୟତା ଅଛି। ଦୁଇଟି ମୂର୍ତ୍ତି ଗ୍ରହଣ କଲେ। ତୃତୀୟ ମୂର୍ତ୍ତିଟିକୁ ବାତିଲ କରିଦେଲେ। ବିଶି ମହାପାତ୍ରେ ଠିଆ ହୋଇଥାନ୍ତି। ମୂର୍ତ୍ତି ଗଢୁ ଗଢୁ ନିଜ ଧର୍ମପତ୍ନୀଙ୍କ କଥା ମନେପଡ଼ିବାରୁ ବୋଧହୁଏ ଅଲକ୍ଷ୍ୟରେ ମୂର୍ତ୍ତିଟି ସେହିପରି ହୋଇଯାଇଛି! ଭାବିଲେ...। ଚୁପ୍ ରହିଲେ।

ଗଙ୍ଗା ମହାପାତ୍ରଙ୍କୁ ସୂତ୍ରଧର ବି ଡକେଇଥିଲେ। ମହାପାତ୍ରେ ସେଠି ଉପସ୍ଥିତ ଥାଆନ୍ତି। ସବୁ ଶୁଣିଲେ। ନିଷ୍ପତ୍ତି ବି ଜାଣିଲେ। ମନ ମାନିଲାନି। ନିଖୁଣ ମୂର୍ତ୍ତିଟିଏ ସହଜରେ ହୁଏନି, ହେଲା ଯଦି ଅପାଙ୍‌କ୍ତେୟ କରିଦେବା! ପଦ୍ମର ମୂଳଦୁଆ ଉପରେ ମୂର୍ତ୍ତି ଖୋଦେଇ ହୋଇଛି। ଠିକ୍ ଲାଗୁଛି ଯେପରି ଦେବୀ ମୂର୍ତ୍ତି ଠିଆ ହୋଇଛନ୍ତି। ମନଲୋଭା ମୂର୍ତ୍ତି। ଦେଖିଲେ ଘଡ଼ିଏ ଅଟକିଯିବ ଦର୍ଶକ। ପରିତ୍ୟାଗ କରିବା ଉଚିତ ହେଉନାହିଁ। ଏହାଙ୍କ ସ୍ୱତନ୍ତ୍ର ମୂର୍ତ୍ତି ବୋଲି ବିଚାର କରିବାରୁ ମନରେ ବିଭ୍ରାଟ ଆସୁଛି। ଦେବୀ ମୂର୍ତ୍ତି ବୋଲି ଗ୍ରହଣ କଲେ? ଏ କଥା କହି ସୂତ୍ରଧରଙ୍କ ମୁହଁକୁ ଚାହିଁଲେ। ଉଦାର ପଣରେ କଥାଟାକୁ ସୂତ୍ରଧର ଗ୍ରହଣ କଲେ। ସେ ମୂର୍ତ୍ତି ଗ୍ରହଣ ହେଲା। ବନ୍ଦାପନା ମଣ୍ଡପରେ ଶୋଭା ପାଇଥିଲା। ନିହଣ ମୁନ ବେଳେବେଳେ କଳାର ଚାତୁରିରେ ଏମିତି ସୃଷ୍ଟି କରେ... ଭ୍ରମ ସୃଷ୍ଟି ହୁଏ। ସାହିତ୍ୟରେ ବି...।

ଭିତରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଉଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା

-ଶ୍ରାବଣ ପ୍ରଥମ ସୋମବାର ଓ ବୋଲ୍‌ବମ୍ ଆରମ୍ଭ



# ନାଗରିକ ଅସହାୟ

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବି.ଏଡ୍. ଦ୍ୱିତୀୟ ବର୍ଷର ଛାତ୍ରୀ ୧୨ ଜୁଲାଇରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରି ପ୍ରାୟ ୯୦ ପ୍ରତିଶତ ପୋଡ଼ିଯାଇଛନ୍ତି। କଲେଜ ଶିକ୍ଷା ବିଭାଗର ମୁଖ୍ୟ ତାଙ୍କୁ ବାରମ୍ବାର ଯୌନ ତଥା ମାନସିକ ନିର୍ଯାତନା ଦେଇଆସୁଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କ କଥାରେ ରାଜି ନ ହେଲେ ଇଣ୍ଟରନାଲ୍ ଏକ୍‌ଜାମରେ ମାର୍କ କମାଇ ଦେଇ ପାସ୍ କରାଇଦେବେ ନାହିଁ ବୋଲି ଛାତ୍ରୀଙ୍କୁ ଅଧ୍ୟାପକ ଧମକ ଦେଉଥିଲେ। ଏସବୁ ବିଷୟରେ ଛାତ୍ରୀ କଲେଜ ଅଧ୍ୟକ୍ଷ ଏବଂ ପରେ ପୋଲିସ ଓ ସ୍ଥାନୀୟ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ଅବଗତ କରାଇଥିବା କଥା ପଦାକୁ ଆସୁଛି। ଏଥିସହିତ ୧ ଜୁଲାଇ ରାତି ୧୦ଟା ୨୯ରେ ଛାତ୍ରୀ ଜଣଙ୍କ ସ୍ଥାନୀୟ ବିଧାୟକ ମାନସ ଦତ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଲେଶ୍ୱର ଜିଲାପାଳ ଏବଂ ଜାତୀୟ ମହିଳା କମିଶନଙ୍କୁ ସାମାଜିକ ଗଣମାଧ୍ୟମ 'X' ଜରିଆରେ ସବୁକିଛି ସ୍ପଷ୍ଟ ଭାବେ ଜଣାଇଥିଲେ। ହେଲେ କେହି ତାଙ୍କୁ ସହଯୋଗ କରି ନ ଥିଲେ। ବରଂ କଲେଜ ଅଧ୍ୟକ୍ଷ ଛାତ୍ରୀଙ୍କର ସବୁ ଭୁଲ୍ ବୋଲି ଦର୍ଶାଇବା ପରେ ଅନନ୍ୟୋପାୟ ହୋଇ ସେ ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି କୁହାଯାଉଛି। ଏହି ଲେଖା ପ୍ରସ୍ତୁତ ହେଲା ବେଳକୁ ସମ୍ପୃକ୍ତା ଛାତ୍ରୀ ଭୁବନେଶ୍ୱର ଏମ୍ସରେ ଅତି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିବା ପରେ ସରକାର ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବନ କରି ଗିରଫ କରିଥିବା ବେଳେ ଅଧ୍ୟକ୍ଷଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗଠନ କରାଯାଇଥିବା ୩ ଜଣିଆ କମିଟି ସମ୍ପୃକ୍ତ କଲେଜ ଯାଇ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ମନେହେଉଛି ଯେପରି ଏହାସବୁ ଖେଳ ସରିବା ପରେ ହ୍ୱିସିଲ ମରାଯାଉଛି।

ଜଣେ ଛାତ୍ରୀ ଆତ୍ମାହୁତି ଦେବା ଯାଏ ଚିନ୍ତା କରିବା ସୂଚାଉଛି ଯେ, ସେ କେତେ ପରିମାଣରେ ମାନସିକ ନିର୍ଯାତନା ପାଇଥିବେ। ଛାତ୍ରୀ ଓ ମହିଳାମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ଲାଗି କଲେଜଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟସ୍ଥଳୀରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିମାନ ଗଢ଼ିବା ଲାଗି ସୁପ୍ରିମକୋର୍ଟ ଏବଂ ସରକାରଙ୍କ ନିର୍ଦ୍ଦେଶ ରହିଛି। ଆତ୍ମାହୁତି ଦେଇଥିବା ଛାତ୍ରୀ ତାଙ୍କ ପ୍ରତି ନିର୍ଯାତନା ହେଉଥିବା ବିଷୟରେ ଜଣାଇବା ପରେ ଯାଇ କଲେଜରେ ସମ୍ପୃକ୍ତ କମିଟି ଗଢ଼ାଯାଇଥିବା ଆଲୋଚନା ହେଉଛି। ତାହା ସତ୍ୟ ହୋଇଥିଲେ କଲେଜ ଅଧ୍ୟକ୍ଷ ନିଜ କର୍ତ୍ତବ୍ୟ ପ୍ରତି କେତେ ଦାୟିତ୍ୱବାନ ବୁଝିହେଉଛି। ଖବର ମିଳିଛି, କମିଟି ରିପୋର୍ଟ ଦାଖଲ କରିଥିଲେ ମଧ୍ୟ ସେଥିରେ ଯୌନ ଶୋଷଣ ହୋଇଥିବା ବିଷୟ ଦର୍ଶାଯାଇ ନ ଥିଲା। ସମ୍ଭବତଃ ସେଥିରେ ଛାତ୍ରୀ ବ୍ୟତିବ୍ୟସ୍ତ ହୋଇପଡ଼ିଥିବେ।

**ସ୍ୱୀକାର କରୁଛୁ ଯେ, ଅସମ୍ଭାଳ ଚାପ ଯୋଗୁ ଜଣେ ଆତ୍ମାହୁତି ଦେଇଥାଏ। ଯଦି ନିଜକୁ ପୋଡ଼ି ଦେବାର ସାହସ ଓ ମନୋବଳ ରହୁଛି, ତେବେ ଜୀବନକୁ ସାମ୍ନା କରିବା ପାଇଁ ସେହିଭଳି ଶକ୍ତି ରଖିବାର ଥିଲା। ଏହା ମଧ୍ୟ ସ୍ୱୀକାର କରୁଛୁ ଯେ ପଛବୁଦ୍ଧିରେ ଦେଉଥିବା ଉପଦେଶ କୌଣସି ଅର୍ଥ ରଖେ ନାହିଁ। କିନ୍ତୁ ଏ ଘଟଣା ପ୍ରମାଣ କରୁଛି ଯେ ଭାରତରେ ସରକାରୀ, ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ନାଗରିକଙ୍କୁ ସାହାଯ୍ୟ କରୁନାହିଁ।**

ଏଠାରେ ଆଉ ଏକ ଦିଗକୁ ଦେଖାଯାଉ। ଶୁଣିବାକୁ ମିଳିଛି ଯେ, ସମ୍ପୃକ୍ତା ଛାତ୍ରୀ ନିଜେ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମପ୍ରାପ୍ତ ଟ୍ରେନର। ଏଥିସହିତ ଶାସକ ଦଳର ଛାତ୍ର ଶାଖା ଏବିଭିପିର ସେ ଜଣେ କର୍ମୀ। ରାଜନୈତିକ ଚିନ୍ତାଧାରା ପୋଷଣ କରୁଥିବା ଓ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବା ଜଣେ ଛାତ୍ରୀ କାହିଁକି ଏତେ ଭାଙ୍ଗିପଡ଼ିଲେ ବୁଝିବା କଷ୍ଟକର। ଏହା କହିଲା ବେଳେ ସ୍ୱୀକାର କରୁଛୁ ଯେ, ଅସମ୍ଭାଳ ଚାପ ଯୋଗୁ ଜଣେ ଆତ୍ମାହୁତି ଦେଇଥାଏ। ଯଦି ନିଜକୁ ପୋଡ଼ି ଦେବାର ସାହସ ଓ ମନୋବଳ ରହୁଛି, ତେବେ ଜୀବନକୁ ସାମ୍ନା କରିବା ପାଇଁ ସେହିଭଳି ଶକ୍ତି ରଖିବାର ଥିଲା। ଏହା ମଧ୍ୟ ସ୍ୱୀକାର କରୁଛୁ ଯେ ପଛବୁଦ୍ଧିରେ ଦେଉଥିବା ଉପଦେଶ କୌଣସି ଅର୍ଥ ରଖେ ନାହିଁ। କିନ୍ତୁ ଏ ଘଟଣା ପ୍ରମାଣ କରୁଛି ଯେ ଭାରତରେ ସରକାରୀ, ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ନାଗରିକଙ୍କୁ ସାହାଯ୍ୟ କରୁନାହିଁ।

# ମହାମହିମଙ୍କୁ ସ୍ୱାଗତମ୍



ମୋହନ ଚରଣ ମାଝୀ
(ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର)

ଆଜି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଜନ୍ମମାଟି ଓଡ଼ିଶା ଗସ୍ତରେ ଆସିବେ। ଓଡ଼ିଶା ମାଟିରେ ପାଦ ଦେବାର ଅବ୍ୟବହିତ ପୂର୍ବରୁ ଭାରତବର୍ଷର ଏହି ମହାନ୍ ବିଭୂତିଙ୍କୁ ଓଡ଼ିଶାର ଏହି ପବିତ୍ର ମାଟିକୁ ହୃଦୟର ସହ ସ୍ୱାଗତ କରୁଛି। ସାଢ଼େ ୪ କୋଟି ଓଡ଼ିଆଙ୍କ ତରଫରୁ ମୋ ବଡ଼ଭଉଣୀଙ୍କୁ ସ୍ୱାଗତ କରିବା ସମୟରେ ସାନଭାଇର ହୃଦୟ ମଧ୍ୟ ଖୁସିରେ ଭରିଯାଉଛି।

ଭାରତବର୍ଷର ୧୫ତମ ରାଷ୍ଟ୍ରପତି ଭାବରେ ଜଣେ ଓଡ଼ିଆ ଝିଅ ନିର୍ବାଚିତ ହେବା ନିଶ୍ଚିତ ଭାବରେ ଗର୍ବ ଓ ଗୌରବର ବିଷୟ। ମାତ୍ର ପୂର୍ବ ୧୪ ରାଷ୍ଟ୍ରପତିଙ୍କଠାରୁ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କର ପରିଚୟ ଟିକେ ନିଆରା ଓ ସ୍ୱତନ୍ତ୍ର। ପ୍ରଥମ ଆଦିବାସୀ ମହିଳା ଭାବରେ ଦେଶର ସର୍ବୋଚ୍ଚ ପଦବୀକୁ ଯିବା ଖାଲି ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ନ ଥିଲା। ସାରା ଦେଶର ଆଦିବାସୀ ସମାଜ, ମହିଳା, ଗରିବ ଓ ଉପେକ୍ଷିତ ବର୍ଗଙ୍କ ପାଇଁ ଥିଲା ସବୁଠାରୁ ଖୁସିର ଦିନ।

ମୋର ମନେଅଛି, ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ସାରା ଦେଶରେ ଦେଖାଦେଇଥିଲା ଉତ୍ସବର ମାହୋଲ। ହିମାଳୟରୁ କୁମାରିକା ପର୍ଯ୍ୟନ୍ତ ଆଦିବାସୀ-ଦଳିତ-ଗରିବ ଓ ମେହନତି ମଣିଷ ରାଜରାସ୍ତାକୁ ଓହ୍ଲାଇ ଆସି ଉତ୍ସବ ପାଳନ କରିଥିଲେ। ବୋଧହୁଏ ଅତୀତରେ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ସାରା ଦେଶରେ ଏପରି ମାହୋଲ ନା କେବେ ହୋଇଥିଲା ନା ଭବିଷ୍ୟତରେ ଏପରି କେବେ ହେବ ମୁଁ ଭାବି ପାରୁନାହିଁ।

ଦ୍ରୌପଦୀ ମୁର୍ମୁ ଖାଲି ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱ ନୁହନ୍ତି ବରଂ ତାଙ୍କ ପାରିବାରିକ ପୃଷ୍ଠଭୂମି ଏବଂ ସାମାଜିକ ଜୀବନ ସାରା ଭାରତବାସୀଙ୍କ ପାଇଁ ଏକ ଆକର୍ଷଣର ସ୍ଥିତି ତିଆରି କରିଥିଲା।

ରାଇରଙ୍ଗପୁରରୁ-ରାଇସିନା ହିଲ୍ ମାନେ ଯିଏ ସମାଜ ଓ ଆର୍ଥିକ ବ୍ୟବସ୍ଥାର ସବୁଠାରୁ ଶେଷ ପାହାଚର ମଣିଷ-ସେ ଦେଶର ସର୍ବୋଚ୍ଚ ପଦବୀକୁ ଯାଇପାରେ। ଏହା ଭାରତର ଗଣତନ୍ତ୍ରର ଶକ୍ତି। ଏକଥା ଖାଲି ଆମ ଦେଶର ସମ୍ବିଧାନର ସମାନତାର ଅଧିକାରର ପୋଥି ବାଇଗଣ ନୁହେଁ ବରଂ ଭାରତ ଭଳି ଦେଶର ଏହା ସତ୍ୟ ଓ ଅଙ୍ଗେନିଭା କଥା ହୋଇପାରେ। ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ହୋଇ ଏହା ପ୍ରମାଣିତ କରିଛନ୍ତି। ନିଶ୍ଚିତ ଭାବରେ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଚୟନରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ନିର୍ଣ୍ଣାୟକ ଭୂମିକା ଥିଲା। ମୋଦିଜୀଙ୍କ ବିଚାରର ଦୁଇଟି ପ୍ରସଙ୍ଗ, ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସମୟରେ ଉଲ୍ଲେଖ କରିବା ସମୀଚୀନ ହେବ। ମୋଦିଜୀ ପୂର୍ବୋଦୟ ପରିକଳ୍ପନାର ଜନକ। ଦେଶର ପଶ୍ଚିମ ଓ ଦକ୍ଷିଣ ଭାଗ ତୁଳନାରେ ବିକାଶର ମାପଦଣ୍ଡରେ ପଛରେ ଥିବା ପୂର୍ବଭାଗକୁ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ କରିବା ଥିଲା ତାଙ୍କର ଯୋଜନା। ଦେଶର ଗରିବ ଓ ମହିଳାମାନଙ୍କ ଦ୍ରୁତ ବିକାଶ ବିନା ବିକଶିତ ଭାରତର ପରିକଳ୍ପନା ସମ୍ଭବ ନୁହେଁ ବୋଲି ସେ ଥିଲେ ସ୍ପଷ୍ଟ। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରି ମୋଦିଜୀ ସାରା ଦେଶରେ ତାଙ୍କର ପ୍ରାଥମିକତାକୁ ସଫଳତାର ସହ ହାସଲ କରିବା ପାଇଁ ଏକ ସୁନ୍ଦର ପୃଷ୍ଠଭୂମି ତିଆରି କରିବାରେ ସଫଳ ହୋଇଥିଲେ ଏହା ନିଃସନ୍ଦେହରେ କୁହାଯାଇପାରେ।

ମୋର ମନେଅଛି ଝାଡ଼ଖଣ୍ଡର ରାଜ୍ୟପାଳ ଥିବାବେଳେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବା ଅବସରରେ ତାଙ୍କ ପିଲାଦିନର କାହାଣୀ ସାରାଦେଶବାସୀଙ୍କୁ ପ୍ରଭାବିତ କରିଥିଲା। ଛାତ୍ରାବସ୍ଥାରେ ନିଜେ ଦ୍ରୌପଦୀ ମୁର୍ମୁ ଘରେ ରୋଷେଇ ପାଇଁ ଜଙ୍ଗଲକୁ ଯାଇ ଶୁଖିଲା କାଠ ସଂଗ୍ରହ କରି ଘରକୁ ଆଣିବାର କାହାଣୀ ସାରା ଦେଶ ଶୁଣିଥିଲା। ଚୁଲି ଧୂଆଁର କଷ୍ଟ ଶ୍ରୀମତୀ ମୁର୍ମୁଙ୍କର ଅଙ୍ଗେନିଭା କାହାଣୀ।

ମୋର ସୌଭାଗ୍ୟ ୨୦୦୦ ମସିହାରେ ମୁଁ ବିଧାୟକ ଭାବରେ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇ ପବିତ୍ର ଗୃହରେ ପ୍ରବେଶ କରିଥିଲି। ଦ୍ରୌପଦୀ ମୁର୍ମୁ ସେତେବେଳେ ରାଜ୍ୟ ସରକାରରେ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ନିଜ ବିଭାଗ କାମକୁ ନିଷ୍ଠା ଓ କଠିନ ପରିଶ୍ରମର ସହ ସଫଳ କରିବାରେ ସେ ଥିଲେ ସିଦ୍ଧହସ୍ତ। ବିଧାନସଭା ଭିତରେ ବିରୋଧୀଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ବେଳେ ସେ ସବୁବେଳେ ଶାନ୍ତ, ସରଳ ଓ ଅତ୍ୟନ୍ତ ଭଦ୍ରାମିର ସହ ଉତ୍ତର ରଖି ବିରୋଧୀଙ୍କୁ ଚୁପ୍ କରିବାର କ୍ଷମତା ରଖିଥିଲେ। ଜଣେ ଯୁବ ବିଧାୟକ ଭାବରେ ବିଶେଷକରି ସରକାରୀ ମେଣ୍ଟର ସଦସ୍ୟ ହୋଇଥିବା କାରଣରୁ କହିବାକୁ ସୁଯୋଗ ମିଳୁଥିଲା କମ୍। ମାତ୍ର ସେତେବେଳେ ଦ୍ରୌପଦୀ ମୁର୍ମୁ ଆମକୁ କିପରି ନିଜ ଅଞ୍ଚଳ ତଥା ରାଜ୍ୟର ଗରିବ-ମହିଳା, ଆଦିବାସୀ, ଦଳିତ ଓ କୃଷକ, ଯୁବକଙ୍କ ସମସ୍ୟାକୁ ଉତ୍ଥାପନ କରିବା ସେ ସମ୍ପର୍କରେ ପରାମର୍ଶ ଦେଉଥିଲେ। ଆମେ ୨୦୦୦ ମସିହାରେ ବିଧାୟକ ହେବାର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଦ୍ରୌପଦୀ ମୁର୍ମୁଙ୍କଠାରୁ ଗରିବଙ୍କ ବିକାଶ ସମ୍ପର୍କରେ ଯେଉଁ ଶିକ୍ଷା ଗ୍ରହଣ କରିଥିଲୁ ପରବର୍ତ୍ତୀ ସମୟରେ ମୋଦିଜୀ ସେହି କଥାକୁ ୪ ଜାତିର ବିକାଶ ନାଁର ବେଶ୍ ଜନପ୍ରିୟ କରିଛନ୍ତି। ଏହା ମହିଳା, ଯୁବକ, କୃଷକ, ଗରିବ କଲ୍ୟାଣ ନାଁରେ ବେଶ୍ ଜନପ୍ରିୟ ହୋଇଛି। ୨୦୧୪ ମସିହାରେ ମୋଦିଙ୍କ ବିକାଶର ନୂଆ ଦୃଷ୍ଟିକୋଣ ଦେଶବାସୀଙ୍କ ସାମ୍ନାରେ ଉପସ୍ଥାପିତ ହେବାର ଯଥେଷ୍ଟ ପୂର୍ବରୁ ଦ୍ରୌପଦୀ ମୁର୍ମୁ ଯେ ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଷ୍ଟ୍ର ନାୟକ ଥିଲେ ତା'ର ପରିଚୟ ସେ ସମୟରେ ମୋ ଭଳି ଜଣେ ଯୁବ ବିଧାୟକ ମର୍ମେ ମର୍ମେ ଅନୁଭବ କରିଥିଲା।

ଆମ ରାଜ୍ୟର ମୋଟ ଜନସାଧାରଣଙ୍କ ମଧ୍ୟରୁ ୨୨ ପ୍ରତିଶତ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର। ଆମ ରାଜ୍ୟରେ ୬୨ ପ୍ରକାରର ଜନଜାତି ବର୍ଗର ଜନସାଧାରଣ ବସବାସ କରୁଛନ୍ତି। ଓଡ଼ିଶାରେ ଆଦିବାସୀମାନଙ୍କ ନୃତ୍ୟ, ସଙ୍ଗୀତ, ହସ୍ତଶିଳ୍ପ ଓ ପାରମ୍ପରିକ ଉତ୍ସବ ଆମ ରାଜ୍ୟରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ପ୍ରକୃତି ସହ ଆଦିବାସୀଙ୍କ ସମ୍ପର୍କ। ଶାଳଗଛର ଫୁଲ ଫୁଟିଲେ ସେମାନେ ମନାନ୍ତି ଚଇତି ପର୍ବ। ପ୍ରାକୃତିକ ରଙ୍ଗରେ ଚିତ୍ରକଳା ଘରର କାନ୍ଥରେ ନୂଆ ପରିଚୟ ସୃଷ୍ଟି କରେ।

ଓଡ଼ିଆ ଆଦିବାସୀ ବର୍ଗରେ ଜନ୍ମ ନେଇଥିବା ସନ୍ଥକବି ଭୀମ ଭୋଇଙ୍କୁ ଯଦି ବିଶ୍ୱର ସବୁଠୁ ବଡ଼ ଦାର୍ଶନିକମାନଙ୍କ ମଧ୍ୟରେ ସ୍ଥାନିତ କରିବା ବୋଧହୁଏ ଭୁଲ୍ ହେବ ନାହିଁ। ସାମାଜିକ ସମରସତା, ଆଦିବାସୀଙ୍କ ସମାନତା ଏବଂ ମାନବୀୟ ସମ୍ବେଦନଶୀଳତାର ଭୀମ ଭୋଇ ମୂର୍ତ୍ତିମନ୍ତ ପ୍ରତୀକ କହିଲେ ଭୁଲ୍ ହେବ ନାହିଁ। ତାଙ୍କ ଦ୍ୱାରା ରଚିତ କାଳଜୟୀ କବିତା ''ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ''। ଏହା ଓଡ଼ିଆ ସଭ୍ୟତା, ସଂସ୍କୃତି, ତ୍ୟାଗ, ତପସ୍ୟା, ବଳିଦାନର ମଧୁର କାହାଣୀକୁ ସୁନ୍ଦର ଭାବେ ବ୍ୟାଖ୍ୟା କରୁଛି।

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସିଥିବା ସାନ୍ତାଳି ଜନଜାତି ଗୋଷ୍ଠୀର ଗୌରବମୟ ପରମ୍ପରା ରହିଛି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପରି ପ୍ରାତଃସ୍ମରଣୀୟ ବ୍ୟକ୍ତିତ୍ୱ ଅଲଚିକି ଭାଷାର ଲିପି ପ୍ରସ୍ତୁତ କରିଥିଲେ। ଏହି ଭାଷା ଦେଶର ଅଦ୍ୱିତୀୟ ଜନନାୟକ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ପାଇଥିଲା। ଅଲଚିକି ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବା ଅବସରରେ ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ଉତ୍ସବରେ ଦ୍ରୌପଦୀ ମୁର୍ମୁଙ୍କର ଖୁସି ଗଦଗଦ ଚେହେରା ଓ ତାଙ୍କ ହାତରେ ମିଠା ବଣ୍ଟାର ମୁହୂର୍ତ୍ତ ଆଜି ବି ମୋ ମନରେ ତାଜା ଅଛି। ସେ ତାଙ୍କର ଜନଜାତି ଗୋଷ୍ଠୀ ଓ ଭାଷା ସହ କିପରି ଓତପ୍ରୋତ ଭାବରେ ଜଡ଼ିତ ଥିଲେ ତା'ର ଝଲକ ଦେଖିବାକୁ ମିଳିଥିଲା। ୨୦୦୩ ମସିହାରେ ଅଲଚିକି ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବା ସମୟରେ ଶ୍ରୀମତୀ ମୁର୍ମୁ ଓଡ଼ିଶା ସରକାରରେ ମନ୍ତ୍ରୀ ଥିଲେ। ସେ ସମୟରେ ତାଙ୍କର ଆଦିବାସୀ ଗୋଷ୍ଠୀ ଓ ଭାଷା ପାଇଁ ଥିବା ଶ୍ରଦ୍ଧା ଓ ସମ୍ମାନ ଜଣେ ଆଦିବାସୀ ଭାବରେ ମୋତେ ଅନେକ ପ୍ରେରଣା ଯୋଗାଇଥିଲା।

ଓଡ଼ିଶାର ଏହି ମହାନ୍ ବିଭୂତି ତଥା ମହିଳା ଓ ଗରିବଙ୍କ ରୋଲ୍ ମଡେଲଙ୍କୁ ରାଜନୈତିକ ଅଭିସନ୍ଧି ରଖି ଅନେକବାର ଲାଞ୍ଛନା ଓ ଅପମାନ ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଜଣେ ଗରିବ ଓ ଉପେକ୍ଷିତ ମହିଳା କିପରି ଦେଶର ସର୍ବୋଚ୍ଚ ପଦବୀକୁ ଯିବ ସାମନ୍ତବାଦୀ ରାଜନୈତିକ ବିଚାର ରଖିଥିବା ଲୋକ ଗ୍ରହଣ କରିବା କଷ୍ଟକର।

ଆଜି ଯେତେବେଳେ ମହାମହିମ ଭାବରେ ଦ୍ରୌପଦୀ ମୁର୍ମୁ ଓଡ଼ିଶାରେ ପଦାର୍ପଣ କରିବେ ଜଣେ ସାଧାରଣ ଆଦିବାସୀ ପରିବାରରୁ ଆସିଥିବା ବ୍ୟକ୍ତି ଭାବରେ ମୁଁ ବିଶେଷ ଆନନ୍ଦିତ। ଗରିବୀ, ଅଭାବ, ଅନଟନ ଭିତରେ ଜୀବନ ସଂଘର୍ଷ ଓ ତା' ଭିତରେ ପଡ଼ିଉଠି ଛିଡ଼ାହେବାର ଅନୁଭବ ମୋ ପାଖରେ ଅଛି। ରାଜ୍ୟର ଆଦିବାସୀ ଓ ଗରିବଙ୍କ ପାଇଁ ଆହୁରି ନିଷ୍ଠା ଓ ଯୋଜନାବଦ୍ଧ ଭାବରେ କାମ କରିବା ପାଇଁ ମହାମହିମ ମୋ ପାଇଁ ପ୍ରେରଣା। ମହାମହିମଙ୍କର ଓଡ଼ିଶାରେ ପଦାର୍ପଣଠାରୁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ପୁଣି ଦିଲ୍ଲୀ ଫେରିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ମୁଁ କଡ଼ା ନିର୍ଦ୍ଦେଶ ଦେଇଛି। ମହାମହିମଙ୍କ ଏହି ଗସ୍ତ କାଳରେ ସାରା ଓଡ଼ିଶାବାସୀ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବେ ଏବଂ ନୂଆ ପିଢ଼ି ପ୍ରେରଣା ନେବ ଏଥିରେ ସନ୍ଦେହ ନାହିଁ।

**ଜୟ ଜଗନ୍ନାଥ**

# ଶ୍ୟାମଳ ପୃଥିବୀର ସ୍ୱପ୍ନ



ଜୟଶ୍ରୀ ପଟ୍ଟନାୟକ

ପ୍ରାକୃତିକ ସମ୍ପଦରେ ଭରପୂର ଆମ ପ୍ରକୃତି। ମୃତ୍ତିକା, ଜଳ, ଉଦ୍ଭିଦ, ଜୀବଜନ୍ତୁ, ଖଣିଜ ଦ୍ରବ୍ୟ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ଆଦିମାନବ ଏହାର ସମ୍ପୂର୍ଣ୍ଣ ବ୍ୟବହାର ଶିକ୍ଷା କରି ନ ଥିଲା। ଶିକ୍ଷା ଓ ସଭ୍ୟତାର ଉନ୍ନତି ହେବା ସଙ୍ଗେ ସଙ୍ଗେ ମଣିଷ ନିଜ ଜୀବନକୁ ବି ସମୁଚିତ ମାର୍ଗରେ ପରିଚାଳିତ କରିପାରିଛି। ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ସହିତ ଜୀବନକୁ ସରସ, ସୁନ୍ଦର କରି ଗଢ଼ିତୋଳିଛି। ତଥାପି ତାକୁ ପ୍ରକୃତି ଉପରେ ନିର୍ଭର କରିବାକୁ ପଡୁଛି। ଜଙ୍ଗଲରୁ କାଠ ବାଉଁଶ, ବନ୍ୟଦ୍ରବ୍ୟ, ଔଷଧ, ମହୁ, ଝୁଣା, ଲାଖି ସବୁ ମିଳିଲା, ଯଦ୍ୱାରା ଜଙ୍ଗଲ ତା'ର ନିତିଦିନିଆ ଜୀବନର ସାଥୀ ହୋଇପାରିଲା। ଜଙ୍ଗଲ ତାକୁ ବଞ୍ଚେଇବା ଶିଖାଇଲା। ତା' ସୁଖଦୁଃଖର ସାଥୀ ହେଲା। ବୃକ୍ଷ ବିନା ସୃଷ୍ଟି ଅସମ୍ଭବ ଏକଥା ସେ ଜାଣିପାରିଲା। ବୃକ୍ଷ ପୃଥିବୀର ରକ୍ଷାକବଚ। ପୃଥିବୀକୁ ଶ୍ୟାମଳ ସୁନ୍ଦର ସତେଜ କରି ରଖିବାକୁ ସବୁଜ ବନାନୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ବୁଝିପାରିଲା।

ଜାତୀୟ ଜଙ୍ଗଲ ନୀତି ଅନୁସାରେ ଆମ ଦେଶରେ ଶତକଡ଼ା ୩୩.୨ ଜଙ୍ଗଲ ରହିବା କଥା ହେଲେ ଅଛି ୨୨.୭। ଆମ ରାଜ୍ୟରେ ପ୍ରାୟ ୬୧,୨୦୪. ୧୭ ବର୍ଗ କି.ମି. ଜଙ୍ଗଲ ରହିଛି। ଯାହାକି ଭୌଗୋଳିକ କ୍ଷେତ୍ରଫଳର ୩୯.୩୧ ପ୍ରତିଶତ। ଜଙ୍ଗଲ ପରିମାଣ ଦିନକୁଦିନ ହ୍ରାସ ଘଟୁଛି। ଏହି ଜଙ୍ଗଲ କ୍ଷୟକୁ ରୋକିବା ପାଇଁ ସରକାରୀ ବେସରକାରୀ ସ୍ତରରେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ସ୍ୱାଧୀନ ଭାରତରେ ଜଙ୍ଗଲ କ୍ଷୟ ରୋକିବା ଲାଗି ବନମହୋତ୍ସବ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜୁଲାଇ ମାସର ପ୍ରଥମ ସପ୍ତାହ ଅର୍ଥାତ୍ ଜୁଲାଇ ୧ରୁ ୮ ସାରା ଦେଶରେ ପାଳନ କରାଗଲା। ଆମେ ଜାଣିବା ଦରକାର ଯେ ଗଛ କେବଳ ଗଛ ନୁହେଁ । କାଠ, ପଟା , ଜାଳେଣି, ଛାଇ , ଔଷଧ ସହିତ ଆମେ ପାଉ ନିର୍ମଳ ପରିବେଶ, ଗଛ ଯୋଗୁ ସୁନ୍ଦର ଦିଶେ ସବୁଜ ବନାନୀ, ଗଛ ପାଇଁ ଚାଲେ ଆମର ଶ୍ୱାସ ପ୍ରଶ୍ୱାସ। ବାୟୁ ବିଶୋଧନ ନିମନ୍ତେ ବୃକ୍ଷ ରାତିରେ ଅଙ୍ଗାରକାମ୍ଳ ଗ୍ରହଣ କରି ଦିନରେ ଅମ୍ଳଜାନ ପରିତ୍ୟାଗ କରେ। ଏହା ମଣିଷ ପାଇଁ ହିତକର। ଏଣୁ ବୃକ୍ଷ ହିଁ ମଣିଷର ପ୍ରକୃତ ବନ୍ଧୁ। ବୃକ୍ଷ ବ୍ୟତିରେକେ ଜୀବନ ଅସମ୍ଭବ।

ଲୋକମାନେ ଏହିକଥା ନ ବୁଝିପାରି ରହିବାପାଇଁ, ନିଜର ଜୀବିକା ନିର୍ବାହ ପାଇଁ ଅବାଧରେ ଗଛ କାଟି ଚାଲିଛନ୍ତି। ରହିବା ପାଇଁ ସ୍ଥାନ, ରାସ୍ତା ନିର୍ମାଣ, ବଡ଼ ବଡ଼ ଆପାର୍ଟମେଣ୍ଟ, କଳକାରଖାନା, ନୂତନ ସହର ଗଠନ, ନଦୀବନ୍ଧ ଯୋଜନା, କାଠ ବ୍ୟବସାୟୀ, ଆଦିବାସୀମାନେ ପୋଡୁଚାଷ ପାଇଁ ପ୍ରତ୍ୟେକ ବର୍ଷ ଜଙ୍ଗଲ ପଦା ହୋଇଯାଉଛି ଏବଂ ତା' ସ୍ଥାନରେ ନୂତନ ଗଛ ବା ଜଙ୍ଗଲ ସୃଷ୍ଟି ହୋଇପାରୁନି। ଫଳରେ ବନକ୍ଷୟ ଯୋଗୁ, ପ୍ରକୃତି ଓ ପରିବେଶ ପ୍ରତି ଭୟଙ୍କର ବିପଦ ମାଡ଼ିଆସୁଛି। ଗ୍ଲାସିଅର ତରଳୁଛି, ସମୁଦ୍ର ପତନ ବୃଦ୍ଧି, ମରୁଡ଼ି, ବାତ୍ୟା, ବନ୍ୟା, ମହାବାତ୍ୟା, ସୁନାମୀ,



ସାମୁଦ୍ରିକ ଝଡ଼ ଏବଂ ଏବେ ଜୋର ଧରିଛି ମହାମାରୀ କରୋନା। ପରିବେଶରେ ଅମ୍ଳଜାନର ଅଭାବ ପ୍ରଭୃତି ମନୁଷ୍ୟକୃତ ବିପଦମାନ ଦେଖାଗଲାଣି। ଜଙ୍ଗଲରେ ନିଆଁ ଲାଗିବା ଫଳରେ ଅରଣ୍ୟ ଜାତୀୟ ବୃକ୍ଷଲତା, ଗୁଳ୍ମ, ଲତା, ଔଷଧୀୟ ବୃକ୍ଷ ନଷ୍ଟ ହୋଇ ପରିବେଶର ତାପମାତ୍ରା ବୃଦ୍ଧି କରାଉଛି ଫଳରେ ଅଂଶୁଘାତ ଓ ଚର୍ମଜାତୀୟ ରୋଗର ଶିକାର ହେଉଛି ମଣିଷ। କେତେବେଳେ ବୃଷ୍ଟି ଅନୁପାତ ଅଧିକ ତ କେତେବେଳେ କମ୍ ହେଉଛି ଫଳରେ କୃଷିକ୍ଷେତ୍ର ପ୍ରଭାବିତ ହେଉଛି, ଜଳାଭାବ ଲାଗିରହୁଛି। ବିଭିନ୍ନ ପ୍ରକାର ବୈଜ୍ଞାନିକ ପରୀକ୍ଷଣ ଓ ଦେଶ ଦେଶ ଭିତରେ ଯୁଦ୍ଧ ଲାଗିବା ଫଳରେ ପରିବେଶ ଦୂଷିତ ହେଉଛି। କଳକାରଖାନା, ଗାଡ଼ି ମୋଟର, ମେଡିକାଲ ବର୍ଜ୍ୟବସ୍ତୁ ଦ୍ୱାରା ମଧ୍ୟ ପରିବେଶ ଦୂଷିତ ହେବାରେ ଲାଗିଛି। ଖାଲି ବୃକ୍ଷରୋପଣ କରି ଫଟୋ ଉଠାଇ ଗଣମାଧ୍ୟମରେ କି ରାଜନୈତିକ ମହଲରେ କାମ ଶେଷ କରିଦେଲେ କିଛି ଲାଭ ହେବନାହିଁ। ଏଥିପାଇଁ ନିଜ କର୍ତ୍ତବ୍ୟକୁ ଶ୍ରଦ୍ଧାର ସହିତ ପାଳନ କରିବା ଉଚିତ। ପୋତିଥିବା ଗଛର ରକ୍ଷଣାବେକ୍ଷଣ କରିବା ଦିଗରେ ଯତ୍ନଶୀଳ ହେବା ଦରକାର। ପ୍ରତ୍ୟେକେ ନିଜର ଜନ୍ମଦିନ, ବନ୍ଧୁତା ଦିବସରେ, ବିବାହ ଦିନ ବା ବିବାହ ବାର୍ଷିକୀରେ ଗଛଟିଏ ଲଗାନ୍ତୁ। ଏ ପ୍ରକୃତି, ଏ ପୃଥିବୀ ଆମକୁ କେତେକ'ଣ ଦେଇଛି ତା'ର ପଟାନ୍ତର ନାହିଁ। ବାସ୍ ଆମେ ଗଛଟିଏ ପୋତି ଶ୍ୟାମଳ, ସୁନ୍ଦର, ସତେଜ ପୃଥିବୀଟିଏ ଗଢ଼ିବାରେ କେବଳ କର୍ତ୍ତବ୍ୟଟିଏ ସମ୍ପାଦନ କରିବା ଉଚିତ। ନଚେତ ଏ ପୃଥିବୀ ଲୋପ ପାଇଗଲେ ଦିନେ ଜୀବଜଗତ ବି ଲୋପ ପାଇଯିବ ଏହା ଭାବିବା ଏବେଠାରୁ ଦରକାର। ପରିବେଶ ସୁନ୍ଦର ରହିଲେ ସୁସ୍ଥ ରହିବେ ଆଗାମୀ ପିଢ଼ି। ଶରୀର ସୁସ୍ଥ ରହିଲେ ଦେଶର ଉନ୍ନତି କରିପାରିବାରେ ସକ୍ଷମ ହେବେ। ସମାଜ ଅଧିକ ସମୃଦ୍ଧ ହୋଇପାରିବ।

ପ୍ରକୃତି ହେଉଛି ଶୋଭାର ଗନ୍ତାଘର। ନଦୀକୂଳରେ ବୃକ୍ଷରାଜି, ସବୁଜ ତରୁଲତା ଆଚ୍ଛାଦିତ ପର୍ବତ କନ୍ଦରରୁ ବହି ଆସିଥିବା ଝରଣା, ବୃକ୍ଷଗୁଡ଼ିକର ଶୀତଳ ଛାଇ, ପରାଗସଙ୍ଗମରେ ସହାୟକ ହେଉଥିବା ପଶୁ ପକ୍ଷୀ, ପ୍ରଭାତର ଶାନ୍ତ ପରିବେଶକୁ କୋଳାହଳମୟ କରି ରଖୁଥିବା ପଶୁ ପକ୍ଷୀ, ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ମାତୃଭୂମି, କାଠ, ଜାଳେଣି, ଘରର ସୌଖୀନ ଆସବାବପତ୍ର, ଔଷଧ ଓ ନାନା ଜାତିର ଫଳ ଫୁଲରେଭରା। ଅନେକ ରମଣୀୟ ସ୍ଥାନ ଗଢ଼ିଉଠିଛି ବୃକ୍ଷରାଜିର ପରିବେଷ୍ଟନୀରେ। ଆମ ମନୋରଞ୍ଜନର ଖୋରାକ ଯୋଗାଏ ପିକ୍‌ନିକ୍ ସ୍ଥଳୀ କେବଳ ପ୍ରକୃତି ଯୋଗୁ। ଆସନ୍ତୁ ସେହି ପରିବେଶକୁ ସ୍ୱଚ୍ଛ, ନିର୍ମଳ, ପ୍ରଦୂଷଣମୁକ୍ତ କରିବା ବୃକ୍ଷଟିଏ ରୋପଣ କରି।

**ଗଙ୍ଗନଗର, ଭୁବନେଶ୍ୱର**
**ମୋ: ୭୯୭୮୧୧୦୪୭୪**

## ଏଇ ଭାରତରେ

ବର୍ତ୍ତମାନ ଶ୍ରବଣ କୁମାରଙ୍କ ଭଳି ମାତାପିତାଙ୍କୁ ଭକ୍ତି ପ୍ରଦର୍ଶନ କଥା ଭାବିଲେ ଅସମ୍ଭବ ମନେହୁଏ। କିନ୍ତୁ ଏଭଳି ଭକ୍ତି ପ୍ରଦର୍ଶନ କରି ଉଦାହରଣ ସାଜିଛନ୍ତି ଉତ୍ତରପ୍ରଦେଶ ବୁଲନ୍ଦସହରର ସିକନ୍ଦରାବାଦ ଅଞ୍ଚଳର ଚାରି ପୁଅ ଓମକାର, ସନି, ନୀରଜ ଓ ହେମନ୍ତ। ଏମାନେ କାଉଡି ଭାରରେ ଗଙ୍ଗାଜଳ ସହିତ ଜନ୍ମଦାତ୍ରୀ ମା'ଙ୍କୁ ତୀର୍ଥ କରାଇବା ପାଇଁ ନେଉଛନ୍ତି। ଏମାନେ ଶ୍ରାବଣ ସୋମବାରରେ ହରିଦ୍ୱାରରୁ ଗଙ୍ଗାଜଳ ନେଇ ମହାଦେବଙ୍କୁ ଲାଗି କରାଇବାକୁ ଯାଉଛନ୍ତି। କାଉଡି ଭାରରେ ଗୋଟିଏ ପଟେ ଗଙ୍ଗାଜଳ ଓ ଅନ୍ୟପଟେ ମା'ଙ୍କୁ ବସାଇଛନ୍ତି। ମା' ପ୍ରତି ସେମାନଙ୍କର ଭଲପାଇବା ହିଁ ସେମାନଙ୍କୁ ଏଭଳି ଏକ ପଦକ୍ଷେପ ନେବାପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ସେମାନେ କହିଛନ୍ତି। ମା'ର ଖୁସି ପାଇଁ ସେମାନେ ସବୁକିଛି କରିପାରିବେ ଓ ଜନ୍ମ ଜନ୍ମ ପାଇଁ ଏଇ ମା' କୋଳରେ ଜନ୍ମ ନେବାକୁ ଠାକୁରଙ୍କୁ ପ୍ରାର୍ଥନା ବି କରୁଛନ୍ତି। ସେଇ ମା'ର ଇଚ୍ଛା ଅନୁସାରେ ମନ୍ଦିରରେ ପହଞ୍ଚି ସମସ୍ତେ ଏକାଠି ହୋଇ ମହାଦେବଙ୍କ ପାଖରେ ଜଳଲାଗି କରିବେ। ଅନ୍ୟ ସମସ୍ତ କାଉଡିଆଙ୍କ ସହିତ ସେମାନଙ୍କର ଏହି ଯାତ୍ରା ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୪ ଜୁଲାଇ ୧୯୭୬

- ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ଥିବା ବକ୍‌ସାଇଟ୍ ଖଣିଗୁଡ଼ିକର ଲିଜ୍ ନେବା ପାଇଁ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଚନ୍ଦ୍ରଜିତ ଯାଦବ ସରକାରୀ ଉଦ୍ୟୋଗରେ ପରିଚାଳିତ ଭାରତୀୟ ଆଲୁମିନିୟମ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି।
- ଗୋଷ୍ଠୀ ନିରପେକ୍ଷ ମିଳିତ ସମ୍ବାଦ ସଂସ୍ଥା ଗଠନ ପାଇଁ ଭାରତର ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ।

## ଚିରନ୍ତନୀ

ଛୋଟ ଛୋଟ ଦିଓଟି ସେ ଛଳ ଛଳ ଆଖି
ଏ ଗଗନେ ଏ ପବନେ ଯାଇଛି ସେ ଲାଖି
ଦରୋଟି ଦୁଇଟି କଥା
ଏ ଭୁବନେ ଦିଏ ବ୍ୟଥା,
ଅତି କ୍ଷୁଦ୍ର ଦନ୍ତପୁଟେ ହାସ ରଖେ ଢାକି ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 4 | | | |
| | 4 | | | | 1 | 8 | | 9 |
| | | | | 8 | | | | 2 |
| | | | 2 | | | | 5 | 8 |
| | | 1 | | | | | 7 | 3 |
| | | | | 4 | 3 | | | 1 |
| | 2 | | | | | | 6 | |
| | | 9 | 1 | | | | | |
| 7 | 1 | | 8 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 8 | 6 | 5 | 2 | 1 | 4 |
| 1 | 8 | 4 | 2 | 3 | 7 | 6 | 5 | 9 |
| 5 | 6 | 2 | 1 | 9 | 4 | 7 | 3 | 8 |
| 9 | 1 | 6 | 3 | 7 | 8 | 5 | 4 | 2 |
| 8 | 4 | 7 | 5 | 2 | 1 | 9 | 6 | 3 |
| 2 | 5 | 3 | 9 | 4 | 6 | 8 | 7 | 1 |
| 7 | 2 | 1 | 6 | 8 | 3 | 4 | 9 | 5 |
| 6 | 9 | 5 | 4 | 1 | 2 | 3 | 8 | 7 |
| 4 | 3 | 8 | 7 | 5 | 9 | 1 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଘଟଣକୁ ରୋକାଯାଉ

ମହାଶୟ,

କୋଟି ଓଡ଼ିଆର ପ୍ରାଣବିନ୍ଦୁ, ଅସ୍ମିତା ଓ ଅସ୍ତିତ୍ୱର ରକ୍ଷାକର୍ତ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାର୍ଷିକ ରଥୋତ୍ସବ ବିଶ୍ୱବିଦିତ। ଜଗନ୍ନାଥ ପ୍ରେମରେ ଉଦ୍‌ବୁଦ୍ଧ ଭକ୍ତମାନଙ୍କ ବିରଳ ସମାଗମ ଆଉ କେଉଁଠି ଦୃଶ୍ୟମାନ ହୁଏ ନାହିଁ। ବିଶ୍ୱବନ୍ଦିତ ଶ୍ରୀଜଗନ୍ନାଥଙ୍କ ସାନ୍ନିଧ୍ୟ ଲାଭ କରିବାର ବ୍ୟାକୁଳତା ଶ୍ରଦ୍ଧାଳୁଙ୍କୁ ଏଠାକୁ ଆକର୍ଷିତ କରିଆଣେ। ଶ୍ରୀଜୀଉଙ୍କ ମାନବୀୟ ଲୀଳା ସନ୍ଦର୍ଶନରେ ଆମୋଦିତ ହୁଅନ୍ତି ଭକ୍ତିପ୍ରାଣ ଶ୍ରଦ୍ଧାଳୁ। ବିଡ଼ମ୍ବନା ଯେ, ଆଡ଼ପ ବିଜେ ସମୟରେ ଯେଉଁ ଅଘଟଣ ଘଟିଗଲା, ତାହା ପ୍ରଶାସନିକ ପରିଚାଳନା ପ୍ରତି ପ୍ରଶ୍ନ ଠିଆ କରାଇଛି। ଆଉ କେତେ ଅଘଟଣ ଘଟିଲେ ପ୍ରଶାସନ ସଚେତନ ହବ ? ସ୍ୱେଚ୍ଛାସେବୀ, ପୋଲିସ, ସୁରକ୍ଷାକର୍ମୀଙ୍କ ନିୟୋଜନ କ'ଣ ଧର୍ମକୁ ଆଖିଠାର ? ଅବ୍ୟବସ୍ଥା ପାଇଁ ଦାୟୀ ପ୍ରଶାସନିକ ଅଧିକାରୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ସମୟ ଉପସ୍ଥିତ। ସରକାର ନିଜ ତରଫରୁ ଆଡ଼ପ ବିଜେ ଅଘଟଣ ପାଇଁ କ୍ଷମା ପ୍ରାର୍ଥନା କରିବା ମାନବିକ ଭାବ ସମ୍ବେଦନାର ବଳିଷ୍ଠ ଉଦାହରଣ। ମାତ୍ର ଏତିକିରେ ସୀମିତ ନ ରହି ଘଟଣାର ପୁନରାବୃତ୍ତିକୁ ରୋକିବାକୁ ସରକାର ନିର୍ଣ୍ଣାୟକ ପଦକ୍ଷେପ ନେବା ଜରୁରୀ।

**-ଦୁଃଶାସନ ବିଶ୍ୱାଳ, କାଜିପୁର, ନିମାପଡ଼ା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିୟମଗିରିରେ ଖଣି ଖନନକୁ ବିରୋଧ: ଏକାଠି ହେଲେ ଡଙ୍ଗରିଆ

କଲ୍ୟାଣସିଂହପୁର/ ରାୟଗଡ଼ା,୧୩।୭ (ଦୀପକ କୁମାର ପରିଡ଼ା/ ଆଶିଷ ରଞ୍ଜନ ପଣ୍ଡା)


ନିୟମଗିରି ସୁରକ୍ଷା ସମିତି ବୈଠକରେ ଉପସ୍ଥିତ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଲୋକେ।

## ନିୟମଗିରି ସୁରକ୍ଷା ସମିତି ବୈଠକ

- ଆମ ମା' ମାଟିର ସୁରକ୍ଷା ପାଇଁ ଲଢ଼େଇ ଜାରି ରହିବ: ଲଦ
- ନିୟମଗିରିବାସିନ୍ଦାଙ୍କ ଏକତା କେହି ଭାଙ୍ଗିପାରିବେନି: ପୂର୍ବତନ ସରପଞ୍ଚ

ନିୟମଗିରିରେ ଖଣି ଖନନକୁ ବିରୋଧ କରି ପୁଣି ଏକତ୍ରିତ ହେଲେ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ଓ ନିୟମଗିରି ବାସିନ୍ଦା । ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକ୍କାଙ୍କ ଅଧକ୍ଷତାରେ କଲ୍ୟାଣସିଂହପୁର ବ୍ଲକ ପାରସାଲି ପଞ୍ଚାୟତଠାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ନିୟମଗିରି ପାହାଡ଼ରେ ବସବାସ କରୁଥିବା ସମସ୍ତ ଗ୍ରାମର ଲୋକେ ଯୋଗଦେଇଥିଲେ । ବୈଠକରେ ପ୍ରତ୍ୟେକ ଗାଁରେ ସମିତି ଗଠନ କରାଯାଇ ମୁଖିଆ ଚୟନ କରାଯାଇଛି। ସେହିପରି ପ୍ରତ୍ୟେକ ଗାଁରୁ ୨ଜଣଙ୍କୁ ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଛି । ଏହି ବୈଠକରେ ନିୟମଗିରି ପାହାଡ଼ରେ କୌଣସି ଖଣି ଖନନ କରିବାକୁ ଦିଆଯିବ ନାହିଁ । ଆମ ମାଟି ଆମେ ଛାଡ଼ିବୁ ନାହିଁ ଏବଂ ମା' ମାଟି ପାଇଁ ଲଢ଼େଇ କରିବୁ ବୋଲି ସୁରକ୍ଷା ସମିତି ସଭାପତି ଲଦ କହିଛନ୍ତି । ଯଦି ସରକାର କିମ୍ବା କୌଣସି କମ୍ପାନୀ ନିୟମଗିରି ଖଣି ଖନନ ପାଇଁ ଚିନ୍ତା କରନ୍ତି ତେବେ ଆମେ ମଧ ଦୃଢ଼ ବିରୋଧ କରିବୁ ବୋଲି ପାରସାଲି ପଞ୍ଚାୟତ ପୂର୍ବତନ ସରପଞ୍ଚ ବାମ କାଡ୍ରାକା ଓ ଶିବପଦର ପଞ୍ଚାୟତ କଂଗ୍ରେସ ସଭାପତି ରାଧାନାଥ ଟାକିରି କହିଛନ୍ତି। ତେବେ ଗତ ଦିନରେ କିଛି କମ୍ପାନୀ ଦଲାଲ ବାହାରୁ ଆସି ନିୟମଗିରିରେ ଖଣି ଖନନ ପାଇଁ ଦାବି କରି ଅଞ୍ଚଳର ବିକାଶ ଦ୍ୱାହି ଦେଇ ରାଲି କରିଥିଲେ । ହେଲେ ସେଥିରେ କୌଣସି ନିୟମଗିରି ବାସିନ୍ଦା ସାମିଲ ନ ଥିଲେ ବୋଲି ବୈଠକରେ ଉପସ୍ଥିତ ନିୟମଗିରି ବାସିନ୍ଦା କହିଛନ୍ତି । ଏଥିସହିତ ଖଣି ଖନନ ହେଲେ ନିୟମଗିରି ଅଞ୍ଚଳର ବିକାଶ ବଦଳରେ ପରିବେଶର ବିନାଶ ହେବ । ଏଠାରେ ଆମ୍ବ, ପଣସ, ସପୁରି ଭଳି ବିଭିନ୍ନ ଫଳ ଏବଂ ହଳଦୀ ପ୍ରକୃତିର ବରଦାନ । ଏଠାକାର ମାଟିରୁ ବାହାରୁଥିବା ଫଳମୂଳ, କନ୍ଦା ଆଦି ଖାଇ ଆମେ ଜୀବିକା ନିର୍ବାହ କରୁଛୁ । ଏଠାକାର ସବୁଜିମା ପରିବେଶକୁ ବିକାଶ ନାଁରେ ବିନାଶ କରିବାକୁ ଦେବୁ ନାହିଁ ବୋଲି କହିଛନ୍ତି ଡଙ୍ଗରିଆ କନ୍ଧ । ବୈଠକରେ ହଜାର ସଂଖ୍ୟାରେ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଲୋକେ ଉପସ୍ଥିତ ଥିଲେ ।

# ଟ୍ରେନ୍‌ରୁ ଖସି ସିଆର୍‌ପିଏଫ୍ ଯବାନ ଗୁରୁତର


ଚିକିତ୍ସିତ ହେଉଥିବା ସିଆରପିଏଫ୍ ଯବାନ୍।

କଲ୍ୟାଣସିଂହପୁର,୧୩।୭ (ଦୀପକ କୁମାର ପରିଡ଼ା)

ଜଗଦଳପୁରରୁ ରାଉରକେଲା ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସରୁ ଖସିପଡ଼ି ଜଣେ ସିଆରପିଏଫ୍ ଯବାନ ଗୁରୁତର ହୋଇଛନ୍ତି। ସିଆରପିଏଫ୍ ଯବାନ ଶରତ ମାଝି ଶନିବାର ରାତିରେ କୋରାପୁଟରୁ ବଲାଙ୍ଗୀର ଯାଉଥିବାବେଳେ ରାୟଗଡା ଜିଲାର କଲ୍ୟାଣସିଂହପୁର ବ୍ଲକ୍ ଲେଲିଗୁମା ରେଳ ଷ୍ଟେଶନ ନିକଟରେ ଟ୍ରେନ୍‌ରୁ ଖସି ତଳେ ପଡ଼ିଯାଇଥିଲେ । ଶରତଙ୍କ ମୁଣ୍ଡ ଓ ଦେହରେ ଆଘାତ ଲାଗିଥିଲା । ଏହି ସମୟରେ ଟ୍ରେନ୍‌ରେ ତାଙ୍କ ସହିତ ଅନ୍ୟ ଦୁଇଜଣ ଯବାନ ମଧ ଉପସ୍ଥିତ ଥିଲେ। ଖବରପାଇ ରାୟଗଡ଼ା ଆରପିଏଫ୍ କର୍ମଚାରୀ ସେଠାରେ ପହଞ୍ଚି ଶରତଙ୍କୁ ଉଦ୍ଧାର କରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯିବା ପରେ ଏବେ ସେ ସୁସ୍ଥ ଥିବା ଜଣାପଡ଼ିଛି।

# ଆର୍‌ଏସ୍‌ଏସ୍‌ର ଗୁରୁପୂଜନ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱୟଂସେବକ।

ଗୁଣପୁର,୧୩।୭( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆର୍‌ଏସ୍‌ଏସ୍ ପକ୍ଷରୁ ରବିବାର ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାୟଗଡା ଜିଲା ସଂଘଚାଳକ ନନ୍ଦୀକେଶ୍ୱର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ପଶ୍ଚିମପ୍ରାନ୍ତ ପର୍ଯ୍ୟାବରଣ ପ୍ରମୁଖ ତଥା ଶିକ୍ଷାବିତ୍ କାମତା ପ୍ରସାଦ ଚନ୍ଦ୍ରକାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁପୂଜନର ବିଶେଷତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଂଘର ବହୁ ସ୍ୱୟଂସେବକ ଯୋଗଦେଇ ଗୁରୁପୂଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରଧାନ ଗୁରୁଜୀ ପ୍ରଫୁଲ୍ଲ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଭାଜପା ରାଷ୍ଟ୍ରୀୟ ପରିଷଦର ସଦସ୍ୟ ୱାଇ. ଗଣପତି, ଖଣ୍ଡ ସଂଘଚାଳକ କୁଞ୍ଜବିହାରୀ କଂଶବେହେରା, ବି. ଗଜପତି ରାଓ, ସାରଙ୍ଗ ନାଗବଂଶ , ପି. ଗୋବିନ୍ଦ ରାଓ, ଖଣ୍ଡ କାର୍ଯ୍ୟବାହ ବାଲଗୋପାଳ ପାଢ଼ୀ, ମୀନକେତନ ପଣ୍ଡା, ହିମକାନ୍ତ ମହାପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ସ୍ୱୟଂସେବକ ଉପସ୍ଥିତ ଥିଲେ ।

# ଟୁନିବେଡ଼ା ଝରଣାରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

କୋରୁକୋଣ୍ଡା,୧୩।୭(ଶିବଦତ୍ତ ସାହୁ)

## ଛୁଟିରେ ବୁଲିବା ହେଲା କାଳ

କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଚିତାପାରି –୪ ଗ୍ରାମରେ ଥିବା ଟୁନିବେଡା ଝରଣାକୁ ଅପରାହ୍ନରେ ୬ ଜଣ ପିଲା ସାଙ୍ଗରେ କିଛି ଖାଦ୍ୟ ସାମଗ୍ରୀ ଧରି ରବିବାର ଛୁଟି ଥିବାରୁ ବୁଲିବାକୁ ଯାଇଥିଲେ। ସେମାନେ ଉକ୍ତ ଝରଣାରେ ଗାଧୋଇବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ପିଲା କୌଣସି କାରଣରୁ ଭାରସାମ୍ୟ ହରାଇ ପାଣିରେ ଭାସି ଯାଇଥିଲେ। ସାଙ୍ଗରେ ଯାଇଥିବା ପିଲାମାନେ ଝରଣାରେ ତାଙ୍କୁ ବହୁତ ଖୋଜା ଖୋଜି କରିଥିଲେ କିନ୍ତୁ କୌଣସି ସନ୍ଧାନ ମିଳି ନ ଥିଲା। ସେମାନେ ଏ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ସଞ୍ଜିତ କୁମାର ଟାକ୍ରୀ, ଏଏସ୍ଆଇ ସୁରେଶ ଚନ୍ଦ୍ର ବିସି ମାଝୀ, ଏଏସ୍ଆଇ ଧନୁର୍ଜୟ ମୁର୍ମୁଙ୍କ ସମେତ ପୋଲିସର ଏକ ଟିମ୍, କୋରୁକୋଣ୍ଡା ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଝରଣା ଭିତରୁ ବାଲିମେଳା ସହରର ୨ ନମ୍ବର ୱାର୍ଡରେ ରହୁଥିବା ପ୍ରମୋଦ କୁମାର ଜେନାଙ୍କ ପୁଅ ଧନୁର୍ଜୟ ଜେନା(୧୬)ଙ୍କ ମୃତଦେହକୁ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରାତି ହୋଇଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ଦୁଇ କବିତା ସଂକଳନ ଉନ୍ମୋଚିତ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାୟଗଡା, ୧୩।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ବିବେକାନନ୍ଦ ବିଦ୍ୟା ମନ୍ଦିରଠାରେ ଆୟୋଜିତ ଏକ ସାହିତ୍ୟ କାର୍ଯ୍ୟକ୍ରମରେ ଶନିବାର ସନ୍ଧ୍ୟାରେ କବି ସୁବାସ ଚନ୍ଦ୍ର ବେହେରାଙ୍କ ଦୁଇଟି କବିତା ସଂକଳନ 'ଶବ୍ଦର ଦୋଳି ଖେଳ' ଓ 'ନିର୍ବାଣ' ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁରର ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ ଦାମୋଦର ପଣ୍ଡା ମୁଖ୍ୟ ଅତିଥି ଏବଂ କବି ସୁଶାନ୍ତ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କବିତା ଯଦି ଏକ ଚିତ୍ର ହୁଏ, ତେବେ ସାହିତ୍ୟ ହେଉଛି ସୃଜନର ଅଙ୍ଗ ଏବଂ ତାହାର ରୂପକାର ବୋଲି ବକ୍ତାମାନେ ମତ ଦେଇଛନ୍ତି । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବି ତଥା ଶିକ୍ଷାବିତ୍ ଜୟଦେବ ସିଠ ଓ ପ୍ରଶାନ୍ତ ପଟ୍ଟନାୟକ ମଞ୍ଚାସୀନ ଥିଲେ । କବି ଶ୍ରୀଧର ପଟ୍ଟନାୟକ ଏବଂ ଗାଳ୍ପିକ ବିମଳ ଚାନ୍ଦ ପଟ୍ଟନାୟକ ଦୁଇ କବିତା ସଂକଳନ ବିଷୟରେ ଆଲୋଚନା କରିଥିଲେ । ବିଶିଷ୍ଟ କବି ସତ୍ୟନାରାୟଣ ଗନ୍ତାୟତ ଅଡିଓ ବାର୍ତ୍ତା ମାଧ୍ୟମରେ ନିଜର ଶୁଭକାମନା ଜଣାଇଥିଲେ । କାର୍ଯ୍ୟକ୍ରମରେ କବି ତଥା ଅନୁବାଦକ ଆଶୁତୋଷ ପାତ୍ର, ରାଜ୍ୟସ୍ତରୀୟ ପାଲା ଗାୟକ ସର୍ବେଶ୍ୱର ବେହେରା, ମହାଶ୍ୱେତା ପାଣିଗ୍ରାହୀ, ନୀଳମଣି ପାଟଯୋଶୀ, କୃଷ୍ଣପ୍ରିୟା ସାହାଣୀ, ସିଲା ଦାସ ପ୍ରମୁଖ ଯୋଗ ଦେଇଥିଲେ। କବି କଲ୍ୟାଣୀ ସାସମଲ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲା ବେଳେ କବି ପ୍ରଶାନ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଶିକ୍ଷକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପାର୍ସାଲି ପଞ୍ଚାୟତର କଂଗ୍ରେସ କର୍ମକର୍ତ୍ତା ଚୟନ


ବୈଠକରେ କଂଗ୍ରେସ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କଲ୍ୟାଣସିଂହପୁର, ୧୩।୭ (ଦୀପକ କୁମାର ପରିଡ଼ା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତରେ ମାର୍କେଟ ଛକଠାରେ ରବିବାର ବ୍ଲକ୍ କଂଗ୍ରେସ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣସିଂହପୁର ବ୍ଲକ କଂଗ୍ରେସ ସଭାପତି ଚିନ୍ତାଲୀ ନାଗେଶ୍ୱର ରାଓଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଏମ୍‌ପି ପ୍ରତିନିଧି କୁମାରସ୍ୱାମୀ କୌଶଲ୍ୟା, ବିଧାୟକ ପ୍ରତିନିଧି ପ୍ରଶାନ୍ତ ନନ୍ଦ କୌଶଲ୍ୟା, ନିୟମଗିରି ସୁରକ୍ଷା ସମିତିର ସଭାପତି ଲଦ ଶିକକା, ପୂର୍ବତନ ସରପଞ୍ଚ ବାମ କାଡାକା, ସମିତି ସଭ୍ୟ ବିକାଶ ବାଗଙ୍କ ସମେତ ପାର୍ସାଲି ପଞ୍ଚାୟତର ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ। ଏଥିରେ ଅଭିମନ୍ୟୁ ଭତ୍ରାଙ୍କୁ ପାର୍ସାଲି ପଞ୍ଚାୟତର କଂଗ୍ରେସ ସଭାପତି, ଉପସଭାପତି ଟୁପା ସିକକା, ସମ୍ପାଦକ ଭାବେ ସୁବାରାଓ ଟାକିରି, ଓ ଗୋବିନ୍ଦ ବାଗଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା ।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଡାବୁଗାଁ, ୧୩।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ତାଳବେଡ଼ା ଓ ଛେଳିବେଢ଼ା ଦେଇ ଯାଇଥିବା ଭାରତମାଳା ରାସ୍ତା ଉପରେ ଶନିବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉମରକୋଟର ସୁରଜ ସାନା (୪୭)। ଏଥିରେ ଦିଲୀପ ବାଲ (୫୫) ଗୁରୁତର ଅଛନ୍ତି।

ସୂଚନାନୁଯାୟୀ, ଉମରକୋଟ ଅଞ୍ଚଳର ସୁରଜ ସାନା ଓ ଦିଲୀପ ବାଲା କୌଣସି କାମରେ ମାଲକାନଗିରି ଯାଇ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଡାବୁଗାଁ ଥାନା ଅଧୀନ ତାଳବେଡ଼ା– ଛେଳିବେଡ଼ା ଗ୍ରାମ ଦେଇ ଯାଇଥିବା ଭାରତମାଳା ରାସ୍ତା ଉପରେ ତାଙ୍କ ବାଇକ୍ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିଲା। ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ସୁରଜଙ୍କୁ ମୃତ ଘୋଷଣା କରିଥିଲେ। ଦିଲୀପଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମୃତକଙ୍କ ସମ୍ପର୍କୀୟ ଭାଇ ସଞ୍ଜୟ ସରକାର ଶନିବାର ରାତିରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏସ୍ଆଇ ଚନ୍ଦନ ସାହୁ ରବିବାର ସକାଳେ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଥାନା କେସ୍ ନଂ.୧୪୮/୨୫ରେ ଏକ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଛି।

# ଗଞ୍ଜେଇ ଚାଲାଣ, ୨ ଗିରଫ

ଜୟପୁର,୧୩।୭(ପବନ ପାଣିଗ୍ରାହୀ)

ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ମଧ ପ୍ରଦେଶର ଭଲେ ଗୋସ୍ୱାମୀ(୫୮) ଓ ମକଡ ସିଂ(୪୧)। ଜୟପୁର ଅବକାରୀ ଥାନା ପକ୍ଷରୁ ପାଟ୍ରୋଲିଂ କରୁଥିବା ବେଳେ ପାତ୍ରପୁଟ ଛକରେ ଶନିବାର ରାତିରେ ଚଢ଼ାଉ କରି ୨୨ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶରି ହରିନ ସୂଚନା ଦେଇଛନ୍ତି।


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଭିଭାବକ ସମ୍ମିଳନୀ

ଗୁଣପୁର,୧୩।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ସାମୂହିକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ସଭାପତି ବି. ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ ଓ ଯୁଗ୍ମ ସମ୍ପାଦକ ମୀନକେତନ ପଣ୍ଡା ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଆଚାର୍ଯ୍ୟା ସୁନୀତା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟ ମନୋଜ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ସମ୍ମିଳନୀରେ ଶିଶୁଙ୍କ ଶୈକ୍ଷିକ ଓ ଆନୁଷଙ୍ଗିକ ବିଷୟରେ ଆଲୋଚନା କରାଯାଇଥିଲା ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଭିଥି।

# ରାଜନୀତି ନୁହେଁ, ଡ୍ରାଇଭରଙ୍କ ସମସ୍ୟାକୁ ନେଇ ହୋଇଥିଲା ଆନ୍ଦୋଳନ

## ରାୟଗଡ଼ା ଜିଲା ଡ୍ରାଇଭର ମହାସଂଘର ଖବରଦାତା ସମ୍ମିଳନୀ

ରାୟଗଡ଼ା,୧୩।୭(ଆଶିଷ ରଞ୍ଜନ ପଣ୍ଡା)



ଖବରଦାତା ସମ୍ମିଳନୀରେ ଜିଲା ଡ୍ରାଇଭର ମହାସଂଘର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଆନ୍ଦୋଳନରୁ ଓହରିଲା ରାୟଗଡ଼ା ଜିଲା ଡ୍ରାଇଭର ମହାସଂଘ । ସ୍ଥାନୀୟ ଏକ ହୋଟେଲରେ ମହାସଂଘ ଜିଲା ସଭାପତି ଜିତେନ୍ଦ୍ର ନାଏକଙ୍କ ଅଧକ୍ଷତାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମସ୍ୟା ସହିତ ଜନସାଧାରଣଙ୍କ ସମସ୍ୟାକୁ ଦେଖି ମହାସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିବା ଜିଲା ସଭାପତି ନାଏକ ସୂଚନା ଦେଇଛନ୍ତି । ଏଥିସହିତ ମହାସଂଘ ପକ୍ଷରୁ କୌଣସି ଗାଡ଼ିକୁ ଅଟକାଇ ହଇରାଣ କରାଯାଇନାହିଁ ବୋଲି ସେ କହିଛନ୍ତି । ତେବେ ଗତ ୧୧ ତାରିଖରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ପାଇଁ କଂଗ୍ରେସ ଦଳ ଅନୁରୋଧକ୍ରମେ ଗାଡ଼ି ଛାଡ଼ିଥିଲୁ। କିନ୍ତୁ ଏହାକୁ ନେଇ ସାଧାରଣରେ ଡ୍ରାଇଭର ମହାସଂଘ ରାଜନୈତିକ ଉଦ୍ଦେଶ୍ୟରେ ଆନ୍ଦୋଳନ କରିବା ବିଷୟରେ ଗଣାମଧ୍ୟମ ପକ୍ଷରୁ ପ୍ରଶ୍ନ କରାଯିବାରୁ ଓଡ଼ିଶା ଡ୍ରାଇଭରର ମହାସଂଘ କୌଣସି ରାଜନୈତିକ ଦଳ ଚାପରେ ଆନ୍ଦୋଳନ କରି ନ ଥିଲା ବୋଲି ସଭାପତି ଜିତେନ୍ଦ୍ର କହିଛନ୍ତି। ଡ୍ରାଇଭରମାନଙ୍କ ସମସ୍ୟାର ସମାଧାନ ପାଇଁ ଏହି ଆନ୍ଦୋଳନ କରାଯାଇଥିଲା । କିନ୍ତୁ ବିଭିନ୍ନ ଆଳରେ ଡ୍ରାଇଭର ମହାସଂଘର କର୍ମକର୍ତ୍ତାଙ୍କୁ ଗିରଫ କରାଯିବା ଘଟଣାକୁ ରାୟଗଡ଼ା ଜିଲା ଶାଖା ପ୍ରତିବାଦ କରିଛି। ତେବେ ଆଗାମୀ ଦିନରେ ଯଦି ରାଜ୍ୟ ସରକାର ଡ୍ରାଇଭର ମହାସଂଘର ଦାବି ପୂରଣ ନ କରନ୍ତି ମହାସଂଘ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ଜିତେନ୍ଦ୍ର ଓ ଅନ୍ୟମାନେ କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ବିରେନ୍ଦ୍ର ପ୍ରସାଦ ତୁରୁକ, ସମ୍ପାଦକ କେତନ ପାଣି ଓ ସଂଘର କର୍ମକର୍ତା ଉପସ୍ଥିତ ଥିଲେ ।

# ଆରଏସ୍ଏସ୍‌ର ଗୁରୁ ଦକ୍ଷିଣା ଉତ୍ସବ

ଜୟପୁର,୧୩।୭(ପବନ ପାଣିଗ୍ରାହୀ)

ଜୟପୁର ଶାରଦା ବିହାର ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଶ୍ରୀଗୁରୁ ଦକ୍ଷିଣା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ପ୍ରଫେସର ଡ. ସନାତନ ପ୍ରଧାନ, ବ୍ୟବସାୟୀ କାଲୁ ପ୍ରସାଦ ପଣ୍ଡା ଓ ନଗର ସଂଘ ଚାଳକ ଡ. ନିରଞ୍ଜନ ମିଶ୍ର ମଞ୍ଚାସୀନ ଥିଲେ। ନଗର କାର୍ଯ୍ୟବାହ ଡ.ମନୋରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ମୁଖ୍ୟ ଶିକ୍ଷକ ମୁକୁନ୍ଦ ଭାଇ, ପ୍ରାର୍ଥନା ପ୍ରମୁଖ ସୁବ୍ରତ କୁମାର ପଣ୍ଡା ଉପସ୍ଥିତ ଥିଲେ। ସନାତନିଙ୍କ ଆଦ୍ୟ ଗୁରୁ ଋଷି ବ୍ୟାସଦେବଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଷାଢ଼ ପୂର୍ଣ୍ଣିମାରେ ଗୁରୁ ଦକ୍ଷିଣା ଉତ୍ସବ ପାଳନ କରାଯାଉଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ୧ ଶହ ବର୍ଷ ହେବ ଉତ୍ସବ ପାଳନ କରୁଛି। ଏହି ଦିନ ସାମର୍ଥ୍ୟ ଅନୁଯାୟୀ ଗୁରୁଙ୍କୁ ସମର୍ପଣ ଦିଆଯାଏ ବୋଲି ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ଏକାତ୍ମତା ସ୍ତୋତ୍ର ବିଷ୍ଣୁ ପ୍ରସାଦ ସାହୁ ପାଠ କରିଥିଲେ। ପରେ ସାଙ୍ଗିକ ଗୀତ,ବ୍ୟକ୍ତିଗତ ଗୀତ ଓ ଅମୃତ ବଚନ ପାଠ କରାଯାଇଥିଲା।

# ପରିବା ଦର ୧୦୦ ପାର, ଚିନ୍ତାରେ ଖାଉଟି

କୋରାପୁଟ,୧୩।୭(ଅମିତାଭ ବେହେରା)

କୋରାପୁଟ ସାପ୍ତାହିକ ହାଟରେ ପନିପରିବା ଦର ଆକାଶ ଛୁଆଁ ହୋଇଥିବା ବେଳେ ଖାଉଟିଙ୍କ ଚିନ୍ତା ବଢ଼ିଛି। ୧୫ ଦିନ ଧରି ଲଗାଣ ବର୍ଷା ଯୋଗୁ ପରିବା ଦର ବୃଦ୍ଧି ପାଇଥିବା ଚାଷୀ ଓ ବ୍ୟବସାୟୀ କହିଛନ୍ତି। ବଜାରରେ ପନିପରିବା ଦର ୨ରୁ ୩ଗୁଣା ବୃଦ୍ଧି ପାଇଥିବାରୁ ମଧ୍ୟବିତ୍ତ ପରିବାରର ପାଇଁ ଘର ଚଳେଇବା କଷ୍ଟକର ହୋଇଥିବା ଲୋକେ କହିଛନ୍ତି। ବର୍ଷା ଯୋଗୁ ପରିବା ଚାଷ ନଷ୍ଟ ହୋଇଥିବା ବେଳେ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଡ୍ରାଇଭର ସଂଘ ବର୍ତ୍ତମାନ ମଧ୍ୟ ଆନ୍ଦୋଳନ ଜାରି


ସାପ୍ତାହିକ ହାଟରେ ବିକ୍ରି ହେଉଥିବା ପରିବା ।

## ବର୍ଷା ଯୋଗୁ ନଷ୍ଟ ହେଉଛି ପରିବା ଚାଷ

ରଖିଛନ୍ତି। ହାଟରେ ପନିପରିବା ପହଞ୍ଚି ପାରୁ ନ ଥିବା ବ୍ୟବସାୟୀମାନେ କହୁଛନ୍ତି। କୋରାପୁଟ ସଦର ମହକୁମା ସମେତ ସୁନାବେଡା,ଦାମନଯୋଡି, ଜୟପୁର,ସେମିଳିଗୁଡା ଓ ବୋରିଗୁମ୍ମା ଆଦି ସହରରେ ପରିବା ଦର ବଢି ଚାଲିଛି। ଖାଉଟି ପନିପରିବା ବଦଳରେ କେବଳ ଆଳୁ କିଣି ନେଉଥିବା ଦେଖାଯାଉଛି। କୋରାପୁଟ ବଜାରରେ ଟମାଟୋ କିଲୋ ପ୍ରତି ୬୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଫୁଲକୋବି ୧୦୦, ବିନ୍ ୧୨୦,ସଜନାଛୁଇଁ ୧୨୦,କଲରା ୬୦,ବାଇଗଣ ୫୦, ବନ୍ଧାକୋବି ୬୦, ଭେଣ୍ଡି ୬୦,କାଙ୍କଡ ୮୦,ବଇତାଳୁ କିଲୋ ୩୦,ଶାଗ ବିଡା ୨୦ ଟଙ୍କା,ଗୋଟିଏ ଲାଉ ୨୫-୩୦,ଜହ୍ନି କିଲୋ ୮୦,ପୋଟଳ ୮୦,କୁନ୍ଦୁରୁ ୬୦,ସାରୁ ୬୦, ବଡ ଆଳୁ ୮୦ ଓ ଧନିଆ ପତ୍ର ବିଡ଼ା ୨୦ ଟଙ୍କାରେ ବିକ୍ରି ହେଉଥିବା ଦେଖାଯାଇଛି। ସାଧାରଣ ଖାଉଟି ଚଳିତ ବର୍ଷ କାର୍ତ୍ତିକ ମାସର ମାଡ଼ ଶ୍ରାବଣରେ ଦେଖାଯାଇଛି ବୋଲି କହିଛନ୍ତି।

# ସାଂସ୍କୃତିକ ପୃଷ୍ଠଭୂମିରେ ଜନଜାତି,ଜହ୍ନ ରାଇଜର କଥା ପୁସ୍ତକ ଉନ୍ମୋଚିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜୟପୁର,୧୩।୭(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଏସ୍ଆର ମଲ ସଭା କକ୍ଷରେ ଆଦିବାସୀ ଗବେଷିକା ତଥା ପୂର୍ବତନ ପ୍ରାଧ୍ୟାପିକା ଡ.ପ୍ରମୋଦିନୀ ହୋତାଙ୍କ ରଚିତ ସାଂସ୍କୃତିକ ପୃଷ୍ଠଭୂମିରେ ଜନଜାତି ଓ ସାହିତ୍ୟିକ ଡ.ଦେବୀ ପ୍ରସାଦ ହୋତାଙ୍କ ଜହ୍ନ ରାଇଜର କଥା ରବିବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି କୋଟପାଡ଼ ବିଧାୟକ ରୁପୁ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇଥିଲେ। ସମୀକ୍ଷକ ଆଦିବାସୀ ସଂସ୍କୃତି ଗବେଷକ ଡ.ରାଜେନ୍ଦ୍ର ପାଢ଼ୀ ଉଭୟ ପୁସ୍ତକର ବିସ୍ତୃତ ସମୀକ୍ଷା କରି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି କହିଥିଲେ। ସାଇମନ ବିଡିକା ଜନଜାତିମାନଙ୍କ ଅନାଲୋଚିତ ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଲେଖିକା ଓ ଲେଖକ ପୁସ୍ତକ ରଚନାର ପୃଷ୍ଠଭୂମି ଓ ଅନୁଭୂତି ଆଲୋଚନା କରିଥିଲେ। ଡ.ସୁଧାଂଶୁ ଶେଖର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲେଖିକା ସଂସଦ ସଦସ୍ୟମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରଯାଇଥିଲା। ସଭାକୁ ଶଙ୍ଖ ଦଳପତି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମନୋଜ ହୋତା ସହଯୋଗ କରିଥିଲେ ।

# ପର୍ଯ୍ୟଟନ ସଚିବଙ୍କ ନନ୍ଦପୁର ଆଇଟିଆଇ ପରିଦର୍ଶନ


ଜିଆଇଟିଆଇରେ ରାଜ୍ୟ ପର୍ଯ୍ୟଟନ ସଚିବ ବଲଓ୍ୱନ୍ତ ସିଂ ଓ ଛାତୀଛାତ୍ର।

ନନ୍ଦପୁର,୧୩।୭(ତୁଷାର କାନ୍ତ ମହାନ୍ତି)

ରାଜ୍ୟ ପର୍ଯ୍ୟଟନ ସଚିବ ବଲଓ୍ୱନ୍ତ ସିଂ ନନ୍ଦପୁର ବ୍ଲକ ରବିବାର ପରିଦର୍ଶନ କରିଛନ୍ତି। ବ୍ଲକ୍‌ରେ ଥିବା ଗୋପବନ୍ଧୁ ବୈଷୟିକ ତାଲିମ କେନ୍ଦ୍ର(ଜିଆଇଟିଆଇ)ର ଭିତ୍ତିଭୂମି, ଛାତ୍ରୀଛାତ୍ର ଶିକ୍ଷା ଓ କର୍ମକର୍ତ୍ତାଙ୍କ ସ୍ଥିତି ପରଖିଥିଲେ। କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଓ୍ୱାସନ, ଆଇଏଏସ ପ୍ରୋବେସନାରୀ ସନ୍ତୋଷ ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲା ପର୍ଯ୍ୟଟନ ଅଧିକାରୀ ତାଲିମା ପ୍ରଧାନୀ, ପର୍ଯ୍ୟଟନ ବିଭାଗ ପରିସଂଖ୍ୟନ ଅଧିକାରୀ ବୁଦ୍ଧଦେବ ବୁଦୂଲା, ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଓ ଜିଆଇଟିଆଇ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ କମିଶନରଙ୍କୁ ବୈଷୟିକ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ର, ବିଭାଗ, ଭିତ୍ତିଭୂମି, କର୍ମକର୍ତ୍ତା ଓ ଆବଶ୍ୟକତା ନେଇ ଅବଗତ କରିଥିଲେ।

# ସ୍ୱାସ୍ଥ୍ୟ, ପୋଷଣ, ସୁରକ୍ଷା ନେଇ ତାଲିମ

ସେମିଳିଗୁଡା/ସୁନାବେଡା,୧୩।୭
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

## କିଶୋରୀ ଦକ୍ଷତା ତାଲିମ ଶିବିର

ସେମିଳିଗୁଡାର ମଲ୍ଟି ଫଙ୍କସନ୍ ହଲରେରେ ସାମାଜିକ ଅନୁଷ୍ଠାନ ଲିଭ ଫର ଅଦର୍ସ ଓ ଡିସିବି ବ୍ୟାଙ୍କର ମିଳିତ ଆନୁକୁଲ୍ୟରେ କିଶୋରୀ ବାଳିକାମାନଙ୍କ ପାଇଁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନାବେଡା ପୌର ପରିଷଦର ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଯୋଗଦେଇ କିଶୋରୀମାନଙ୍କ ସର୍ବାଙ୍ଗୀନ ବିକାଶ ନେଇ କହିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଚିତ୍ତରଞ୍ଜନ ମିଶ୍ର କିଶୋରୀମାନଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି,ଅନ୍ତର୍ନିହିତ ଗୁଣର ବିକାଶ ବିଷୟରେ କହିଥିଲେ। ବ୍ୟାଙ୍କ କର୍ମଚାରୀ ମନୋଜ କୁମାର ମଣ୍ଡଳ ଜିରୋ ଆକାଉଣ୍ଟ ଖୋଲିବାରେ ବ୍ୟାଙ୍କ ସହଯୋଗ କରିବ ବୋଲି କହିଥିଲେ। ବ୍ୟାଙ୍କ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଲିଭ ଫର ଅଦର୍ସର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର କିଶୋରୀ ବାଳିକାମାନଙ୍କୁ ଦକ୍ଷତା ବୃଦ୍ଧିର ୧୦ଟି ଜୀବନ କୌଶଳ, ସ୍ୱାସ୍ଥ୍ୟ,ପୋଷଣ ଓ ସୁରକ୍ଷା ଆଦି ଉପରେ ତାଲିମ ଦେଇଥିଲେ। ଶିବିରରେ ବିଲେଇଗୁଡା,ଗାଦବା ସାହି,କୋଡିଙ୍ଗା ଆର.କେ. ବାଳିକା ଉଚ୍ଚ ବିଦ୍ୟାଳୟର ହଷ୍ଟେଲ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ୬୬ ଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ କିଟ୍ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରଞ୍ଜିତା ଜେନା ଓ ଜୁନେଶ ମୁଠାଇ ସହଯୋଗ କରିଥିଲେ। ବିଶ୍ୱ ବନ୍ଦିତା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।


ଶିବିରରେ କିଶୋରୀମାନଙ୍କୁ ତାଲିମ ଦିଆଯାଉଛି।

# ନବଦିନାତ୍ମକ ଘଟଯାତ୍ରା ନେଇ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ।

ନନ୍ଦପୁର,୧୩।୭(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ଗ୍ରାମଦେବୀ ମା’ ଠାକୁରାଣୀଙ୍କ ନବଦିନାତ୍ମକ ଘଟଯାତ୍ରା ନେଇ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ପରିଚାଳନା କମିଟି ସଭାପତି ଏନ୍. ବାବୁଲା ଦାସଙ୍କ ସଭାପତିତ୍ୱରେ ଗୋପାଳ କୃଷ୍ଣ ବେବର୍ତ୍ତା, ପୂଜକ ସାନ ଦିଆରି, ସଞ୍ଜୟ କୁମାର ଦିଆରି, କୃଷ୍ଣ ପାଣ୍ଡିଆ, ଲିଙ୍ଗରାଜ ଚୌଧୁରୀ, ସାମୁଏଲ ଦଳପତି, ଶଙ୍କର ପ୍ରସାଦ ପଣ୍ଡା, ତୁଷାର କାନ୍ତ ମହାନ୍ତି ଓ ଯୁଧିଷ୍ଟିର ଖରା ପ୍ରମୁଖ ଉପସ୍ଥିତ ଥିଲେ। ଜୁଲାଇ ୩୧ରୁ ଅଗଷ୍ଟ ୮ଯାଏ ମା’ଙ୍କ ଘଟଯାତ୍ରା ଚାଲିବ। ପୁରୋହିତଙ୍କ ପ୍ରସ୍ତୁତ ଘଟଯାତ୍ରାର ସମୟ ସାରଣୀ ଘୋଷଣା କରିଥିଲେ। ୨୨ ତାରିଖରେ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ ବଉଳାନି ଯାତ୍ରା ଅନୁଷ୍ଠିତ ହେବ। ଶୁକ୍ଳପକ୍ଷ ସପ୍ତମୀ ତିଥି ସନ୍ଧ୍ୟାରେ ମା’ ଠାକୁରାଣୀଙ୍କ ଘଟ ଗଙ୍ଗାଗୁଡ଼ି ପୀଠରୁ ଆବାହନ କରାଯାଇ ମନ୍ଦିର ଆସ୍ଥାନକୁ ଅଣାଯିବ। ପରଦିନଠାରୁ ୭ ଯାଏ ଠାକୁରାଣୀଙ୍କ ନବଦିନାତ୍ମକ ନଗର ପରିକ୍ରମା ବିଧି ପାଳନ କରାଯିବ। ରାକ୍ଷୀ ପୂର୍ଣ୍ଣିମାରେ ଘଟ ପ୍ରସ୍ଥାନ ବିଧି ପାଳନ କରାଯିବ। ନବଦିନାତ୍ମକ ଘଟଯାତ୍ରାର ନୀତିକାନ୍ତି ସୁପରିଚାଳନା ପାଇଁ ପୂଜକ ଓ ସେବାୟତ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି। ପରିଚାଳନା କମିଟି ସଦସ୍ୟ ଲିଙ୍ଗରାଜ ଚୌଧୁରୀ ମନ୍ଦିରର ବାର୍ଷିକ ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ।

# ଓଡ଼ିଶା ଅମଲା ସଂଘର ପ୍ରସ୍ତୁତି ବୈଠକ

ଜୟପୁର,୧୩।୭(ପବନ ପାଣିଗ୍ରାହୀ)

ଓଡ଼ିଶା ଅମଲା ସଂଘର ଏକ ପ୍ରସ୍ତୁତି ବୈଠକ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଅମଲା ସଂଘ କୋରାପୁଟ ଜିଲା ଶାଖା ସଭାପତି ଶଶୀ ଭୂଷଣ ଦାସଙ୍କ ଆହ୍ୱାନ କ୍ରମେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ। ଜୁଲାଇ ୨୦ରେ ଜୟପୁର ଜୟନଗରସ୍ଥିତ ସଙ୍ଗମ କଲ୍ୟାଣ ମଣ୍ଡପରେ ଓଡ଼ିଶା ଅମଲା ସଂଘର ୮୨ତମ ବାର୍ଷିକ ଉତ୍ସବ ପାଳନ ହେବ। ଏ ନେଇ ବୈଠକରେ ଆଲୋଚନା ହୋଇଛି। ଅମଲା ସଂଘ ରାଜ୍ୟ ସଦସ୍ୟଙ୍କ ସହ ବିଭିନ୍ନ ଜିଲାର ନେତୃବୃନ୍ଦ ଉତ୍ସବରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ଅତିଥିଙ୍କୁ ଜୟନଗର ହନୁମାନ ମନ୍ଦିରରୁ ଶୋଭାଯାତ୍ରାରେ ଆଣି ମଣ୍ଡପରେ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଅମଲା ସଂଘ ଦ୍ୱାରା ବିଭିନ୍ନ ଦାବି ନେଇ ଏକ ଖବରଦାତା ସମ୍ମିଳନୀ କରାଯିବାକୁ ସୂଚନା ଦିଆଯାଇଛି। ବୈଠକରେ ସଂଘ ସମ୍ପାଦକ ରାଜେନ୍ଦ୍ର ନାରାୟଣ ପଢି, ବରିଷ୍ଠ ସଦସ୍ୟ କୈଳାଶ ସାମନ୍ତରାୟ, ସାନ୍ତୁନୁ ଜେନା, ତ୍ରିନାଥ ପଣ୍ଡା ଓ ଅନ୍ୟ ସଦସ୍ୟ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ଅମଲା ସଂଘର ସଦସ୍ୟମାନେ।

# ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୧୩।୭(ପବନ ପାଣିଗ୍ରାହୀ)

ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ ଥିବା ଜଣେ ଫେରାର ଅଭିଯୁକ୍ତଙ୍କୁ ରବିବାର ଜୟପୁର ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରଣ୍ଡାପାଲି ବିଷୋୟୀପୁଟ ଅଞ୍ଚଳର ମହାଦେବ କନ୍ଧପାନ(୩୯)। ଅଭିଯୁକ୍ତ ମହାଦେବ ୨୦୨୦ରୁ ଫେରାର ଥିଲେ। ତେବେ ସେ ରଣ୍ଡାପାଲିରେ ଥିବା ଜାଣି ଜୟପୁର ସଦର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ପାଣିଟାଙ୍କିରେ ଲାଗିଲା ଟ୍ୟାପ୍

ସୁନାବେଡ଼ା/ସେମିଳିଗୁଡ଼ା, ୧୩।୭
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଦୁଇଦିନ ତଳେ ସେମିଳିଗୁଡ଼ା ଓସିସି ନଗର ମୁଖ୍ୟ ରାସ୍ତା କଡ଼ ପାଣିଟାଙ୍କିରୁ କେହି ଦୁର୍ବୃତ୍ତ ଟ୍ୟାପଗୁଡିକୁ ଚୋରି କରି ନେଇଥିବା ଖବର ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସୁଜିତ୍ କୁମାର ଚୌଧୁରୀଙ୍କ ଦୃଷ୍ଟି ଆକର୍ଷଣ ପରେ ନୂତନ ଟ୍ୟାପ୍ ଲଗାଯାଇଛି। ସ୍ଥାନୀୟ ଲୋକେ ନିର୍ବାହୀ ଅଧିକାରୀ ଚୌଧୁରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅଗ୍ନିଶମ ଗାଡ଼ି ଧକ୍କାରେ ନାବାଳକ ମୃତ, ୨ ଗୁରୁତର

ବୈପାରୀଗୁଡା,୧୩।୭(କଳ୍ପତରୁ ମହାନ୍ତି)

ବୈପାରୀଗୁଡ଼ା ବ୍ଲକ୍ ମାଳିଗୁଡ଼ା ଛକ ନିକଟରେ ଏକ ଅଗ୍ନିଶମ ବାହିନୀ ଗାଡ଼ି ଚଢ଼ିଯିବାରୁ ଜଣେ ନାବାଳକଙ୍କ ରବିବାର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ନାବାଳକ ଓ ମହିଳା ବୋଲବମ୍ ଯାତ୍ରୀ ଗୁରୁତର ରହିଛନ୍ତି। ମୃତକ ହେଲେ ଗୁପ୍ତେଶ୍ୱର ପୀଠ ନିକଟସ୍ଥ କନ୍ଧଗୁଡ଼ା ଗ୍ରାମର ପର୍ଶୁରାମ ଦୁରୁଆ(୮)। ଗୁରୁତରମାନେ ହେଲେ କନ୍ଧଗୁଡ଼ାର ସହଦେବ ଦୁରୁଆ(୭) ଓ କୋରାପୁଟ ଜିଲା ନନ୍ଦପୁରର ରଶ୍ମିତା ଖିଲ।

ସୂଚନା ଅନୁଯାୟୀ, ରବିବାର ବୈପାରୀଗୁଡ଼ା ଅଗ୍ନିଶମ ବିଭାଗର ଗାଡ଼ି ଗୁପ୍ତେଶ୍ୱର ପୀଠକୁ ଯାଉଥିବା ବେଳେ ୩ କି.ମି ଦୂର ମାଳିଗୁଡା ଛକ ନିକଟ ରାସ୍ତାକଡ଼ରେ ଏକ ଛୋଟ ଦୋକାନ ଆଡ଼କୁ ନିୟନ୍ତ୍ରଣ ହରାଇ ମାଡିଯାଇଥିଲା। ସେଠାରେ କେତେକ ପିଲା ବସିଥିବା ବେଳେ ନିକଟରେ ଅନ୍ୟ କେତେଜଣ ବୋଲବମ୍ ଯାତ୍ରୀ ଠିଆ ହୋଇଥିଲେ। ସେମାନଙ୍କୁ ଅଗ୍ନୀଶମ ଗାଡି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପର୍ଶୁରାମଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସହ ବସିଥିବା ସହଦେବ(୭) ଓ ଠିଆ ହୋଇଥିବା ରଶ୍ମିତା ଗୁରୁତର ହୋଇଥିଲେ। ସେମାନଙ୍କୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବୈପାରୀଗୁଡ଼ା ଥାନା ଅଧିକାରୀ ରଶ୍ମୀ ପ୍ରଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଜଣାପଡ଼ିଛି। ଦୁର୍ଘଟଣାର କାରଣ ସ୍ପଷ୍ଟ ଜଣାପଡି ନ ଥିବା ବେଳେ ବେପରୁଆ ଗାଡି ଚାଳନା ଯୋଗୁ ଏଭଳି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଚାଳକ ଜୟପୁର ଅଗ୍ନୀଶମ ବିଭାଗର କର୍ମଚାରୀ ବୋଲି ଅଗ୍ନୀଶମ ବିଭାଗ ଅଧିକାରୀ ସୁକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।


ଗୁରୁତର ଥିବା ମହିଳା ବୋଲବମ୍ ଯାତ୍ରୀ।

# ଜିଲାରେ ୯୮,୫୦୦ ହିତାଧିକାରୀ କରିନାହାନ୍ତି ଇ-କେୱାଇସି

ଜୟପୁର,୧୩।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲାରେ ୯୮ ହଜାର ୫ଶହ ହିତାଧିକାରୀ ଇ-କେୱାଇସି କରି ନ ଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାର ୧୪ ବ୍ଲକ, ଗୋଟିଏ ପୌରାଞ୍ଚଳ ଓ ୨ ଏନ୍ଏସିର ହିତାଧିକାରୀମାନେ ଇ-କେୱାଇସି କରି ନ ଥିବା ଜଣାପଡ଼ିଛି। ଜୟପୁରରେ ଯୋଗାଣ ବିଭାଗର ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଛି। ବାରମ୍ବାର ଅବଧି ବଢିବା ସହ ଅନ୍‌ଲାଇନ୍ ଓ ଅଫଲାଇନ୍ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ହିତାଧିକାରୀମାନେ କରି ନ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାର ବନ୍ଧୁଗାଁ ବ୍ଲକରେ ୫୫ ହଜାର ୮ ୧୫ ହିତାଧିକାରୀଙ୍କ ମଧ୍ୟରୁ ୫୦ ହଜାର ୩ ଶହ ୮୫ଜଣ ଇ-କେୱାଇସି କରିଛନ୍ତି। ବୈପାରାଗୁଡ଼ାରେ ୯୪ ହଜାର ୬ ଶହ ୬୯ରୁ ୮୮ ହଜାର ୭୦ଜଣ, ବୋରିଗୁମ୍ମାରେ ୧ ଲକ୍ଷ ୩୪ ହଜାର ୭ ଶହ ୩୩ଜଣଙ୍କ ମଧ୍ୟରୁ ୧ ଲକ୍ଷ ୨୩ ହଜାର ୧ ଶହ ୩୭ଜଣ କରିଛନ୍ତି। ଦଶମନ୍ତପୁର ବ୍ଲକରେ ୭୭ ହଜାର ୫ ଶହ ୯୭ ଜଣଙ୍କ ମଧ୍ୟରୁ ୬୮ ହଜାର ୪ ଶହ ୫୭, ଜୟପୁର ବ୍ଲକରେ ୧ ଲକ୍ଷ ୪ ହଜର ୩୦୨ ଜଣଙ୍କ ମଧ୍ୟରୁ ୯୭ ହଜାର ୮ ଶହ ୫ ଜଣ କରିଛନ୍ତି। ଜୟପୁର ପୌରପାଳିକାରେ ୪୨ ହଜାର ୯ ଶହ ୨୮ଜଣ କରିଥିବା ବେଳେ ୩ ହଜାର ୪ ଶହ ୯୬ଜଣ କରିନାହାଁନ୍ତି। କୋରାପୁଟରେ ୫୯ ହଜାର ୫୦୧ ଜଣଙ୍କ ମଧ୍ୟରୁ ୫୩ ହଜାର ୫ ଶହ ୯୭ଜଣ କରିଛନ୍ତି। କୋରାପୁଟ ଏନ୍ଏସିରେ ୨୧ ହଜାର ୩୬୦ଙ୍କ ମଧ୍ୟରୁ ୧୯ ହଜାର ୭୦ଜଣ, କୋଟପାଡ଼ରେ ୮୫ ହଜାର ୪ଶହ ୫୧ଜଣଙ୍କ ମଧ୍ୟରୁ ୮୧ ହଜାର ୭ ଶହ ୬୮ଜଣ, କୋଟପାଡ଼ ଏନଏସିରେ ୧୦ ହଜାର ୫ ଶହ ୩୮ଜଣଙ୍କ ମଧ୍ୟରୁ ୧୦ ହଜାର ୩୬ଜଣ କରିଛନ୍ତି। କୁନ୍ଦୁରା ବ୍ଲକ୍‌ରେ ୬୨ ହଜାର ୭ ଶହ ୩୮ଜଣଙ୍କ ମଧ୍ୟରୁ ୫୮ ହଜାର ୯୮୧ଜଣ,ଲମତାପୁଟରେ ୫୩ ହଜାର ୮ ଶହ ୮୨ ଜଣଙ୍କ ମଧ୍ୟରୁ ୪୯ ହଜାର ୪ ଶହ ୩୭ଜଣ, ଲକ୍ଷ୍ମୀପୁରରେ ୪୯ ହଜାର ୮୦୯ଜଣଙ୍କ ମଧ୍ୟରୁ ୫୨ ହଜାର ୭ ଶହ ୮୮ ଜଣ କରିଛନ୍ତି। ନନ୍ଦପୁର ବ୍ଲକ୍‌ରେ ୮୬ ହଜାର ୩ ଶହ ୭୬ଜଣ ମଧ୍ୟରୁ ୭୮ ହଜାର ୪ ଶହ ୪୨ଜଣ, ନାରାୟଣପାଟଣା ବ୍ଲକ୍‌ରେ ୪୪ ହଜାର ୨୯୮ଙ୍କ ମଧ୍ୟରୁ ୩୯ ହଜାର ୭ ଶହ ୪୮ଜଣ ଇ-କେୱାଇସି କରିଛନ୍ତି। ପଟାଙ୍ଗି ବ୍ଲକରେ ୫୫ ହଜାର ୫ ଶହ ୬୨ଜଣ କରିଥିବା ବେଳେ ୫ ହଜାର ୯୧୦ ଜଣ କେୱାଇସି ନାହାଁନ୍ତି। ସେମିଳିଗୁଡା ବ୍ଲକରେ ୬୭ ହଜାର ୮୮୯ ଜଣଙ୍କ ମଧ୍ୟରୁ ୬୦ ହଜାର ୫୭୦ଜଣ, ସୁନାବେଢ଼ା ଏନଏସିରେ ୨୬ ହଜାର ୮ ଶହ ୩୪ ଜଣଙ୍କ ମଧ୍ୟରୁ ୨୪ ହଜାର ୪୦୬ ଜଣ କରିଛନ୍ତି। ଜିଲାରେ ମୋଟ ୧୧ ଲକ୍ଷ ୫୩ ହଜାର ୬ ଶହ ୮୭ ଜଣ ହାତାଧିକାରୀଙ୍କ ମଧ୍ୟରୁ ୧୦ ଲକ୍ଷ ୫୫ ହଜାର ୧ ଶହ ୮୭ ଜଣ କେୱାଇସି କରିଛନ୍ତି। ୩ ମାସ ମଧ୍ୟରେ ଇ-କେୱାଇସି ଅପଡେଟ ନ କଲେ ତାଲିକରୁ ସମ୍ପୂର୍ଣ ବାଦ୍ ପଡିବେ ବୋଲି ସରକାର ଚେତାଇଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଓ ମୃତବ୍ୟକ୍ତି ସାମିଲ ଥିବା ଅଭିଯୋଗ ହୋଇଥିଲା। ନୂତନ ଯୋଗ୍ୟ ବ୍ୟକ୍ତି ଚାଉଳ ପାଇବାରୁ ବଞ୍ଚିତ ହେଉଥିଲେ। ନୂତନ ସରକାର ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ୨୦୨୪ ଅଗଷ୍ଟ ୨୨ରୁ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ସରକାର ପ୍ରାୟ ୫ଥର ଏହାର ଅବଧି ବୃଦ୍ଧି କରିଥିଲେ। ଜୁନ୍ ଶେଷ ସୁଦ୍ଧା ଯେଉଁମାନେ ଇ-କେୱାଇସି କରିନାହାନ୍ତି ସେମାନଙ୍କୁ ବାଦ୍ ଦିଆଯିବା ନିଶ୍ଚିତ ହୋଇଛି। ଜୁଲାଇରୁ ଏମାନଙ୍କ ଚାଉଳ ବନ୍ଦ ହେବ। ୩ମାସ ମଧ୍ୟରେ ଇ-କେୱାଇସି ଯାଞ୍ଚ ନ କଲେ ସମ୍ପୂର୍ଣ ବାଦ୍ ଦିଆଯିବ ବୋଲି କୁହାଯାଇଛି। ଅନେକ ବ୍ୟକ୍ତିଙ୍କ ଚାରିଚକିଆ ଯାନ, ୬ ଚକିଆ ଗାଡ଼ି ଥିବା ସତ୍ତ୍ୱେ ରାଶନ ଉଠାଉ ଥିବାରୁ ଇ-କେୱାଇସି କଲେ ରାଶନ କଟିଯିବା ଭୟରେ କରି ନ ଥିବା ଜଣାପଡ଼ିଛି। ବୃଦ୍ଧା, ଶର୍ଯ୍ୟାଶାୟୀ ଓ ଶିଶୁମାନଙ୍କର ଇ-କେୱାଇସି କରିବାରେ ସମସ୍ୟା ଥିବା ସୂଚନା ମିଳିଛି। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ଯେଉଁ ହିତାଧିକାରୀ ଇ-କେୱାଇସି କରିନାହାଁନ୍ତି ସେମାନେ ତୁରନ୍ତ କରିବାକୁ ସୂଚନା ଦେଇଛନ୍ତି।

# ବାସୋପଯୋଗୀ ପ୍ଲଟ୍ ଦେବା ନାଁରେ ଠକେଇ

## ୨୦୦ ଜଣଙ୍କ ୫ କୋଟି ଟଲୁ, ସାଧବୀ କନ୍‌ଷ୍ଟ୍ରକଶନ ମାଲିକ ଗିରଫ

ବ୍ରହ୍ମପୁର, ୧୩।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଜମି ଜାଲିଆତି ଘଟଣା ବଢ଼ିବାରେ ଲାଗିଛି। ବିଭିନ୍ନ ଉପାୟରେ ଚଞ୍ଚକତା କରି ନିରୀହ ଲୋକଙ୍କଠୁ ବହୁ କୋଟି ଟଙ୍କା ଠକେଇ ହୋଇଥିବା ଗୋଷାଣି ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଉକ୍ତ ଥାନା ଅଞ୍ଚଳର ସାଧବୀ କନ୍‌ଷ୍ଟ୍ରକଶନ୍ ମାଲିକ ଚେତନ ଚୌଧୁରୀ(୪୩)ଙ୍କୁ ବାନ୍ଧିଛି। ଚେତନ ହେଉଛନ୍ତି ବ୍ରହ୍ମପୁର ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ପୂର୍ବତନ ସଭାପତି ସ୍ୱର୍ଗତ ଅଲେଖ ଚୌଧୁରୀଙ୍କ ପୁଅ। ପୋଲିସ ତାଙ୍କ ଅଫିସରୁ ବାସୋପଯୋଗୀ ଲେଆଉଟ ପ୍ଲାନ, ଦୈନିକ ଟଙ୍କା ସଂଗ୍ରହ କରାଯାଉଥିବା ରସିଦ୍ ଆଦି ଜବତ କରିଛି। ମାମଲା ନଂ.୨୨୬/୨୫ରେ ଚେତନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ତାଙ୍କ ବିରୋଧରେ ବଡ଼ବଜାର ଥାନାରେ ମଧ୍ୟ ଆପରାଧିକ ମାମଲା ହୋଇଥିବା ଏସ୍‌ପି କହିଛନ୍ତି।



ଗିରଫ ଅଭିଯୁକ୍ତ ଚେତନ ଚୌଧୁରୀ।

ଗୋଷାଣି ନୂଆଗାଁ ପାଣିଗ୍ରାହୀ ସାହିର ମୂଳବାସିନ୍ଦା ଚେତନ ରାଜାରାଣୀ ଆପାର୍ଟମେଣ୍ଟ ଏ ବ୍ଲକର ୫୧୩ରେ ରୁହନ୍ତି। ସେ ଗୋଷାଣି ନୂଆଗାଁରେ ସାଧବୀ କନ୍‌ଷ୍ଟ୍ରକସନ ଆଣ୍ଡ ଲଜିଷ୍ଟିକସ ନାମକ ଏକ ସଂସ୍ଥା କରିଛନ୍ତି। ଇଚ୍ଛୁକ ଲୋକମାନଙ୍କୁ ସୁଲଭ ମୂଲ୍ୟରେ ବାସଉପଯୋଗୀ ପ୍ଲଟ ଦେବା ନାଁରେ ୨୦୧୯ ଅଗଷ୍ଟରେ ଏକ ସ୍କିମ କରିଥିଲେ। ଏଥିପାଇଁ ସେ ଜଣେ ଏଜେଣ୍ଟ ନିଯୁକ୍ତ କରିଥିଲେ। ଜଣେ ଲୋକ ଉକ୍ତ ସ୍କିମରେ ମାସିକ ଟଙ୍କା ଜମା କଲେ ଦୁଇବର୍ଷ ପରେ ଅର୍ଥାତ ୨୦୨୧ ସେପ୍ଟେମ୍ବର ସୁଦ୍ଧା ତାଙ୍କୁ ସଂସ୍ଥା ତରଫରୁ ବାସୋପଯୋଗୀ ପ୍ଲଟ୍ ଯୋଗାଇ ଦିଆଯିବ ବୋଲି ମାଲିକ ଉଲ୍ଲେଖ କରିଥିଲେ। ଏହି ଲୋଭ ଦେଖାଇ ଏଜେଣ୍ଟମାନେ ୨ ବର୍ଷରେ ୨୦୦ ଜମାକାରୀଙ୍କ ନିକଟରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରି ସଂସ୍ଥାର ଆକାଉଣ୍ଟରେ ଜମା କରିଥିଲେ। ନିର୍ଦ୍ଧାରିତ ସମୟ ପରେ ଜମାକାରୀମାନେ ସଂସ୍ଥାର ମାଲିକଙ୍କୁ ଭେଟି ସେମାନଙ୍କ ପ୍ଲଟ୍ ଦେବାକୁ କହିଥିଲେ। ଏ ବାବଦରେ ମାଲିକ ଚେତନ କୌଣସି ଜମାକାରୀଙ୍କ ଟଙ୍କା ପାଇ ନ ଥିବା ସେମାନଙ୍କୁ କହିଥିଲେ। ପରେ ଜମାକାରୀମାନେ ସଂସ୍ଥାର କାର୍ଯ୍ୟାଳୟକୁ ଯାଇ ସେମାନେ ଜମା କରିଥିବା ଟଙ୍କା ବାବଦକୁ ପାଇଥିବା ରସିଦ୍‌ଗୁଡିକ ଚେତନଙ୍କୁ ଦେଖାଇଥିଲେ। ହେଲେ ଉକ୍ତ ରସିଦ୍‌ଗୁଡିକ ଜାଲ୍ ବୋଲି ଚେତନ କହିବା ସହ ସେମାନଙ୍କୁ ଜାଣି ନ ଥିବା କହି ଘଉଡ଼ାଇ ଦେଇଥିଲେ। ସଂସ୍ଥାର ଜଣେ ଏଜେଣ୍ଟ ଲାଞ୍ଜିପଲି କାଳିଞ୍ଜି ସାହିର ଏ. ସନ୍ତୋଷ କୁମାର ପାତ୍ର ଏ ନେଇ ଶନିବାର ଗୋଷଣି ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ଚେତନଙ୍କୁ ଗିରଫ କରିଛି।

# ବାଲୁଗାଁ ଷ୍ଟେଶନରୁ ଚୋରି ଶିଶୁକନ୍ୟା ଖଲ୍ଲିକୋଟରୁ ଉଦ୍ଧାର

## ଖଲ୍ଲିକୋଟ ଥାନାରୁ ଝିଅକୁ ନେଲେ ମା'

ଖଲ୍ଲିକୋଟ, ୧୩।୭(ପ୍ରଶାନ୍ତ କୁମାର ମିଶ୍ର)

ଖୋର୍ଦ୍ଧା ଜିଲା ବାଲୁଗାଁ ରେଳ ଷ୍ଟେଶନରୁ ଶନିବାର ସକାଳେ ଏକ ୨ ବର୍ଷର ଶିଶୁକନ୍ୟା ଚୋରି ହେବାର ୨୪ ଘଣ୍ଟା ମଧ୍ୟରେ ଖଲ୍ଲିକୋଟରୁ ଉଦ୍ଧାର ହୋଇଛି। ପୋଲିସର ତ୍ୱରିତ ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ରବିବାର ସନ୍ଧ୍ୟାରେ ଶିଶୁକନ୍ୟାଟି ତାଙ୍କ ମା'ଙ୍କ କୋଳକୁ ଫେରିଛି।

ଖବରରୁ ଜଣାପଡିଛି, ବାଲୁଗାଁ ଉମା ମହେଶ୍ୱର ମନ୍ଦିର ନିକଟରେ ରହୁଥିବା ସଙ୍ଗୀତା ପାରିମାଣିକ ନିଜ ଶିଶୁକନ୍ୟାକୁ ବାଲୁଗାଁ ରେଳ ଷ୍ଟେଶନର ୧ ନଂ. ପ୍ଲାଟଫର୍ମରେ ବସାଇ ଦେଇ କାମ କରିବାକୁ ଯାଇଥିଲେ। କାମରୁ ଫେରି ଦେଖିବା ବେଳକୁ ଝିଅ ସେଠାରେ ନ ଥିଲା। ବହୁ ଖୋଜାଖୋଜି ପରେ ଝିଅର କୌଣସି ସନ୍ଧାନ ନ ମିଳିବାରୁ ସେ ରେଳୱେ ଥାନାରେ ଅଭିଯୋଗ କରିଥିଲେ। ତେବେ ଶିଶୁକନ୍ୟାକୁ ଚୋରି କରି ନେଇଥିବା ବ୍ୟକ୍ତି ଜଣକ ଶିଶୁଟି କାନ୍ଦିବାରୁ ତାଙ୍କୁ ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ ଗେଟ୍‌ଠାରେ ଛାଡ଼ି ଚାଲିଯାଇଥିଲେ। ଶିଶୁକନ୍ୟାଟି ଟୋଲ୍ ଗେଟ୍‌ଠାରେ ଏକୁଟିଆ ବୁଲୁଥିବା ଦେଖି ନିକଟରେ ଥିବା ଏକ ଚା' ଦୋକାନୀ ତାଙ୍କୁ ଆଣି ପାଖରେ ରଖିଥିଲେ। ସେ ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଖଲ୍ଲିକୋଟ ପୋଲିସ ସକାଳ ୮ଟାରେ ଟୋଲ ଗେଟ୍‌ଠାରେ ପହଞ୍ଚି ଶିଶୁ କନ୍ୟାକୁ ଉଦ୍ଧାର କରି ଥାନାକୁ ନେଇଥିଲା। ତେବେ ଶିଶୁଟି ନିଜ ପରିଚୟ କହି ନ ପାରିବାରୁ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ସବୁ ଥାନାକୁ ପିଲାଟିର ଫଟୋ ପଠାଇବା ସହ ଚାଇଲ୍ଡ ହେଲ୍‌ପଲାଇନକୁ ଖବର ଦେଇଥିଲେ। ଖଲ୍ଲିକୋଟ ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀଙ୍କ ନିର୍ଦ୍ଦେଶରେ ଅଙ୍ଗନୱାଡି ସୁପରଭାଇଜର ଭାଗ୍ୟଲତା ସେନାପତି, ସୁନୀତା କୁମାରୀ ସାବତଙ୍କ ସମେତ ଦୁଇଜଣ କର୍ମଚାରୀ ଥାନାରେ ପହଞ୍ଚି ଶିଶୁକନ୍ୟାକୁ ଚାଇଲ୍ଡ ହେଲ୍‌ପ ଲାଇନକୁ ହସ୍ତାନ୍ତର କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ସମୟରେ ରେଲୱେ ଥାନାରୁ ଝିଅର ଫଟୋ ଦେଖି ଶିଶୁକନ୍ୟାର ମା' ଖଲ୍ଲିକୋଟ ଥାନାକୁ ଯାଇଥିଲେ। ସଙ୍ଗୀତାଙ୍କୁ ଦେଖି ପିଲାଟି ତାଙ୍କ ପାଖକୁ ଦୌଡ଼ି ପଳାଇଥିଲା। ସେଠାରୁ ଝିଅକୁ ଧରି ସଙ୍ଗୀତା ବାଲୁଗାଁ ଅଭିମୁଖେ ଫେରିଥିଲେ।

# ବାଂଲାଦେଶରେ କଂକ୍ରିଟ ସ୍ଲାବ୍‌ରେ ପିଟି ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା

## ମୃତଦେହ ଉପରେ ନାଚିଲେ ଆକ୍ରମଣକାରୀ

ଢାକା, ୧୩।୭

ବାଂଲାଦେଶର ହିନ୍ଦୁଙ୍କ ଉପରକୁ ଆକ୍ରମଣ ଘଟଣା ଥମିବାର ନାଁ ନେଉନାହିଁ। ଢାକାରେ ଶନିବାର ସ୍ଥାନୀୟ ହିନ୍ଦୁ ବ୍ୟବସାୟୀ ଲାଲଚନ୍ଦ ସୋହାଗଙ୍କୁ ନିର୍ମମ ଭାବେ କଂକ୍ରିଟ ସ୍ଲାବ୍‌ରେ ପିଟି ପିଟି ହତ୍ୟା କରାଯାଇଛି। ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ବାଂଲାଦେଶର ଅନ୍ତରୀଣ ସରକାରରେ ସଂଖ୍ୟାଲଘୁଙ୍କ ସୁରକ୍ଷାକୁ ନେଇ ଏହି ଘଟଣା ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରୁଣା ଢାକାର ମିଟ୍‌ଫୋର୍ଡ ହସ୍ପିଟାଲ ସମ୍ମୁଖରେ ଜବରଦସ୍ତ ଚାନ୍ଦା ଆଦାୟ କରୁଥିବା କେତେଜଣ ଲୋକ ଲାଲଚନ୍ଦଙ୍କୁ ଘେରି ଯାଇଥିଲେ ଏବଂ କଂକ୍ରିଟ ସ୍ଲାବ୍‌ରେ ତାଙ୍କୁ ନିର୍ମମ ଭାବେ ପିଟି ହତ୍ୟା କରିଥିଲେ। ଏହାପରେ ଆକ୍ରମଣକାରୀ ଲାଲଚନ୍ଦଙ୍କ ମୃତଦେହ ଉପରେ ନାଚିଥିଲେ। ଘଟଣାକୁ ବିରୋଧ କରି ଶନିବାର ସନ୍ଧ୍ୟାରେ ଢାକାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ର ପ୍ରତିବାଦ କରିଥିଲେ। ରବିବାର ଏହି ମାମଲାରେ ଢାକା ପୋଲିସ ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ନିକଟରୁ ବେଆଇନ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

# ୩ ଯୁବତୀ, ୩ ଯୁବକଙ୍କ ସହ କିଙ୍ଗ୍‌ପିନ୍ ମହିଳା ଅଟକ

## ଜୟନଗରରେ ସେକ୍ସ ର୍‍ୟାକେଟ ଠାବ


ରାଜକନିକା, ୧୩।୭(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଜୟନଗର ନଦୀକୂଳରେ ଥିବା ଏକ ଘରୁ ପୋଲିସ ରବିବାର ସେକ୍ସ ର୍‍ୟାକେଟ ଠାବ କରିଛି। ଜୟନଗର ଘାଟ ନିକଟରେ ସେକ୍ସ କାରବାର ଚାଲିଥିବା ନେଇ କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ପୋଲିସ ଜୟନଗର ନଦୀକୂଳରେ ଥିବା ଜଣେ ମହିଳାଙ୍କ ଘରେ ଅତର୍କିତ ଚଢ଼ାଉ କରିଥିଲା। ସେଠାରେ ଅସଜ୍ଜିତ ଅବସ୍ଥାରେ ୩ ଯୁବତୀ ଓ ୩ ଯୁବକଙ୍କ ସମେତ କିଙ୍ଗ୍‌ପିନ୍ କୁହାଯାଉଥିବା ଜଣେ ମହିଳାଙ୍କୁ କାବୁ କରିଥିଲା। ନୂଆଗାଁର ଆଦିତ୍ୟ ବାରିକ (୨୦), ଚେରଣ୍ଟପଡ଼ା ଗାଁର ଆଦିତ୍ୟ ମାଝି (୨୧) ଓ ଚାନ୍ଦବାଲି ଥାନା ଅନ୍ତର୍ଗତ ବିଶ୍ରମପୁର ଗାଁର ଅଜୟ କୁମାର ନାୟକ(୩୦)ଙ୍କ ସମେତ ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୩୭୦/୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି, ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି।

# କଫ୍‌ସିରପ୍ ସହ ୩ କାର ଜବତ, ୫ ଅଟକ

ଯୋଡ଼ା, ୧୩।୭ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ହିନ୍ଦୀ ହାଇସ୍କୁଲ ନିକଟସ୍ଥ ଏକ ଗ୍ୟାରେଜରେ ଥିବା ୩ଟି କାରରୁ ବିପୁଳ ପରିମାଣର ବେଆଇନ କଫ୍‌ସିରପ୍‌କୁ ପୋଲିସ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ଗ୍ୟାରେଜ୍‌ରେ ଚଢ଼ାଉ କରିଥିଲା। ଗ୍ୟାରେଜ ମଧ୍ୟରେ ଥିବା ଗୋଟିଏ ସ୍କର୍ପିଓ ଓ ଦୁଇଟି ବୋଲେରୋରୁ ପ୍ରାୟ ୧୦ ପେଟିରୁ ଊର୍ଦ୍ଧ୍ୱ କଫ୍‌ସିରପ ଜବତ କରିଥିଲା। ବେଆଇନ ସିରପ କାରବାରରେ ସମ୍ପୃକ୍ତ ୫ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରହିଛି। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା ଉପସ୍ଥିତ ଥିଲେ। ତଦନ୍ତ ଚାଲିଛି ପରେ ଏ ନେଇ ଅଧିକ ସୂଚନା ଦିଆଯିବ ବୋଲି ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ କହିଛନ୍ତି।



କାରରୁ ଜବତ ହୋଇଥିବା କଫ୍‌ସିରପ୍।

## Business

# ରିହାତି ମୂଲ୍ୟରେ ପ୍ରିମିୟମ ଫାବ୍ରିକ୍ସ

ଭୁବନେଶ୍ୱର, ୧୩।୭

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆରେ ରାଜସ୍ଥାନ କଟନ ଫାବ ନିକଟରେ ଆରମ୍ଭ ହୋଇଯାଇଛି। ଏହି ପ୍ରଦର୍ଶନୀ ୨୦୨୫ ଅଗଷ୍ଟ ୩୧ ପର୍ଯ୍ୟନ୍ତ ପ୍ରାରମ୍ଭିକ ଭାବେ ଜାରି ରହିବ ବୋଲି ମେଳାର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏହି ମେଳାରେ ସର୍ବଭାରତୀୟସ୍ତରର ଗାର୍ମେଣ୍ଟସ/କପଡା ଓ ପୋଷାକ ବ୍ୟବସାୟୀମାନେ ଅଂଶଗ୍ରହଣ ସହ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ସହିତ ବିକ୍ରୟ କରିଥାନ୍ତି। ସେହିଭଳି ଏହି ମେଳାରେ ଆକର୍ଷଣୀୟ ଓ ପ୍ରିମିୟମ ବର୍ଗର ଫାବ୍ରିକ୍ସ ରିହାତି ମୂଲ୍ୟରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଇଥାଏ। ପ୍ରତି କ୍ରୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏପରିକି କାରବାରରେ ସମସ୍ତ ବ୍ୟାଙ୍କର ଡେବିଟ ଓ କ୍ରେଡିଟ କାର୍ଡର ବ୍ୟବହାର ସହ ଗ୍ରହଣ କରାଯାଉଛି।



ସେହିପରି ଏହି ମେଳାରେ ୨୦ ଟି ରାଜ୍ୟର ପ୍ରମୁଖ ପୋଷାକ ବ୍ରାଣ୍ଡ୍ ସମ୍ବଲପୁରୀଠାରୁ ଇକତ ଏବଂ ଜାମଦାନୀଠାରୁ ଆରମ୍ଭ କରି ବନାରସୀ ପର୍ଯ୍ୟନ୍ତ ପ୍ରିମିୟମ ବର୍ଗର ପୋଷାକ ଉଭୟ ବିକ୍ରୟ ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ ରହିଛି। ଏହି ମେଳାରେ ଓଡିଶା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ, ତେଲଙ୍ଗାନା, ଆସାମ ଓ ପୁଡୁଚେରୀ ଭଳି ବଜାରର ପ୍ରିମିୟମ ପୋଷାକ ଓ ପ୍ରମୁଖ ବ୍ୟବସାୟୀମାନେ ସାମିଲ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜସ୍ଥାନ କଟନ ଫାବରେ ମୋଟ ୨୦୦ ଟି ଷ୍ଟଲ ପଡିଥିଲାବେଳେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ସାମଗ୍ରୀ ପାଇଁ ସ୍ୱତନ୍ତ୍ର ଷ୍ଟଲ କରାଯାଇଛି। ଏହି ମେଳା ଦିବା ୧୧ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିଥିଲାବେଳେ ମେଳା ପରିସରରେ ମାଗଣା ପାର୍କିଂର ସୁବିଧା ରହିଛି।

# ଇନ୍‌ଫିନିକ୍ସର ନୂତନ ଉତ୍ପାଦ

ଭୁବନେଶ୍ୱର, ୧୩।୭

ଇନ୍‌ଫିନିକ୍ସର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଇନ୍‌ଫିନିକ୍ସ ହଟ୍ ୬୦ ୫ଜି+'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ହଟ୍ ୬୦ ୫ଜି+ ରେ ଏକ ୫୨୦୦ଏମ୍‌ଏଏଚ୍ ହାଇ-କାପାସିଟି ବ୍ୟାଟେରି ରହିଛି। ଏହା ଗୋଟିଏ ସିଙ୍ଗଲ ଚାର୍ଜରେ ଗେମିଂ, ଷ୍ଟ୍ରିମିଂ, ୱର୍କ କଲ୍ ଓ ସୋସିଆଲ ଆପ୍‌ଗୁଡ଼ିକ ସହ ସଂଘର୍ଷ କରୁଥିବା ଉପଭୋକ୍ତାଙ୍କ ପାଇଁ ଅପ୍ଟିମାଇଜ ହୋଇଥାଏ। ସେହିଭଳି ଏହା ବକ୍ସରେ ଏକ ୧୮ୱାଟ ଚାର୍ଜର ସହ ଆସିଥାଏ। ଏଥିରେ ଏକ ୫୦ଏମପି ଏଆଇ କ୍ୟାମେରା ସେଟଅପ ରହିଛି। ଏହା ସୁପର ନାଇଟ, ଏଆଇଜିସି ପୋର୍ଟ୍ରେଟ ମୋଡ, ସ୍କାଏ ସପ, ସ୍ଲୋ ମୋଶନ ଓ ବିୟୁଟି ପୋର୍ଟ୍ରେଟ ଭଳି ୧୦ରୁ ଅଧିକ ଏଆଇ-ପରିଚାଳିତ ମୋଡ୍‌ଗୁଡିକ ସହ ଉନ୍ନତ ହୋଇଛି। ସେହିଭଳି ଏହି ସ୍ମାର୍ଟଫୋନ ଫ୍ଲିପ୍‌କାର୍ଟ ଓ ରିଟେଲ ଷ୍ଟୋରରେ ୩ଟି କଲର ଯଥା ସ୍ୟାଡୋ ବ୍ଲୁ, ଟୁନ୍ଦ୍ରା ଗ୍ରୀନ ଓ ସ୍ଲିକ ବ୍ଲାକରେ ଉପଲବ୍ଧ।

# ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



ଅତିଥିମାନେ ଏସ୍‌ବିଆଇର ନୂତନ ଶାଖାକୁ ଉଦ୍‌ଘାଟନ କରୁଛନ୍ତି।

କୋରୁକୋଣ୍ଡା, ୧୩।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଦୁର୍ଗମ ଅଞ୍ଚଳ ନାକାମାମୁଡି ପଞ୍ଚାୟତରେ ରବିବାର ଷ୍ଟେଟ ବ୍ୟାଙ୍କ ସେବା ଆରମ୍ଭ ହୋଇଛି। ଓର୍କେଲ ଷ୍ଟେଟ୍ ବ୍ୟାଙ୍କ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ ମୁଦୁଲିଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ସହ ନଡ଼ିଆ ଭାଙ୍ଗିବା ପରେ କୋରୁକୋଣ୍ଡା ବ୍ଲକ ଏମ୍‌ପି ପ୍ରତିନିଧି ଅକ୍ଷୟ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଗୃହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାଜପା ବାଲିମେଳା ଏନ୍‌ଏସି ନଗର ସଭାପତି ସୀମାଞ୍ଚଳ ପ୍ରଧାନ, କାଉନ୍‌ସିଲର ମନୋଜ ଦେବ ପାଙ୍ଗି,ସମିତି ସଭ୍ୟା ଲକ୍ଷ୍ମୀ ଖିଲ,ନାଏବ ସରପଞ୍ଚ ବାସନ୍ତୀ ଖିଲ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ହନ୍ତାଳଙ୍କ ସମେତ ନାକାମାମୁଡି ପଞ୍ଚାୟତର ଅର୍ଜୁନ ଗୋଲରୀ, ଶୁକ୍ରା ମାଟାମଙ୍କ ସମେତ ପଞ୍ଚାୟତର ଶତାଧିକ ଲୋକ ଉପସ୍ଥିତ ଥିଲେ। ପଞ୍ଚାୟତ ଲୋକଙ୍କ କହିବାନୁଯାୟୀ, ଦୁର୍ଗମ ତଥା ପାହାଡିଆ ଅଞ୍ଚଳରେ ଏହି ପଞ୍ଚାୟତ ଥିବାବେଳେ ଏଠାରେ ୧୯ ୱାର୍ଡକୁ ନେଇ ୫୩ ଛୋଟ ବଡ଼ ଗ୍ରାମ ରହିଛି। ଏହି ପଞ୍ଚାୟତରେ ୮ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏଠାରେ ବ୍ୟାଙ୍କ ସେବା ନ ଥିବାରୁ ପଞ୍ଚାୟତବାସୀ ଦୀର୍ଘବର୍ଷ ଧରି ବାଲିମେଳା ଓର୍କେଲ ଷ୍ଟେଟବ୍ୟାଙ୍କ ଶାଖା ସମେତ କୋରୁକୋଣ୍ଡା ଓ ମାଲକାନଗିରିରେ ଥିବା ବିଭିନ୍ନ ବ୍ୟାଙ୍କ ଉପରେ ନିର୍ଭର କରି ଆସୁଥିଲେ।

# 'ସବ୍‌ସେ ପେହେଲେ ଜୀବନ ବୀମା'

ଭୁବନେଶ୍ୱର, ୧୩।୭

ବୀମା ସଚେତନତା କମିଟି (ଆଇଏସି)ର ବହୁ ପ୍ରତୀକ୍ଷିତ ଅଭିଯାନ 'ସବ୍‌ସେ ପେହେଲେ ଜୀବନ ବୀମା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏପରିକି ଆଇଏସିର ଏହି ପଦକ୍ଷେପ ପ୍ରତ୍ୟେକ ଭାରତୀୟଙ୍କୁ ନୂଆ ଉତ୍ସାହ ସହ ଜୀବନ ବୀମାକୁ ସେମାନଙ୍କ ଆର୍ଥିକ ଯାତ୍ରାରେ ମୂଳଦୁଆ କରିବା ପାଇଁ ପ୍ରେରଣା ଯୋଗାଇବ। ବର୍ତ୍ତମାନ ସମୟରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନ ବୀମା ସୁରକ୍ଷା ବ୍ୟବଧାନ ସହିତ ସଂଘର୍ଷ ଜାରି ରଖିଛି। ୨୦୨୩ ଡିସେମ୍ବରରେ ଏନ୍‌ଆଇଏ ଦ୍ୱାରା ହୋଇଥିବା ଅଧ୍ୟୟନ ଅନୁସାରେ ଏହି ସୁବିଧା ୨୦୧୯ରେ ୮୩% ରୁ ବଢି ୨୦୨୩ରେ ୮୭%କୁ ବୃଦ୍ଧି ପାଇଛି। ଏପରିକି ୧୮ରୁ ୩୫ ବର୍ଷ ବୟସ୍କଙ୍କ ମଧ୍ୟରେ ଏହି ପାର୍ଥକ୍ୟ ଅଧିକ ସ୍ପଷ୍ଟ ଓ ୯୦% ଅତିକ୍ରମ କରିଛି। ଏହି ପ୍ରବେଶର ଚ୍ୟାଲେଞ୍ଜକୁ ମୁକାବିଲା କରିବା ଲାଗି ଭାରତର ସମସ୍ତ ଜୀବନ ବୀମାକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ବୀମା ସଚେତନତା କମିଟି ତା'ର ଜାତୀୟ ଅଭିଯାନର ପରବର୍ତ୍ତୀ ପର୍ଯ୍ୟାୟ ସବ୍‌ସେ ପେହେଲେ ଜୀବନ ବୀମା ଆରମ୍ଭ କରିଛି। ସେହିଭଳି ଗ୍ରାହକମାନଙ୍କୁ ସଚେତନ କରିବା ଲାଗି ଏହି ପଦକ୍ଷେପ ଓ ପ୍ରବେଶ ବୃଦ୍ଧି କରିବା ପାଇଁ ଉକ୍ତ ଅଭିଯାନ ଏକ ବର୍ଷ ବ୍ୟାପୀ ସ୍ୱତନ୍ତ୍ର ଯୋଜନା ଭାବେ କାର୍ଯ୍ୟକାରୀ କରାଯାଉଛି। ଏ ସମ୍ପର୍କରେ ବୀମା ସଚେତନତା କମିଟିର ସଦସ୍ୟ କହିଛନ୍ତି, ସବ୍‌ସେ ପେହେଲେ ଜୀବନ ବୀମା କେବଳ ଏକ ସ୍ଲୋଗାନ ନୁହେଁ, ଏହା ଆର୍ଥିକ ଯୋଜନାକୁ ଆମେ କିପରି ଆକର୍ଷିତ କରୁ ତାହା ପୁନଃ ବିଚାର ପାଇଁ ଏକ ସ୍ପଷ୍ଟ ଆହ୍ୱାନ। ଯେପରି ପ୍ରତ୍ୟେକ ଗଠନକୁ ଏକ ଦୃଢ ଭିତ୍ତିଭୂମି ଆବଶ୍ୟକ ରହିଛି। ସେହିପରି ଆମେ ନିଜର ଆର୍ଥିକ ଯୋଜନାଗୁଡ଼ିକୁ ଜୀବନବୀମାର ମୂଳଦୁଆରେ ରଖିବା ଉଚିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏହାର ମୂଳରେ ରହିଥିବା ଆଭିମୁଖ୍ୟ ଓ ଏହି ଅଭିଯାନର ମୌଳିକ ସୁରକ୍ଷାକୁ ଅଣଦେଖା କରି ସଞ୍ଚୟ ଓ ନିବେଶକୁ ପ୍ରାଥମିକତା ଦେବାର ସାଧାରଣ ଅଭ୍ୟାସକୁ ଚ୍ୟାଲେଞ୍ଜ କରିଛି।

# ଆଜି ସରିବ ସ୍ୱତନ୍ତ୍ର ଡିସ୍‌କାଉଣ୍ଟ ସେଲ୍



ଭୁବନେଶ୍ୱର, ୧୩।୭ (ଅଭୟ ଦାଶ)

ପ୍ରତି ଥର ଭଳି ଚଳିତ ଥର ମଧ୍ୟ ଭୁବନେଶ୍ୱରର ୱେଲ୍‌କମ ହୋଟେଲ (ଆଇଟିସି ୱେଲ୍‌କମ)ରେ ଆୟୋଜିତ ୩ ଦିନିଆ ସ୍ୱତନ୍ତ୍ର ଡିସକାଉଣ୍ଟ ସେଲ (ସବୁଠାରୁ ବଡ ଡିସ୍‌କାଉଣ୍ଟ ସେଲ) ସୋମବାର ଶେଷ ହେଉଛି। ଉଲ୍ଲେଖଯୋଗ୍ୟ, ଦେଶର ଅଗ୍ରଣୀ ବ୍ରାଣ୍ଡେଡ୍ ଗାର୍ମେଣ୍ଟ୍ସ କମ୍ପାନୀ ପକ୍ଷରୁ ଏକ ୩ ଦିନିଆ ସ୍ୱତନ୍ତ୍ର ଡିସ୍‌କାଉଣ୍ଟ ସେଲ୍ ଭୁବନେଶ୍ୱରର ଆଇଟିସି ୱେଲକମରେ ଶନିବାରଠାରୁ ଆରମ୍ଭ ହୋଇଥିଲା। ଏପରିକି ୨୦୨୫ ଜୁଲାଇ ୧୨ରୁ ୧୪ ପର୍ଯ୍ୟନ୍ତ ଆୟୋଜିତ ଏହି ସ୍ୱତନ୍ତ୍ର ଡିସକାଉଣ୍ଟ ସେଲ୍‌ରେ ଗ୍ରାହକ ଆକର୍ଷଣୀୟ ୮୦% ପର୍ଯ୍ୟନ୍ତ ରିହାତି ସହିତ ପ୍ରମୁଖ ଅନ୍ତର୍ଜାତୀୟ ବ୍ରାଣ୍ଡ୍‌ର ପୋଷାକ ଏବଂ ଜୋତା କ୍ରୟ କରିପାରିବେ। ସେହିଭଳି ଏହି ସେଲରେ ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ପ୍ରମୁଖ ବ୍ରାଣ୍ଡ୍‌ଗୁଡ଼ିକ ୩୦୦ ଟଙ୍କାରୁ ୧୬୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଯେଉଁମାନେ ଅବିଶ୍ୱସନୀୟ ମୂଲ୍ୟରେ ବ୍ରାଣ୍ଡେଡ୍ ପୋଷାକ କିଣିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ବିକ୍ରୟ ସକାଳ ୧୦ ରୁ ରାତି ୧୦ଟା ପର୍ଯ୍ୟନ୍ତ ଜାରି ରହିବ। ବିକ୍ରୟ ସମୟରେ ମାଗଣା ପ୍ରବେଶ ଏବଂ ପାର୍କିଂର ସୁବିଧା ରହିଛି। ଏପରିକି କାରବାର ସମୟରେ ସମସ୍ତ କାର୍ଡ ଏବଂ ଡିଜିଟାଲ୍ ପେମେଣ୍ଟ ଗ୍ରହଣ କରାଯାଇଛି। ବର୍ତ୍ତମାନ ୨୦୨୪ର ଫ୍ରେସ୍ ବକ୍ସ ପ୍ୟାକ୍ କଲେକ୍ସନ ମାତ୍ର ୭୨ ଘଣ୍ଟା ପାଇଁ ୮୦% ପର୍ଯ୍ୟନ୍ତ ରିହାତି ସହିତ ଭୁବନେଶ୍ୱରକୁ ବିକ୍ରୟ ପାଇଁ ଅଣାଯାଇଛି।

# କ୍ରୟ ଉପରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର, ୧୩।୭

ପ୍ରଥମ ଥର ପାଇଁ ପ୍ରାଇମ୍ ଡେ ସେଲ୍ ଉପରେ ଏକ ୩ ଦିନିଆ ସଫିଂ ସେଲିବ୍ରେସନ୍ କରାଯାଉଛି। ଏପରିକି ଏହି ସମୟ ମଧ୍ୟରେ ପ୍ଲାଟଫର୍ମର ବ୍ୟବସାୟିକ ଗ୍ରାହକମାନେ ଲାପଟପ୍, ଟାବଲେଟ୍, ହେଡଫୋନ୍, ଏସି, କୁଲର, ଫ୍ୟାନ୍, ଅଫିସ୍ ଫର୍ଣ୍ଣିଚର, ରୋଷେଇ ଘରଉପକରଣ ଏବଂ ଶିଳ୍ପ ଯୋଗାଣ ସମେତ ବିଭିନ୍ନ ଉତ୍ପାଦ ଉପରେ ଗ୍ରାହକମାନେ ଆକର୍ଷଣୀୟ ରିହାତି (ଡିଲ୍) ପାଇପାରିବେ। ସେହିଭଳି ଗ୍ରାହକମାନେ ବିଭିନ୍ନ ବର୍ଗ ଉପରେ ସ୍ୱତନ୍ତ୍ର ରିହାତି ସୁବିଧା ସହ ବୃହତ କାରବାର ଉପରେ ୨୦% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ମଧ୍ୟ କ୍ରୟ ସମୟରେ ଅନଲକ୍ କରିପାରିବେ ଏବଂ ସେମାନଙ୍କର ପ୍ରି-ପେଡ୍ ଅର୍ଡରଗୁଡ଼ିକ ଉପରେ ଯୋଗ୍ୟ ବର୍ଗଗୁଡ଼ିକ ଉପରେ ୯,୯୯୯ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଉପଭୋଗ କରିପାରିବେ। ସେହିପରି ଏହି ପ୍ରାଇମ୍ ଡେ ସେଲ ଉପରେ ଏହି ଅବିଶ୍ୱସନୀୟ ଡିଲ୍ ହାତଛଡ଼ା ନକରି ଗ୍ରାହକମାନେ ବଲ୍କ ଅର୍ଡର ପାଇଁ ଟାବଲେଟ୍ ଏବଂ ଲାପଟପ୍ ଉପରେ ୬୫% ପର୍ଯ୍ୟନ୍ତ, ସ୍କିକର ଏବଂ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଉପରେ ୮୦% ପର୍ଯ୍ୟନ୍ତ ରିହାତି, ଶିଳ୍ପ ଯୋଗାଣ ଉପରେ ୬୦% ପର୍ଯ୍ୟନ୍ତ ରିହାତି ଏବଂ ବହୁ-ୟୁନିଟ୍ କ୍ରୟ ଉପରେ ୮୦% ପର୍ଯ୍ୟନ୍ତ ରିହାତି ରହିଛି। ଏହି ଅଫର ୨୦୨୫ ଜୁଲାଇ ୧୪ରେ ଶେଷ ହେଉଛି।

# Classified Everyday

0674-2580101, 9692975378




## REAL ESTATE
## SALE

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579.
D-76288

Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668. D-76287


ଗୃହୋପଯୋଗି Single ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ 2100sqft. area ବିକ୍ରିହେବ। 6370469894. D-76292

3 BHK ready to move flat for sale at Sundarpada. Price-60 Lakhs. Contact- 7606024182. D-1273

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ 5K.M 1500sqft. କିଣି ଘର କରନ୍ତୁ। 7978947520 D-76283

Duplex sale near AIIMS Hospital Bhubaneswar, apartment Sum Hospital. 9777433701.
D-76285




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740. D-75391




Newly open Jyoti SPA positively health benefits (expert therapist). 8458067955. D-76927

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁଁ ଦିଲ୍ଲିପ କୁମାର ସିଂହ (୪୨ ବର୍ଷ), ପିତା- ରଣଜିତ୍ ସିଂହ, ସା/ପୋ- ବାଲିଗାଁ, ଥାନା- ଚାନ୍ଦବାଲି, ଜି- ଭଦ୍ରକ ଏକ ପଞ୍ଜୀକୃତ ସେଲ୍‌ଡିଡ୍ (ନଂ.- ୪୬୩, ତା୧୯।୦୩।୧୯୯୦) ଜରିଆରେ ଖାତା ନଂ.- ୪୬୩, ପ୍ଲଟ୍ ନଂ.- ୪୧୬୮, ୦.୫୧ଡି. ଏକ ଜମି କିଣିଥିଲି। ଗତ ତା୦୭।୦୭।୨୦୨୫ରିଖ ଚାନ୍ଦବାଲି ତହସିଲ କାର୍ଯ୍ୟାଳୟରୁ ଘରକୁ ଫେରୁଥିବା ବେଳେ ଉକ୍ତ ଦଲିଲଟି କେଉଁଠି ହଜିଯାଇଛି। ବାରମ୍ବାର ଖୋଜିବା ପରେ ମଧ୍ୟ ଏହା ମିଳିନାହିଁ। ଧ-୧୨୮୨

## AFFIDAVIT

Sudhakar Nayak, S/o- Krushna Nayak, permanent of Pachhipala, P.O.- Rahadamalla, P.S.- Puri Sadar, Puri- 752013 do hereby declare by this affidavit No.- 3866, dt.10.7.25. That my minor son Sumit Nayak will be known as Sambit Nayak for all my future purposes. D-1285

I, Manjulata Sahu, W/o- Abhimanyu Sahoo and Mother of Ashutosh Sahoo, resident of At- Maulimanagar, P.O.- Ekatali, Dist.- Jharsuguda, PIN-768202, Odisha do hereby declare by this affidavit No.-19, dt. 11.07.25. That now onwards I shall be known as Manjulata Sahu not "Manjulata Sahoo" for all future purposes. D-1283

I, Mallika Baa, aged about 44 years, W/o- Deepak Ranjan Baa, resident of Vill/P.O.- Subdega, P.S.-Talsara, Dist.-Sundargarh, Odisha do hereby solemnly affirm and declare as under, I have a Aadhaar Card vide No.- 450604586682 in which my Name has been wrongly mentioned as Mallika Dungdung. That Mallika Baa and Mallika Dungdung denotes to one and same person i.e. my self.
Mallika Baa
D-1284

By virtue of an affidavit sworn before the Notary Public, Attabira, I Rinu Majhi, W/o- Gupteswar Majhi, Village- Gartiapali, P.O.- Godbhaga, P.S.- Attabira, Dist.- Bargarh declared that before my marriage I was known as Susri Barpanda, D/o- Samir Barpanda which has been mentioned in my RPLI Policy No.- ROR-SB-EA-96487. That Rinu Majhi and Susri Barpanda is the one and same lady for all purposes. D-1286

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


By virtue an affidavit sworn before Executive Magistrate, Nayagarh, dtd. 07.07.2025, I, Guduli Pradhan of Village/ P.O.- Pangali, P.S.- Daringibadi, Dist.- Kandhamal, PIN-762104 declare that I have changed my name from Gudali Pradhan to Guduli Pradhan. Henceforth, I shall be known as Guduli Pradhan. D-1287

By virtue of an affidavit sworn before Executive Magistrate, Nayagarh, I, Rajendra Majhi, Son of Ketera Majhi, At- Sikabadi, P.O.-Gadapur, P.S.- Bamunigaon, Dist.- Kandhamal, PIN-762021 declare that I have changed my sons name from Nithniyel Majhi to Nathaniel Majhi. Henceforth, he shall be known as Nathaniel Majhi for all purposes. D-1288

By virtue of an affidavit sworn before Executive Magistrate, Daspalla, dated- 09.07.25, I, Subash Chandra Pradhan, Village- Khandapada, P.O.- Satapatna, P.S.- Daspalla, Dist.- Nayagarh, PIN- 752091, Odisha declared that I have changed my name from Subash Pradhan to Subash Chandra Pradhan. Henceforth, I shall be known as Subash Chandra Pradhan for all purposes.
Subash Chandra Pradhan
D-1279

I, Ashish Kumar Patro, S/o- Late Bhaskar Patro, Kotakotta resident Plot- 958/2448, Prakruti Vihar, Delta Square, Bhubaneswar- 751003. declare by this affidavit No.- 22722 (79AA 069097), dt. 11.7.25. That now onwards I shall be known as K ASISH KUMAR PATRO for all future purposes. D-1289

## ନିରୁଦ୍ଦିଷ୍ଟ



ସୁଷମା ପୃଷ୍ଟି
ବୟସ-୫୦

ଠିକଣା: ଗ୍ରାମ-କାଇମାଟିଆ ପାଟଣା, ଜିଲ୍ଲା-ଖୋର୍ଦ୍ଧା, ଥାନା: ଇନ୍‌ଫୋଭ୍ୟାଲି ସେ ଗତ ତା.୧୨.୦୭.୨୦୨୫ରିଖ ଦିନ ୧ଟା ସମୟରୁ ଘରୁ କେଉଁ ଆଡ଼େ ଚାଲିଯାଇଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କ ବିଷୟରେ ସୂଚନା ପାଆନ୍ତି ତାହେଲେ ଦୟାକରି ନିମ୍ନୋକ୍ତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।

**8328985636**
**9337897939**
ଧ-୧୨୯୧

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନଂ. ୩, ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୪ର୍ଥ ମହଲା, ଭୁବନେଶ୍ୱର ସଚିବାଳୟ ମାର୍ଗ, ୟୁନିଟ୍-୫, ଭୁବନେଶ୍ୱର
ଏସ୍.ଆର୍.ପି. ନଂ.- ୧୭୬୯/୨୦୧୫

୧) ଶ୍ରୀମତୀ ଉର୍ମିଳା ପଣ୍ଡା, ....ବାଦିନୀ

ବନାମ

ବନ୍ଦୋବସ୍ତ ଅଧିକାରୀ, ଭୁବନେଶ୍ୱର ଏବଂ ଅନ୍ୟମାନେ
.....ପ୍ରତିବାଦୀ

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନଂ ୩, ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୪ର୍ଥ ମହଲା, ଭୁବନେଶ୍ୱର ସଚିବାଳୟ ମାର୍ଗ, ୟୁନିଟ୍-୫, ଭୁବନେଶ୍ୱର
ଏସ୍.ଆର୍.ପି. ନଂ. ୧୭୭୯/୨୦୧୫

୨) ଶ୍ରୀମତୀ ଗୁଣବତୀ ଜେନା ....ବାଦିନୀ

ବନାମ

ବନ୍ଦୋବସ୍ତ ଅଧିକାରୀ, ଭୁବନେଶ୍ୱର ଏବଂ ଅନ୍ୟମାନେ ....ପ୍ରତିବାଦୀ

ଇସ୍ତାହାର ମାଧ୍ୟମରେ ସୂଚନା ଆଦେଶ-୫ ଏବଂ ନିୟମ ନଂ. ୨୦, ଅଧିନିୟମ- ୧-କ ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଉପରଲିଖିତ ମକଦ୍ଦମା ୧ ନଂ. ରୁ ନ୯୯ମ୍ବର ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀ ତଥା ତାଙ୍କ ମନୋନୀତ ପ୍ରାର୍ଥୀ କିମ୍ବା ଆଇନମତେ ତାଙ୍କ ତରଫରୁ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଦୈନିକ ଖବରକାଗଜରେ ବିଜ୍ଞାପନ ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଅଛି କି ଉପରଲିଖିତ ମାନ୍ୟବର ଅଦାଲତରେ ଆସନ୍ତା ତା୦୫।୦୮।୨୦୨୫ରିଖ ଦିବା ୨ଘ.୩୦ମି.ରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ଉକ୍ତ ମାମଲାଗୁଡ଼ିକୁ ପରିଚାଳନା କରିବା ପାଇଁ ବିହିତ ଆଦେଶ ଅଟେ।

ପ୍ରତିବାଦୀମାନେ

୧. ଯୋଗୀ ହରିଚନ୍ଦନ, ପିତା- ବିଭବର ହରିଚନ୍ଦନ, ୨. ନାଗା ହରିଚନ୍ଦନ, ୩. ଝରି ହରିଚନ୍ଦନ, ଉଭୟଙ୍କ ପିତା- ୰ନାଥ ହରିଚନ୍ଦନ, ୪. ହୁସ୍ନନ୍ତ ହରିଚନ୍ଦନ, ପିତା- ୰ଗୋଲେଖ ବିହାରୀ ହରିଚନ୍ଦନ, ୫. ବିଭୂତି ଭୂଷଣ ହରିଚନ୍ଦନ, ୬. ଶଶିଭୂଷଣ ହରିଚନ୍ଦନ, ଉଭୟଙ୍କ ପିତା- ୰ବ୍ରଜ ବିହାରୀ ହରିଚନ୍ଦନ, ୭. ରବୀନ୍ଦ୍ର ନାଥ ହରିଚନ୍ଦନ, ପିତା- ୰ମହେନ୍ଦ୍ର ହରିଚନ୍ଦନ, ୮. ମାନସ ରଞ୍ଜନ ହରିଚନ୍ଦନ, ପିତା- ୰ଭାସ୍କର ହରିଚନ୍ଦନ, ୯. ଦେବରାଜ ହରିଚନ୍ଦନ, ୧୦. ବିଷ୍ଣୁ ହରିଚନ୍ଦନ, ୧୧. ନବ ହରିଚନ୍ଦନ, ୧୨. ରାଜା ହରିଚନ୍ଦନ। କ୍ରମିକ ନ. ୧୦ରୁ ୧୩ମ୍ବରଙ୍କର ପିତା- ୰ଅଧିକାରୀ ହରିଚନ୍ଦନ, ୧୩. ହାଡ଼ିବନ୍ଧୁ ହରିଚନ୍ଦନ, ପିତା- ଧନୀ ହରିଚନ୍ଦନ, ୧୪. ପଠାଣି ହରିଚନ୍ଦନ, ୧୫. ସାହାବାଣୀ ହରିଚନ୍ଦନ, ଉଭୟଙ୍କର ପିତା- ଅଇଁଠୁ ହରିଚନ୍ଦନ, ୧୬. ରତ୍ନାକର ବଳିଆରସିଂ, ପିତା- ଦିନବନ୍ଧୁ ବଳିଆରସିଂ, ୧୭. ନୀଳମଣି ହରିଚନ୍ଦନ, ସ୍ୱାମୀ- ୰ବିଶି ହରିଚନ୍ଦନ

ସମସ୍ତଙ୍କର ସା/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା,

୧୮. ପ୍ରଶାନ୍ତ କୁମାର ରାଉତ, ପିତା- ଶ୍ୟାମ ସୁନ୍ଦର ଅରତ, ସା/ପୋ- ସୁଜନପୁର, ଥାନା/ଜିଲ୍ଲା-ଯାଜପୁର, ୧୯. ଶ୍ରୀଧର ସାହୁ, ପିତା- ଚୈତନ୍ୟ ସାହୁ, ସା- ନୀଳାଦ୍ରି ବିହାର, ପୋଷ୍ଟ/ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧା, ୨୦. ଚୌଧୁରୀ ଶ୍ରୀକାନ୍ତ ମିଶ୍ର, ପିତା- ତ୍ରୈଲୋକ୍ୟ ନାଥ ମିଶ୍ର, ସା- ଜେଲ୍ ରୋଡ୍, ଦରଘା ବଜାର, ଜିଲ୍ଲା- କଟକ, ୨୧. ବିଶ୍ୱନାଥ ରାଉତ, ପିତା- ଜୟରାମ ରାଉତ, ସା- ପ୍ରତାପନଗର, ଥାନା- କଟକ ସଦର, ଜିଲ୍ଲା- କଟକ, ୨୨. ଜୀବନ କୁମାର ପାଢ଼ୀ, ପିତା- ମହେନ୍ଦ୍ର ଚନ୍ଦ୍ର ପାଢ଼ୀ, ସା- ପ୍ରତାପନଗର, ଥାନା- କଟକ ସଦର, ଜିଲ୍ଲା- କଟକ, ୨୩. ଏସ୍. ସୌଭାଗ୍ୟମୟୀ, ପିତା- ସୁରେନ୍ଦ୍ର କୁମାର ସେଠୀ, ସା- ବାଳିଆପାଳ, ଥାନା- ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା, ୨୪. ପ୍ରତାପ ଚନ୍ଦ୍ର ଦାସ, ପିତା- ସୁରେନ୍ଦ୍ର ଦାସ, ସା- ଶ୍ରୀବିହାର କଲୋନୀ, ରାଜବାଟୀ, ତୁଳସୀପୁର, ଜିଲ୍ଲା- କଟକ, ୨୫. ଭଗବାନ ପ୍ରଧାନ, ପିତା- ପରଶୁ ପ୍ରଧାନ, ସା-ଗୁଣ୍ଡିଚାବାଡ଼ି, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୨୬. ରମେଶ ଚନ୍ଦ୍ର ପଲାଇ, ପିତା- ଲକ୍ଷ୍ମୀଧର ପଲାଇ, ସା- ନୂଆଗାଁ, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର, ୨୭. ମୀନାକ୍ଷୀ ରାଣୀ ପ୍ରଧାନ, ସ୍ୱାମୀ- କୃଷ୍ଣଚନ୍ଦ୍ର ପ୍ରଧାନ, ସା- ସୁନାକେରା, ଥାନା- ବାଣପୁର, ଜିଲ୍ଲା-ଖୋର୍ଦ୍ଧା, ୨୮. ନିରଞ୍ଜନ ସାହୁ, ପିତା- ଗୋବିନ୍ଦ ଚନ୍ଦ୍ର ସାହୁ, ସା/ପୋଷ୍ଟ- ଫକିରପଡ଼ା, ଥାନା/ଜିଲ୍ଲା- କଟକ, ୨୯. ରେଣୁବାଳା ମହାପାତ୍ର, ସ୍ୱାମୀ- ପ୍ରଫୁଲ୍ଲ ମହାପାତ୍ର, ସା- ଅରେଇବଣା, ଥାନା/ ଜିଲ୍ଲା- ଜଗତ୍‌ସିଂହପୁର, ୩୦. ବସନ୍ତ କୁମାର ଦାସ, ପିତା- ଉପେନ୍ଦ୍ର କୁମାର ଦାସ, ସା- ମୁସାଦିଆ, ପୋ/ଥାନା- ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ା, ୩୧. ବିଜୟ କୁମାର ବେହେରା, ପିତା- କୃଷ୍ଣ ଚରଣ ବେହେରା, ସା-ନାଳପଦା, ଥାନା- ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା, ୩୨. ପରେଶ ନାଥ ମହାପାତ୍ର, ପିତା- ବଳରାମ ମହାପାତ୍ର, ସା- ତେନ୍ତୋଇ, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ା, ୩୩. ଗୋଲେଖ ବିହାରୀ ଦାସ, ପିତା- ଭାଗୀରଥି ଦାସ, ସା/ପୋ- ନନ୍ଦପୁର, ଥାନା- ତିଗିରିଆ, ଜିଲ୍ଲା- କଟକ, ୩୪. ଯାଦବ ଚନ୍ଦ୍ର ସାହୁ, ପିତା- ଅନ୍ତର୍ଯ୍ୟାମୀ ସାହୁ, ସା- ଟିଙ୍କବିର୍, ପୋ/ଥାନା- ରିଆମାଳ, ଜିଲ୍ଲା- ଦେଓଗଡ଼ା, ୩୫. ମନୋଜ କୁମାର ଛୁଆଳସିଂ, ପିତା- ଯୁଧିଷ୍ଠିର ଛୁଆଳସିଂ, ସା- ସାନନୂଆଗାଁ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୩୬. ଅନୁଶୟା ସେଠୀ, ସ୍ୱାମୀ- ରଣଜିତ୍ ସେଠୀ, ସା- ବଡ଼ହାଟ, ପୋ- ତିଗିରିଆ, ଜିଲ୍ଲା- ଖୋର୍ଦ୍ଧା, ୩୭. ଆମତୁଲ କାୟମ, ସ୍ୱାମୀ- ଅବଦୁଲ ଓସିମ, ସା- କେଦାରବସ୍ତି, ଥାନା- ତିଗିରିଆ, ଜିଲ୍ଲା- କଟକ, ୩୮. ଦେବାଶିଷ୍ ବାରିକ, ପିତା- ଜୟକୃଷ୍ଣ ବାରିକ, ସା- ସୂର୍ଯ୍ୟପୁର, ଥାନା- ଧାମନଗର, ଜିଲ୍ଲା- ଭଦ୍ରକ, ୩୯. ନିରାକାର ସାମଲ, ପିତା- ବୈଦ୍ୟନାଥ ସାମଲ, ସା- ନୂଆଶାସନ, ଥାନା-ମଙ୍ଗଳପୁର, ଜିଲ୍ଲା- ଯାଜପୁର, ୪୦. ନୃସିଂହ ଚରଣ ଦାସ, ପିତା- ରାଜକିଶୋର ଦାସ, ୪୧. ରାଜକିଶୋର ଦାଶ, ପିତା- ଅଗାଧୁ ଦାଶ, ଉଭୟଙ୍କର ସା- ତରଡ଼ପଡ଼ା, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ। ୪୨. ପଦ୍ମିନୀ ପାତ୍ର, ସ୍ୱାମୀ- ଲକ୍ଷ୍ମୀଧର ପାତ୍ର, ସା- ପରୀକ୍ଷିତ, ଥାନା- ଧର୍ମଶାଳା, ଜିଲ୍ଲା- ଯାଜପୁର, ୪୩. ପ୍ରମିଳା ମଲ୍ଲିକ, ସ୍ୱାମୀ- ଧୁଶାସନ ମଲ୍ଲିକ, ସା- ଓଉପଡ଼ା, ଥାନା- ପଟ୍ଟାମୁଣ୍ଡାଇ, ଜିଲ୍ଲା-କେନ୍ଦ୍ରାପଡ଼ା, ୪୪. ପ୍ରୀତଦର୍ଶୀ ପଟ୍ଟନାୟକ, ୪୫. ପ୍ରିୟଦର୍ଶୀ ପଟ୍ଟନାୟକ, ଉଭୟଙ୍କର ପିତା- ଶିଶିର ଚନ୍ଦ୍ର ପଟ୍ଟନାୟକ, ସା/ପୋ/ଥାନା- ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ, ୪୬. ବସନ୍ତ ମହାନ୍ତି, ପିତା- ଗୋପବନ୍ଧୁ ମହାନ୍ତି, ସା/ପୋ- ପୁହାଳ, ଜିଲ୍ଲା- କଟକ, ୪୭. ମନୋରମା ମହାନ୍ତି, ସ୍ୱାମୀ- କୀର୍ତ୍ତନ ସାହୁ, ସା- ଖନ୍ତାପଡ଼ା, ଥାନା- ନରସିଂହପୁର, ଜିଲ୍ଲା-କଟକ, ୪୮. ଜୟନ୍ତ କୁମାର ପାଣ୍ଡେ, ପିତା- ଦଇତାରି ପ୍ରସାଦ ପାଣ୍ଡେ, ସା- ବାଲିପଡ଼ା, ଥାନା- ଆଳି, ଜିଲ୍ଲା- ପୁରୀ, ୪୯. ବିପିନ ବିହାରୀ ମହାନ୍ତି, ପିତା- ଆର୍ତ୍ତବନ୍ଧୁ ମହାନ୍ତି, ସା- ଉଗରାସାହି, ପୋ/ଥାନା- ନିମାପଡ଼ା, ଜିଲ୍ଲା- ଖୋର୍ଦ୍ଧା, ୫୦. ବିଭୂତି ଭୂଷଣ ସାହୁ, ପିତା- ଜହନ ସାହୁ, ସା/ପୋ-ଗୋପିକାନ୍ତପୁର, ଥାନା- କାକଟପୁର, ଜିଲ୍ଲା-ପୁରୀ, ୫୧. ବୀରେନ୍ଦ୍ର ଚନ୍ଦ୍ର ଦାସ ପଟ୍ଟନାୟକ, ପିତା- ରାମଚନ୍ଦ୍ର ପଟ୍ଟନାୟକ, ସା/ପୋ- ଯମୁନା, ଥାନା- ବାଟିସାହି, ଜିଲ୍ଲା-ମୟୂରଭଞ୍ଜ, ହାଲ୍ ପ୍ଲଟ୍ ନଂ.- ୯, ସାଇସ୍ ରୋଡ୍, ଆପାର୍ଟମେଣ୍ଟ, ଶୈଳଶ୍ରୀ ବିହାର, ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧା, ୫୨. ବୁଲି ସାହୁ, ସ୍ୱାମୀ- ନିରଞ୍ଜନ ସାହୁ, ସା-ଫକିରପଡ଼ା, ଥାନା- କଟକ ସଦର, ଜିଲ୍ଲା- କଟକ, ୫୩. ଅବିନାଶ ସାମଲ, ପିତା-ରବୀନ୍ଦ ସାମଲ, ସା-ଗଣେଶ୍ୱରପୁର, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା, ୫୪. ରବୀନ୍ଦ୍ର ନାଥ ଜେନା, ପିତା- ଅଗଣି ଚରଣ ଜେନା, ସା/ପୋ- ତାଳଧନଡ଼ା, ଥାନା-ବାଲିପଡ଼ା, ଜିଲ୍ଲା-ବାଲେଶ୍ୱର, ୫୫. ସୁଶାନ୍ତ କୁମାର ଜେନା, ପିତା- ସୁରେନ୍ଦ୍ର ଜେନା, ସା-ଯଇପୁର ପାଟଣା, ଥାନା- ଲିଙ୍ଗରାଜ, ଭୁବନେଶ୍ୱର-୨, ଜିଲ୍ଲା- ଖୋର୍ଦ୍ଧା, ୫୬. ପ୍ରଜ୍ଞା ପରିମିତା ପଣ୍ଡା, ସ୍ୱାମୀ- କଳ୍ପଜିତ ପଣ୍ଡା, ସା/ପୋ- ଶେରଗଡ଼, ଥାନା- ଖନ୍ତାପଡ଼ା, ଜିଲ୍ଲା- ବାଲେଶ୍ୱର, ୫୭. ରାଜଶ୍ରୀ ସାହୁ, ପିତା- ଚକ୍ରଧର ସାହୁ, ସା- ଆମ୍ବତଳ, ଥାନା/ଜିଲ୍ଲା- ଢେଙ୍କାନାଳ, ୫୮. ଶରତ ମହାନ୍ତି, ସ୍ୱାମୀ- ଦିଗମ୍ବର ମହାନ୍ତି, ସା/ପୋ- ମାଳିଂଚା, ଥାନା/ଜିଲ୍ଲା- ଜଗତ୍‌ସିଂହପୁର, ୫୯. ଶ୍ରୀମତୀ ଅରୁନ୍ଧତୀ ସାମଲ, ସ୍ୱାମୀ- ରଘୁନାଥ ସାମଲ, ସା- ଗହମନରସିଂହପୁର, ପୋଷ୍ଟ/ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ପୋ- ଫୁଲନଖରା, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ୬୦. ସୁଜିତ୍ କୁମାର ବଳ, ୬୧. ସୁବ୍ରତ କୁମାର ବଳ, ଉଭୟଙ୍କର ପିତା- ସୁଦାମ ଚରଣ ବଳ, ସା-ବଡ଼ସାହି, ଜିଲ୍ଲା- ମୟୂରଭଞ୍ଜ, ହାଲ୍ ପ୍ଲଟ୍ ନଂ.- ୩୨୨, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୬୨. ରମେଶ ଚନ୍ଦ୍ର ଦାଶ, ପିତା- ଯୁଧିଷ୍ଠିର ଦାଶ, ସା- ମହିପୁର, ନୂଆଗାଁ, ଜିଲ୍ଲା-ନୟାଗଡ଼, ୬୩. ସୂର୍ଯ୍ୟନାରାୟଣ ଦାଶ, ପିତା- ଗୌରୀଶଙ୍କର ଦାଶ, ସା- ୧୪/୫, ୟୁନିଟ୍-୮, ଡେଲଟା କଲୋନୀ, ଭୁବନେଶ୍ୱର, ୬୪. ସ୍ମୃତି ସମ୍ପର୍କ ଶତପଥି, ପିତା- ସୁବାସ ଚନ୍ଦ୍ର ଶତପ, ସୌମ୍ୟା ସୁଲଗ୍ନା ଶତପଥି, ପିତା- ସୁବାସ ଚନ୍ଦ୍ର ଶତପଥି, ଉଭୟଙ୍କର ସା/ପୋ/ଥାନା- ଗୋବିନ୍ଦପୁର, ଜିଲ୍ଲା- ଢେଙ୍କାନାଳ, ୬୫. ମଧୁସ୍ମିତା ବେହେରା, ସ୍ୱାମୀ- ମଙ୍ଗରାଜ ବେହେରା, ସା- ମୁରୀସିଂହ, ପୋ/ଥାନା- ବାଲିସି, ଜିଲ୍ଲା- ଢେଙ୍କାନାଳ, ୬୬. ମନୋରମା ବାରିକ, ସ୍ୱାମୀ- ଦୁର୍ଯ୍ୟୋଧନ ବାରିକ, ସା- ମକୁନ୍ଦପୁର, ଥାନା-ବ୍ରହ୍ମଗିରି, ଜିଲ୍ଲା- ପୁରୀ, ୬୭. ମମତା ପଟ୍ଟନାୟକ, ସ୍ୱାମୀ- ନିମାଇ ଚରଣ ମଲ୍ଲ, ସା- ବଡ଼ପାଳ, ବ୍ଲକ- କୁଜଙ୍ଗ, ଜିଲ୍ଲା-ଜଗତ୍‌ସିଂହପୁର, ୬୮. ପ୍ରମିଳା ବେହେରା, ସ୍ୱାମୀ- ଦେବେନ୍ଦ୍ରନାଥ ବେହେରା, ସା- ଆଇତଳଙ୍ଗ, ପୋ/ଥାନା- ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧା, ୬୯. ପ୍ରଭାତନଳିନୀ ପଟ୍ଟନାୟକ, ସ୍ୱାମୀ- ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସା/ପୋ- ଭଞ୍ଜନଗର, ଥାନା/ଜିଲ୍ଲା-ଗଞ୍ଜାମ, ୭୦. ପ୍ରତିମା ସାହୁ, ସ୍ୱାମୀ- ପ୍ରାଣବନ୍ଧୁ ସାହୁ, ସା- କୁଆଲେ, ବ୍ଲକ୍- ପରଜଙ୍ଗ, ଜିଲ୍ଲା- ଢେଙ୍କାନାଳ, ୭୧. ନିରୁପମା ମହାନ୍ତି, ସ୍ୱାମୀ- ଅନିଲ କୁମାର ମହାନ୍ତି, ସା- ଭରଗୋଳ, ଥାନା- ତ୍ରିତୋଳ, ଜିଲ୍ଲା- ଜଗତ୍‌ସିଂହପୁର, ୭୨. ପୁଷ୍ପରେଣୁ ଛୁଆଳସିଂ, ସ୍ୱାମୀ- ଜଗଦାନନ୍ଦ ମଲ୍ଲିକ, ସା/ପୋ- ଛଦେଶ, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୭୩. ପୁଷ୍ପଶ୍ରୀ ପଟ୍ଟନାୟକ, ପିତା- ଶରତ କୁମାର ପଟ୍ଟନାୟକ, ସା/ପୋ/ଥାନା- ଆଠଗଡ଼, ଜିଲ୍ଲା- କଟକ, ୭୪. ନଳିନୀ ନାୟକ, ପିତା- କୁଳମଣି ନାୟକ, ସା/ପୋ-ପାଳସାହି, ଥାନା- ଧୁଷୁରୀ, ଜିଲ୍ଲା- ଭଦ୍ରକ, ୭୫, ନବଘନ ଶତପଥି, ପିତା- ଅରକ୍ଷିତ ଶତପଥି, ସା- ତୁରିନ୍ତିରା, ଥାନା- ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧା, ୭୬. ବବିନା ମହାନ୍ତି, ପିତା- ଗଦାଧର ମହାନ୍ତି, ସା/ପୋ-ସୁବଳପୁର, ଥାନା/ଜିଲ୍ଲା- ପୁରୀ, ୭୭. ଦେବାଶିଷ ସାହୁ, ପିତା- ବାଇଧର ସାହୁ, ସା/ପୋ- ମାହାଙ୍ଗା, ଥାନା-ନିଆଳି, ଜିଲ୍ଲା- କଟକ, ୭୮. କରୁଣାକର ବିଶ୍ୱାଳ, ପିତା- ମହେଶ୍ୱର ବିଶ୍ୱାଳ, ସା/ପୋ- ରଘୁନାଥପୁର, ଥାନା/ଜିଲ୍ଲା- ଜଗତ୍‌ସିଂହପୁର, ୭୯. ଜ୍ୟୋସ୍ନାରାଣୀ ସାହୁ, ପିତା- ପ୍ରହ୍ଲାଦ ସାହୁ, ସା-ଗଣ୍ଡିପାଟଣା, ଥାନା-ଗନ୍ଦିଆ, ଜିଲ୍ଲା- ଢେଙ୍କାନାଳ, ୮୦. ସମନ ଖାଁ, ପିତା- ଯୋଗୀ ଖାଁ, ସା/ପୋଷ୍ଟ- ଝାରପଡ଼ା, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ହାଲ୍ ଠିକଣା- ପ୍ଲଟ୍ ନଂ. ଇ.ଡବ୍ଲ୍ୟୁ. ଏସ୍-୨୫/୯, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା,

୮୧. ମିନତୀ ମହାରଣା, ସ୍ୱାମୀ- ତ୍ରିନାଥ ମହାରଣା, ସା/ପୋ-ଭଞ୍ଜନଗର, ଜିଲ୍ଲା-ଗଞ୍ଜାମ, ୮୨. ବିଷ୍ଣୁପ୍ରିୟା ମହାରଣା, ସ୍ୱାମୀ- ସନ୍ତୋଷ କୁମାର ସାହୁ, ସା- ଗନ୍ଧିଆ, ଜିଲ୍ଲା- ଢେଙ୍କାନାଳ, ୮୩. ନବପ୍ରଭାତ ଟ୍ରଷ୍ଟ, ଭୁବନେଶ୍ୱର ସେକ୍ରେଟେରୀ ସରୋଜ କୁମାର ସାହୁ, ପିତା- କୃଷ୍ଣ ମୋହନ ସାହୁ, ସା- ପ୍ଲଟ୍ ନଂ.- ୧୮୮୧, (୩୫୪), ଚନ୍ଦ୍ରଶେଖରପୁର, ଜିଲ୍ଲା- ଖୋର୍ଦ୍ଧା, ୮୪. ପ୍ରେଟୋଲିୟମ ପମ୍ପ, ଭୁବନେଶ୍ୱର ମ୍ୟାନେଜିଙ୍ଗ ଟ୍ରଷ୍ଟ ଶ୍ରୀ ନଳିନୀ ମୁଦୁଲି, ପିତା- ବିଚିତ୍ରାନନ୍ଦ ମୁଦୁଲି, ସା- ପ୍ଲଟ୍ ନଂ.- ୬୭, ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୮୫. ଅଲେଖ ପରିଡ଼ା, ପିତା- ଶଙ୍କୁ ଚରଣ ପରିଡ଼ା, ସା- ଲେଙ୍ଗୁଡ଼ିପଡ଼ା, ଥାନା/ ଜିଲ୍ଲା- ନୟାଗଡ଼, ୮୬. ଶ୍ୟାମସୁନ୍ଦର ପଟ୍ଟନାୟକ, ପିତା- କାହ୍ନୁ ଚରଣ ପଟ୍ଟନାୟକ, ସା/ପୋଷ୍ଟ- ସଦେଇପୁର, ଜିଲ୍ଲା- ଜଗତ୍‌ସିଂହପୁର, ୮୭. ସଂଗ୍ରାମ କିଶୋର ସାହୁ, ପିତା- ଜୟରାମ ସାହୁ, ସା- କଲ୍ୟାଣପୁର, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୮୮. ବିଶ୍ୱନାଥ ପଟ୍ଟନାୟକ, ପିତା- ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସା/ପୋ/ଥାନା- ଭଞ୍ଜନଗର, ଜିଲ୍ଲା-ଗଞ୍ଜାମ, ୮୯. ରାଜକିଶୋର ପଣ୍ଡା, ପିତା- ମୁରଲୀଧର ପଣ୍ଡା, ସା-ଦରଡ଼ା, ଥାନା- ଆଠଗଡ଼, ଜିଲ୍ଲା- କଟକ, ୯୦. ବାସନ୍ତିଲତା ସ୍ୱାଇଁ, ସ୍ୱାମୀ- ଅକ୍ରୁର ସ୍ୱାଇଁ, ସା- ଏଣ୍ଡରାପାଳ, ଥାନା- ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ୯୧. ବିଦୁଲତା ପ୍ରଧାନ, ସ୍ୱାମୀ- ଅକ୍ରୁର ପ୍ରଧାନ, ସା- ଏଣ୍ଡରାପାଳ, ଥାନା- ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ୯୨. ସୁରେଶ କୁମାର ପ୍ରଧାନ, ପିତା- ସନାତନ ପ୍ରଧାନ, ସା- ବିନ୍ଧାନିମା, ଥାନା- ତିଗିରିଆ, ଜିଲ୍ଲା- କଟକ, ୯୩. ବାଳକୃଷ୍ଣ ହରିଚନ୍ଦନ, ପିତା- କୃପାସିନ୍ଧୁ ହରିଚନ୍ଦନ, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୯୪. ବେଣୁଧର ହରିଚନ୍ଦନ, ପିତା- ଗୋପୀନାଥ ହରିଚନ୍ଦନ, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୯୫. ସର୍ବେଶ୍ୱର ହରିଚନ୍ଦନ, ପିତା- ବାଉରିବନ୍ଧୁ ହରିଚନ୍ଦନ, ସା/ପୋ-ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୯୬. ମେନକା ସିଂ, ସ୍ୱାମୀ- କୃପାସିନ୍ଧୁ ଚାନ୍ଦ, ସା/ପୋ- ଲକ୍ଷ୍ମୀନାରାୟଣପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୯୭. ରିତାଞ୍ଜଳି ପଣ୍ଡା, ସ୍ୱାମୀ- ରଙ୍କନିଧି ପଣ୍ଡା, ସା- କୁଲଦା, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୯୮. ଦମୟନ୍ତି ପଣ୍ଡା, ପିତା- ସୁରେନ୍ଦ୍ର ପଣ୍ଡା, ସା-କେଉଁଝର କଲୋନୀ, ତୁଳସୀପୁର, ପୋ/ଥାନା- ତୁଳସୀପୁର, ଜିଲ୍ଲା- କଟକ, ୯୯. ଶୁଭଲକ୍ଷ୍ମୀ କର, ସ୍ୱାମୀ- ମନୋଜକାନ୍ତ କର, ସା- ଇପିଙ୍ଗ୍, ପୋଷ୍ଟ- ପାରିକୁଦ, ଥାନା- କୃଷ୍ଣ ପ୍ରସାଦ, ଜିଲ୍ଲା- ପୁରୀ। ଉପରଲିଖିତ ପ୍ରତିବାଦୀ କ୍ରମିକ ନଂ ୧ ରୁ ୯୯ଙ୍କ ବିରୁଦ୍ଧରେ ଉପରଲିଖିତ ବାଦିନୀ ମାନ୍ୟବର ଅଦାଲତରେ ଓଡ଼ିଶା ଭୂବନ୍ଦୋବସ୍ତ ଆଇନ-୧୯୫୮ ମୁତାବକ ଧାରା ୧୫(ଖ)ରେ ଏକ ରିଭିଜନ ମକଦ୍ଦମା କରିଅଛନ୍ତି।

୧) ଏସ୍.ଆର୍.ପି. ନଂ. ୧୭୬୯/୨୦୧୫ (ଶ୍ରୀମତୀ ଉର୍ମିଳା ପଣ୍ଡା)

ତଫସିଲ ବୃତ୍ତି

ମୌଜା- ପଥରଗାଡ଼ିଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଖାତା- ୧୫୫୭, ପ୍ଲଟ୍ ନଂ.- ୨୮୯୧, ଏରିଆ- ଏ୦.୦୯୦ଡି. ଏହାର ସାବକ ଖାତା ନଂ.- ୧୦୫, ପ୍ଲଟ୍ ନଂ.- ୫୮୯, ଏରିଆ- ଏ୫.୮୯୦ଡି. ସ୍ୱଧରୁ ଏ୦.୧୩୯ଡିସିମିଲି ।

୨) ଏସ୍.ଆର୍.ପି. ନଂ.- ୧୭୭୯/୨୦୧୫ ( ଶ୍ରୀମତୀ ଗୁଣବତୀ ଜେନା)

ତଫସିଲ ବୃତ୍ତି

ମୌଜା- ପଥରଗାଡ଼ିଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଖାତା- ୧୫୫୭, ପ୍ଲଟ୍ ନଂ.- ୨୮୯୨, ଏରିଆ- ଏ୦.୧୦୦ଡି. ଏହାର ସାବକ ଖାତା ନଂ.- ୧୦୫, ପ୍ଲଟ ନଂ.- ୫୮୯, ଏରିଆ- ଏ୫.୮୯୦ଡି. ସ୍ୱଧରୁ ଏ୦.୧୩୯ଡିସିମିଲି।

ବାଦିନୀ ୧ ନଂ ରୁ ୯୯ଙ୍କ ବିରୁଦ୍ଧରେ ଉପରଲିଖିତ ମାମଲା ଦାଏର କରିଥିଲେ। କିନ୍ତୁ ଉପରଲିଖିତ ଦିଆଯାଇଥିବା ଠିକଣା ମତେ ମାନ୍ୟବର ଅଦାଲତ ସେମାନଙ୍କୁ ନୋଟିସ ପ୍ରେରଣ ହୋଇଥିଲା। କିନ୍ତୁ ସେମାନଙ୍କର ସମସ୍ତ ନୋଟିସ ଜାରି ନ ହୋଇ ଫେରିଆସିଥିଲା। ଏଣୁ ଅଦ୍ୟ ବିଜ୍ଞାପନ ମାଧ୍ୟମରେ ଉପରଲିଖିତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଉପରଲିଖିତ ମକଦ୍ଦମାଟି ଆସନ୍ତା ତା୦୫।୦୮।୨୦୨୫ ଦିବା ୨.୩୦ ଘଟିକା ସମୟେ ମାନ୍ୟବର ଅଦାଲତଙ୍କ ଆଦେଶ କ୍ରମେ ଶୁଣାଣି ହେବ। ଏଣୁ ଉପରଲିଖିତ ପ୍ରତିବାଦୀମାନେ ବା ସେମାନଙ୍କ ତରଫରୁ ସେମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ ବା ଆଇନମତେ ପରିଚାଳନା କରୁଥିବା ବ୍ୟକ୍ତି ମାନ୍ୟବର ଅଦାଲତରେ ଧାର୍ଯ୍ୟ ତାରିଖ ଦିନ ସେମାନଙ୍କ ତରଫରୁ ପରିଚାଳନା କରିବେ। ଯଦି ଉକ୍ତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ବା ସେମାନଙ୍କ ତରଫରୁ ସେମାନଙ୍କର ଉତ୍ତରାଧିକାରୀ ବା ସେମାନଙ୍କର ମନୋନୀତ ବ୍ୟକ୍ତି ଅନୁପସ୍ଥିତ ରୁହନ୍ତି, ତେବେ ଉକ୍ତ ମାମଲାକୁ ଆଇନମତେ ବିଚାର କରାଯିବ। ଏଣୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସେମାନଙ୍କୁ ସୂଚନା/ନୋଟିସ୍ ପ୍ରଦାନ କରାଗଲା।

ଭୁବନେଶ୍ୱର:
ତାରିଖ- ୧୧।୦୭।୨୦୨୫

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନଂ.୩ଙ୍କ ଆଦେଶ ମତେ
ସ୍ୱା.- କୋର୍ଟ ଅଫିସର
ଧ-୧୨୭୪

# ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୪ ଗୁରୁତର

ଝରିଗାଁ, ୧୩।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଅଧୀନ ରାମସା ଗ୍ରାମରେ ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ସୂଚନାନୁଯାୟୀ ରାମସା ଗ୍ରାମର ରୁକ୍ମିଣୀ ହରିଜନ(୬୫) ଗତ ଶନିବାର ରାତିରେ ନିଜ ବାଡ଼ରେ ଫୁଟିଥିବା ଛତୁ ଆଣିଥିଲେ। ତାହାକୁ ରୋଷେଇ କରି ସମସ୍ତେ ଖାଇଥିଲେ। ଖାଇବାର କିଛି ସମୟ ପରେ ନୀଳେନ୍ଦ୍ରି ହରିଜନ(୨୬), ଲିଙ୍ଗରାଜ ହରିଜନ(୨୫) ଏବଂ ଶିବାନୀ ହରିଜନ(୫)ଙ୍କର ବାନ୍ତି ହୋଇଥିଲା। ବାନ୍ତି ବଢ଼ିବାରୁ ତୁରନ୍ତ ଆଶାକର୍ମୀ ମୁଙ୍ଗାଇ ହରିଜନଙ୍କୁ ସୂଚନା ଦିଆଯାଇଛି। ଆମ୍ବୁଲାନ୍ସ ନ ଥିବାରୁ ଅଟୋ ଯୋଗେ ରାତି ୧୧ଟାରେ ଆଶା ଓ ପରିବାରର ଅନ୍ୟମାନେ ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ସମସ୍ତେ ସୁସ୍ଥଥିବା ସୂଚନା ମିଳିଛି।

# ବିଜେଡି ଆଣିଥିବା ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କଲା ଭାଜପା

ନବରଙ୍ଗପୁର,୧୩।୭(ସଦାଶିବ ପ୍ରହରାଜ)

ବିଜେଡି ସାଧାରଣ ଲୋକଙ୍କୁ ଭ୍ରମିତ ଓ ସରକାରଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛି। ଜିଲା ବିଜେଡିର ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଜେଡି ସମର୍ଥିତ ନିର୍ବାଚିତ ଲୋକ ପ୍ରତିନିଧି। ଏଥିରୁ ଅନୁମେୟ ଦଳ ଭିତରେ କିଭଳି ଫାଟ ସୃଷ୍ଟି ହୋଇଛି। ତେବେ ଭାଜପା ଦୁର୍ନୀତିର ସପକ୍ଷରେ ନାହିଁ। ବିଜେଡି ଯେଉଁ ଅଭିଯୋଗ ଆଣିଛି ତାହାର ତଦନ୍ତ ଚାଲିଛି। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରବିବାର ସର୍କିଟ ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି କୁଞ୍ଜ ବିହାରୀ ଦାଶ କହିଛନ୍ତି।

ସୂଚନାନୁଯାୟୀ, ଗତ ବୁଧବାର ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ଅନ୍ୟ ନେତାମାନେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ସେଠାରେ ନନ୍ଦାହାଣ୍ଡି ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଙ୍ଗଲ,



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ ବିଭାଗ ପକ୍ଷରୁ ୧୨ କୋଟି ୬୨ ଲକ୍ଷ ୮୪ ହଜାର ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଥିଲା ବିଜେଡି। ମୃତ୍ତିକା ସଂରକ୍ଷଣ ବିଭାଗ ୨୧ ପୋଖରୀ ମଧ୍ୟରୁ ୪ଟି ପୋଖରୀ ଖନନ କରିଛି। ବଳକା ଅର୍ଥ ଆତ୍ମସାତ ହୋଇଥିବା ବିଜେଡି ଅଭିଯୋଗ କରିଛି। କିନ୍ତୁ ଭାଜପା ଅଭିଯୋଗକୁ ଖଣ୍ଡନ କରି ୨୧ ନୁହେଁ ୩୦ ପୋଖରୀ ଖୋଳାଯାଇଛି। ହିତାଧିକାରୀଙ୍କ ଫଟୋ ସହିତ ସରକାରଙ୍କୁ ପ୍ରଦାନ କରାଯାଇଥିବା ଭାଜପା କହିଛି। ଉଦ୍ୟାନ ବିଭାଗ କାଜୁ ଓ ଆମ୍ବ ବଗିଚା ସୃଷ୍ଟି କରିନାହିଁ। ଚାରାରୋପଣ ନାମରେ ବ୍ୟାପକ ଅର୍ଥ ଆତ୍ମସାତ କରିଥିବା ବିଜେଡି ଅଭିଯୋଗ ଆଣିଥିଲା। ଏହାର ଜବାବରେ ଭାଜପା ପକ୍ଷରୁ କୁହାଯାଇଛି ଯେ, ଚାରା ଲାଗିଥିଲା। ଏବେ ଅନେକ ଗଛରେ ଫଳ ହୋଇସାରିଲାଣି, ଯାହାର ସମସ୍ତ ତଥ୍ୟ ଓ ଫଟୋ ଭାଜପାର ଜିଲା ସଭାପତି ଦେଖାଇଥିଲେ। ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରୀ ସଦସ୍ୟ ମାନସ ରଞ୍ଜନ ଦାଶ କହିଥିଲେ ଯେ, ନନ୍ଦାହାଣ୍ଡି ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଉପାଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ପତ୍ର ବ୍ଲକ ଅଧ୍ୟକ୍ଷା ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ନନ୍ଦାହାଣ୍ଡିରେ ବ୍ଲକ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୌଣସି ଦୁର୍ନୀତି ଓ ଅର୍ଥ ଆତ୍ମସାତ ହୋଇନାହିଁ। ଏହି ଅଭିଯୋଗରେ କୌଣସି ସତ୍ୟତା ନାହିଁ ବୋଲି ଜଣାଇଛନ୍ତି। ଗତ ୩ ବର୍ଷରେ ଦୁର୍ନୀତି ହୋଇଥିବା ବିଜେଡି କହିଛି। ବର୍ଷେ ହେବ ଭାଜପା ସରକାର ଆସିଛି। ପୂର୍ବ ୨ ବର୍ଷ ବିଜେଡି ସରକାର ଥିଲା। ତେବେ ଦୁର୍ନୀତିର ତଦନ୍ତ ଦାବି କାହିଁକି କଲେ ନାହିଁ ବୋଲି ଭାଜପା ପ୍ରଶ୍ନ କରିଛି। ଜିଲା ବିଜେଡି ସଭାପତି ମନୋହର ରନ୍ଧାରି, ପୂର୍ବତନ ଏମ୍‌ପି ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିବା ଘଟଣା ସତ ନା ବ୍ଲକରେ ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷା ଓ ସମିତି ସଭ୍ୟା, ସରପଞ୍ଚ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସତ। ଯଦି ବିଜେଡି ସରକାରଙ୍କ ସମୟର ଦୁର୍ନୀତି ହୋଇଥିବ ତେବେ ଡାବୁଗାଁ ବିଧାୟକ ତଥା ଜିଲା ବିଜେଡି ସଭାପତି ରାଜନୀତିରୁ ସନ୍ନ୍ୟାସ ନେବେକି ବୋଲି ଭାଜପା ପ୍ରଶ୍ନ କରିଛି। ବିଜେଡି ଆଣିଥିବା ଅଭିଯୋଗର ତଦନ୍ତ ହେବା ଆବଶ୍ୟକ ବୋଲି ଭାଜପା କହିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଅଚ୍ୟୁତାନନ୍ଦ ବିଷୋୟୀ, ଦେବଦାସ ମହାକୁଡ, ଡଙ୍ଗରଭେଜା ମଣ୍ଡଳ ସଭାପତି ଭାବଗ୍ରାହୀ ବେନିଆ, ଲକ୍ଷ୍ମଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଉମରକୋଟ ବାଇପାସ୍ ରାସ୍ତା ପାଇଁ ସର୍ଭେ ଆରମ୍ଭ



ପଲ୍ଲୀ ସଭାରେ ଉପସ୍ଥିତ ଅଧିକାରୀ, ଜନପ୍ରତିନିଧି, ଗ୍ରାମବାସୀ ଓ ଅନ୍ୟମାନେ।

ଉମରକୋଟ, ୧୩।୭ (ସନ୍ତୋଷ ଶତପଥୀ)

## ୫ ସ୍ଥାନରେ ପୂର୍ତ୍ତ ବିଭାଗର ପଲ୍ଲିସଭା

ଦୀର୍ଘ ଦିନ ଧରି ଉମରକୋଟ ସହରବାସୀ ବାଇପାସ୍ ରାସ୍ତା ପାଇଁ ଯେଉଁ ଦାବି କରିଆସୁଥିଲେ, ତାହା ଅତିଶୀଘ୍ର ପୂରଣ ହେବାକୁ ଯାଉଛି। ଏଥିପାଇଁ ଉମରକୋଟ ପୂର୍ତ୍ତ ବିଭାଗର ସର୍ଭେ କାର୍ଯ୍ୟ ଆରମ୍ଭ ହେବା ସହ ଆଜି ୫ଟି ସ୍ଥାନରେ ପଲ୍ଲିସଭା ଅନୁଷ୍ଠିତ ହୋଇଛି।

ନବରଙ୍ଗପୁର ଜିଲାର ଉମରକୋଟ ଏକ ପ୍ରମୁଖ ସହର। ଏହି ଅଞ୍ଚଳର ଲୋକେ ସାଧାରଣତଃ ଚାଷ ଓ ବ୍ୟବସାୟ କରିଥାନ୍ତି। ଏହାର ଜନସଂଖ୍ୟା ଧୀରେଧୀରେ ବଢ଼ିବାରେ ଲାଗିଛି। ଅନ୍ୟପଟେ ଉମରକୋଟ ସହର ମଧ୍ୟ ଦେଇ ରାଜ୍ୟ ରାଜପଥ ୩୯ ଯାଇଛି। ସହରର ସମସ୍ତ ୱାର୍ଡବାସୀ ଏହି ରାସ୍ତାଦେଇ ଚଳପ୍ରଚଳ କରିଥାନ୍ତି। ଫଳରେ ଅନେକ ଦୁର୍ଘଟଣା ମଧ୍ୟ ଘଟିଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ୧୩ କିଲୋମିଟର ଲମ୍ବର ବାଇପାସ୍ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ବାଇପାସ୍ ରୋଡ଼ଟି ଉମରକୋଟ ସହର ନିକଟ ବଡ଼ଭରଣ୍ଡି ଓ ଧୋଡ୍ରା ରାସ୍ତା ମଧ୍ୟରେ ପ୍ରବେଶ କରି ପୂଜାରୀଗୁଡ଼ା, ସାନଭରଣ୍ଡି, ବଡ଼ବାସିନୀ, ଡଙ୍ଗିରିଗୁଡ଼ା, ଗୁଲିପାଟନା, ନୂଆଗୁଡ଼ା, ଉମରକୋଟ ଓ ଦର୍ଗାଗୁଡା ହୋଇ ସିଧା ଚିକିଲପଦର ଗ୍ରାମରେ ବାହାରିବ। ଫଳରେ ଉମରକୋଟ ସହର ଦେଇ ପ୍ରତିଦିନ ଯେଉଁ ଶହ ଶହ ଟ୍ରକ ଚଳାଚଳ କରୁଥିଲା ତାହା ବନ୍ଦ ହୋଇଯିବ। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ବହୁ ଜୀବନ ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ବାଇପାସ୍ ରାସ୍ତା ହେବା ଫଳରେ ଦୁର୍ଘଟଣା ବହୁମାତ୍ରାରେ କମିବ। ପୂର୍ତ୍ତ ବିଭାଗ ଏହି ରାସ୍ତା ନିର୍ମାଣ କରିବ। ଏଥିପାଇଁ ୧୪୪ ଏକର ଜମି ଅଧିଗ୍ରହଣ କରାଯିବ। ସେଥିମଧ୍ୟରୁ ସରକାରୀ ଜମି ୪୭ ଏକର ଦୁଇ ସେଣ୍ଟ ହୋଇଥିବା ବେଳେ ବେସରକାରୀ ଜମିର ପରିମାଣ ହେଉଛି ୯୭ ଏକର ୭୮ ସେଣ୍ଟ। ବେସରକାରୀ ଜମିରେ କିଛି ପଟ୍ଟାଜମି ଓ ଘର ଥିବାବେଳେ ଏହାର ମାଲିକମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏଥିପାଇଁ ପୂର୍ତ୍ତ ବିଭାଗର ସର୍ଭେ କାର୍ଯ୍ୟ ପ୍ରାୟ ଶେଷ ହୋଇସାରିଛି। ଲୋକଙ୍କ ମତାମତ ପାଇଁ ରବିବାର ଗୁଲିପାଟଣା, ଦର୍ଗାଗୁଡ଼ା, ନୂଆଗୁଡ଼ାରେ ପଲ୍ଲିସଭା ଅନୁଷ୍ଠିତ ହୋଇଛି। ସୋମବାର ଦର୍ଗାଗୁଡ଼ାରେ ପଲ୍ଲିସଭା କରାଯିବ। ଏହା ପୂର୍ବରୁ ବଡ଼ବାସିନୀ, ବଡ଼ଭରାଣ୍ଡି, ସାନଭରାଣ୍ଡି ଓ ପୂଜାରୀଗୁଡ଼ାରେ ପଲ୍ଲିସଭା ଅନୁଷ୍ଠିତ ହୋଇଛି। ଏହି ପଲ୍ଲିସଭାରେ ସ୍ଥାନୀୟ ଲୋକ ଓ ସେହି ୱାର୍ଡର କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ବିଶ୍ୱରଞ୍ଜନ ବେଉରି ଓ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଫାର୍ମାସିଷ୍ଟଙ୍କୁ ଗ୍ରାମବାସୀଙ୍କ ସମ୍ବର୍ଦ୍ଧନା

ଝରିଗାଁ, ୧୩।୭(କିଶୋର ଚନ୍ଦ୍ର ମଣ୍ଡଳ)

## ଚାକିରି ଆରମ୍ଭ ଯେଉଁଠି, ଶେଷ ସେଇଠି

ନବରଙ୍ଗପୁର ଜିଲା ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯୯୫ରୁ ଦୀର୍ଘ ୩୦ ବର୍ଷ ଧରି ଫାର୍ମାସିଷ୍ଟ ଭାବେ ନିଯୁକ୍ତ ଥିବା ଯାଜପୁର ଜିଲା ଅନ୍ୟାସୀପୁର ଗ୍ରାମର ପ୍ରଦୀପ୍ତ ମିଶ୍ର ଅବସର ଗ୍ରହଣ କରିଛନ୍ତି। ରବିବାର ଝରିଗାଁ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଶତାଧିକ ଗ୍ରାମବାସୀ ପ୍ରଥମେ ଝରିଗାଁ ମେଡିକାଲ୍ କଲୋନୀରେ ପହଞ୍ଚି ଫାର୍ମାସିଷ୍ଟ ମିଶ୍ରଙ୍କ ସହ ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କୁ ଘରୁ ପାଛୋଟି ଆଣି ଗ୍ରାମ ପରିକ୍ରମା କରାଇଥିଲେ। ଏହାପରେ ଝରିଗାଁସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ସେ ସମୟରେ ଉପାନ୍ତ ଝରିଗାଁରେ କେହି ରହିବାକୁ ଚାହୁଁ ନ ଥିବାବେଳେ ଫାର୍ମାସିଷ୍ଟ ମିଶ୍ର କାର୍ଯ୍ୟରେ ଯୋଗ ଦେଇଥିଲେ। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ଡାକ୍ତର ଥିଲେ। ସେ ସମୟରେ ଝରିଗାଁ ବ୍ଲକରେ ସଚେତନତା ଅଭାବ ଯୋଗୁ ଶହ ଶହ ଲୋକ ମ୍ୟାଲେରିଆ ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଥିଲେ। ୧୯୯୫ରୁ ୨୦୧୨ ପର୍ଯ୍ୟନ୍ତ ଏକମାତ୍ର ଡାକ୍ତର ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବାବେଳେ ଫାର୍ମାସିଷ୍ଟ ମିଶ୍ର ତାଙ୍କୁ ସହଯୋଗ କରିଥିଲେ। ୨୦୦୧ରୁ ୨୦୦୯ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀଙ୍କ ପରୀକ୍ଷା ଓ କୁଷ୍ଠରୋଗୀଙ୍କୁ ଚିହ୍ନଟ ସହ ଔଷଧ ଦେଉଥିଲେ ବୋଲି କୁହାଯାଇଛି। ଫାର୍ମାସିଷ୍ଟ ମିଶ୍ର ଜୁନ୍ ୩୦ରେ ଅବସର ନେଇଛନ୍ତି। ଡାକ୍ତରଖାନାରୁ ଆସି ଏବେବି ସକାଳୁ ଓ ସନ୍ଧ୍ୟାରେ ଘରେ ମାଗଣା ରୋଗୀସେବା କରୁଛନ୍ତି। ଯେଉଁ ରୋଗୀ ଆସିବା ସମ୍ଭବ ନୁହେଁ, ସେ ନିଜେ ଘରକୁ ଯାଇ ସେବା ଯୋଗାଇ ଆସୁଛନ୍ତି ବୋଲି ଉପସ୍ଥିତ ଗ୍ରାମବାସୀ ମତ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ଗ୍ରାମବାସୀ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ଆୟୋଜକ ପ୍ରିୟରଞ୍ଜନ ଦାସ, ପ୍ରଶ୍ନ ମାଝୀ, ବଳବିର ପ୍ରସାଦ ଶର୍ମା, ସଦାଶିବ ପଟ୍ଟନାୟକ, ରାଜେଶ ପଟ୍ଟନାୟକ, ମୋହନ ପ୍ରଧାନୀ, ପ୍ରଫୁଲ୍ଲ ପ୍ରଧାନୀ, ଗୋକୁଳ ପଟ୍ଟନାୟକ, ସଞ୍ଜୟ ଲେଙ୍କା, ସୁବାସ ପଟ୍ଟନାୟକ, ପ୍ରେମ ପଣ୍ଡା, ମୁରଲୀଧର ନାୟକ, ବ୍ରଜକିଶୋର ଦାସ, ନବକିଶୋର ଦାସ, ଆଶିଷ ଲେଙ୍କା, ଅମିତ ପଟ୍ଟନାୟକ, କେଶବ କୁଡୁମି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶୋଭାଯାତ୍ରାରେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ମିଶ୍ରଙ୍କୁ ଗାଁ ପରିକ୍ରମା କରାଯାଉଛି।

# ମାଛ ଧରିବାକୁ ଯାଇ ବ୍ୟକ୍ତିଙ୍କ ମୃତ୍ୟୁ

ତେନ୍ତୁଳିଖୁଣ୍ଟି, ୧୩।୭(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଦେଓପାଲି ପଞ୍ଚାୟତ ଚାପଟାପାସ ଗ୍ରାମର ବାରୁ ମାଝୀ(୪୫) ଶନିବାର ମାଛ ଧରିବାକୁ ଯାଇଥିଲେ। ରବିବାର ତାଙ୍କ ମୃତଦେହ ଭାସମାନ ଅବସ୍ଥାରେ ମିଳିଛି। ଖାତିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ବାରୁ ମାଛ ଧରିବାକୁ ପୋଡୁ ଛତୁ ନାଳକୁ ଯାଇଥିଲେ। ସେ କିନ୍ତୁ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ରବିବାର ସକାଳୁ ବାରୁଙ୍କ ମୃତଦେହ ନାଳରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ସରପଞ୍ଚ ପ୍ରମିଳା ମୁଦୁଲିଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସରପଞ୍ଚ ପୋଲିସ, ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମଧ୍ୟାହ୍ନ ୧୨ଟା ପରେ ତେନ୍ତୁଳିଖୁଣ୍ଟି ଅଗ୍ନିଶମ ବାହିନୀ ପୋଲିସକୁ ରିପୋର୍ଟ ଦେଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ଡାକ୍ତରଖାନାକୁ ଅପରାହ୍ନ ୪ଟାରେ ପଠାଇଛି। ବାରୁଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ହୋଇ ଯାଇଥିବାବେଳେ ଦ୍ୱିତୀୟ ସ୍ତ୍ରୀ ଓ ଝିଅ ଅଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଆର୍‌ଏସ୍‌ଏସ୍‌ର ଗୁରୁପୂର୍ଣ୍ଣିମା ପାଳିତ

ଝରିଗାଁ,୧୩।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମାସ୍ଥିତ ମାଉସୀମା ମନ୍ଦିରେ ପରିସରରେ ରବିବାର ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶାଖା କାର୍ଯ୍ୟବାହକ ଅଲି ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝରିଗାଁ ତହସିଲଦାର ସୁମନ୍ତ କୁମାର ପାତ୍ର ମୁଖ୍ୟଅତିଥି, ଜିଲା ବୌଦ୍ଧିକ ପ୍ରମୁଖ ଶୁଭେନ୍ଦୁ ପଣ୍ଡା ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ରବିନ୍ଦ୍ର ନାଥ ଦାସ, ବସନ୍ତ କୁମାର ସାହୁ, ରବିନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ ପୂର୍ଣ୍ଣିମାର ମହତ୍ୱ ସମ୍ପର୍କରେ ବୁଝାଇବା ସହ ଗୁରୁ ବିନା ଶିଷ୍ୟର ଜୀବନ ଅସମ୍ପୂର୍ଣ୍ଣ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଗୁରୁଙ୍କ ନୀତିବାଣୀ ଓ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହେଲେ ଶିଷ୍ୟମାନେ ଜୀବନରେ ଏକ ସଫଳ ବ୍ୟକ୍ତିତ୍ୱର ପରିଚୟ ପାରିବେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

# ରହୁନାହାନ୍ତି ସ୍ଥାୟୀ ତହସିଲଦାର, ଅସୁବିଧା ଭୋଗୁଛନ୍ତି ଲୋକେ

ଡାବୁଗାଁ,୧୩।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ତହସିଲ କାର୍ଯ୍ୟାଳୟ ପ୍ରାୟ ୪/୫ ମାସ ହେବ ମୁରବିଶୂନ୍ୟ ହୋଇପଡ଼ିଛି। ଫଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଡାବୁଗାଁ ତହସିଲରେ ଜଣେ ଅତିରିକ୍ତ ତହସିଲଦାର ମଧ୍ୟ ନାହାନ୍ତି। ଲୋକମାନେ ଜନ୍ମ, ଜାତି, ଆବାସିକ, ଉତ୍ତରାଧିକାରୀ ପ୍ରମାଣପତ୍ର, ଜମି ଚିହ୍ନଟ, ପଟ୍ଟା ନକଲ ଆବେଦନ, ଜମି ଭାଗବଣ୍ଟା, ଜମି ପଞ୍ଜୀକରଣ ଆଦି ଅନେକ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ୫ ମାସରୁ ଅଧିକ ହେବ ଅପେକ୍ଷା କରି ବ୍ୟତିବ୍ୟସ୍ତ ହୋଇପଡ଼ିଲେଣି। ଇତିମଧ୍ୟରେ ୪ ଜଣ ତହସିଲଦାର ଆସିଲେଣି, କିନ୍ତୁ ନିୟମିତ ତହସିଲଦାର



ଡାବୁଗାଁ ତହସିଲ କାର୍ଯ୍ୟାଳୟ।

କିମ୍ବା ଅତିରିକ୍ତ ତହସିଲଦାର ନ ଥିବା କାରଣରୁ ତହସିଲ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଜନସାଧାରଣ ନିଜ ନିଜ କାମ ପାଇଁ ଅପେକ୍ଷା କରି କରି ନିରାଶ ହୋଇ ଫେରି ଯାଉଛନ୍ତି। ତହସିଲଦାରମାନେ କାର୍ଯ୍ୟଭାର ଗ୍ରହଣ କରୁକରୁ ସେମାନଙ୍କୁ କୌଣସି ଆଳରେ ଦୀର୍ଘମିଆଦୀ ଟ୍ରେନିଂରେ ପଠାଇ ଦିଆଯାଉଛି। ବାକି ସମୟ ଅନ୍ୟ ମିଟିଂରେ ସଂଶ୍ଳିଷ୍ଟ ରଖାଯାଉଛି। ଲୋକମାନଙ୍କ ଉଦ୍ଦେଶ୍ୟରେ ଥିବା ଅଧିକାରୀ କେବଳ ବିଭାଗୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଥିବା ଲୋକେ ମତ ଦେଇଛନ୍ତି। ବର୍ତ୍ତମାନ ଡାବୁଗାଁ ବିଡିଓ ଅତିରିକ୍ତ ଭାବେ ତହସିଲଦାର ଦାୟିତ୍ୱ ତୁଲାଉଛନ୍ତି। ଅଞ୍ଚଳର ଲୋକ ପ୍ରତିନିଧି, ଜିଲା ପ୍ରଶାସନ ଡାବୁଗାଁ ତହସିଲରେ ଉପୁଜୁଥିବା ସମସ୍ୟା ଉପରେ ନଜର ପକାଇ ଜନସାଧାରଣଙ୍କ ପାଇଁ ସୁବ୍ୟବସ୍ଥା କରାଇବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।


## LEGAL NOTICE

ମାନ୍ୟବର ଆଡିସନାଲ୍ କମିଶନର, ରାଜଶ୍ରୀ ମହାନ୍ତି (ଆଇ.ଏ.ଏସ୍) ଆଡିସନାଲ ଡିଭିଜନ କୋର୍ଟ ନଂ.– ୩ଙ୍କ ଅଦାଲତ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.– ୯୦୫/୧୮, ୯୦୬/୧୮, ୯୦୭/୧୮

୧) ଶ୍ରୀ ଆଲୋକ କୁମାର ସ୍ୱାଇଁ, ୨) ଶ୍ରୀ ପ୍ରାଚି ରଞ୍ଜନ ସ୍ୱାଇଁ, ୩) ଶ୍ରୀ କ୍ଷୀରୋଦ କୁମାର ମହାନ୍ତି
.....ବାଦୀମାନେ
ବନାମ
ବସନ୍ତ କୁମାର ସ୍ୱାଇଁ ଏବଂ ଅନ୍ୟମାନେ
.....ପ୍ରତିବାଦୀ

ପ୍ରାପ୍ତେଷୁ,
୨. କ) ଶ୍ରୀ ଚଗଲା ପାଲଟାସିଂ, ପିତା: ମୃତ ସୋମନାଥ ପାଲଟାସିଂ, ଖ) ସସ୍ମିତା ପାଲଟାସିଂ, ପିତା: ମୃତ ସୋମନାଥ ପାଲଟାସିଂ, ଗ) ରସ୍ମିତା ପାଲଟାସିଂ, ପିତା: ମୃତ ସୋମନାଥ ପାଲଟାସିଂ ସମସ୍ତଙ୍କର ଠିକଣା: ସା/ପୋ: ଦାରୁଠେଙ୍ଗ, ଥା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା

ନୋଟିସ

ସିପିସି ଅର୍ଡର ନଂ. ୫, ରୁଲ୍–୨୦ ମୁତାବକ ବାଦୀମାନଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା–୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଡିଭିଜନ କୋର୍ଟ ନଂ. ୩, ଭୁବନେଶ୍ୱର ଅଦାଲତରେ ବାଦୀମାନେ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମାମାନ ଦାୟର କରିଅଛନ୍ତି। ବାଦୀମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.–୨ କ,ଖ, ଓ ଗଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୨ କ,ଖ, ଓ ଗଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ ୩, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା ୩୧।୦୭।୨୦୨୫ରିଖ ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା: ଖୋର୍ଦ୍ଧା, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ମୌଜା: ପଥରଗାଡ଼ିଆ, ସାବକ ଖାତା ନଂ.– ୩୧୯, ସାବକ ପ୍ଲଟ୍ ନଂ.– ୬୪୨, ମୋଟ୍ ଏରିଆ: ଏ୦.୬୫୫ଡିସିମିଲ ସ୍ୱଧରୁ କ୍ରୟ ବୃତ୍ତି ଏରିଆ ଏ୦.୨୧୮ଡିସିମିଲ, ଏହାର ହାଲ୍ ଖାତା ନଂ.– ୨୦୨, ହାଲ୍ ପ୍ଲଟ୍ ନଂ.– ୨୯୮୪, ଏରିଆ: ଏ୦.୧୦୦ ଡିସିମିଲ ଓ ହାଲ୍ ପ୍ଲଟ୍ ନଂ.– ୨୯୮୧, ଏରିଆ: ଏ୦.୧୪୫ ଡିସିମିଲ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.– ୨ କ,ଖ ଓ ଗ କିମ୍ବା ମୃତ ହୋଇଥିଲେ ୱାରିସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣମାନଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା./– ଆଡିସନାଲ ରିଭିଜନ, କୋର୍ଟ ନଂ.–୩, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./– କୋର୍ଟ ଅଫିସ୍
ଧ–୧୨୮୦

I.R. No.- 972, date- 10.06.25

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, IAS, ଅତିରିକ୍ତ ଅଦାଲତ ନଂ.–୨ଙ୍କ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
କେସ୍ ନଂ.–O.S.S Case No.-442/2024

(୧) ଚମ୍ପା ମହାପାତ୍ର, ସ୍ୱାମୀ– ୰ତ୍ରିନାଥ ମହାପାତ୍ର ଓ (୨) ନିରୁପମା ମହାପାତ୍ର, ପିତା– ୰ତ୍ରିନାଥ ମହାପାତ୍ର
(O.S.S Case No.-442/2024 ର
....ବାଦୀମାନେ
ବନାମ
୩. କଣ୍ଡ ନାୟକ, ପିତା– ୰ଉଦୟନାଥ ନାୟକ, ୪. ଲୋକନାଥ ନାୟକ, ପିତା– ୰ଗିରିଧାରୀ ନାୟକ, ୬. କାର୍ତ୍ତିକ ନାୟକ, ପିତା– ୰ମଧୁ ନାୟକ ଏ ସମସ୍ତଙ୍କର ଗ୍ରାମ– ଓଗାଳପଡ଼ା, ପୋଷ୍ଟ–ଯାଁଳା, ଥାନା– ଇନ୍‌ଫୋଭ୍ୟାଲି, ଜିଲ୍ଲା–ଖୋର୍ଦ୍ଧା, ୫. ଶଙ୍କର ପଣ୍ଡା, ପି– ୰ଗଦାଧର ପଣ୍ଡା, ଗ୍ରାମ– ଗୋପାଳପୁର, ପୋଷ୍ଟ– ଯାଁଳା, ଥାନା– ଇନ୍‌ଫୋଭ୍ୟାଲି, ଜିଲ୍ଲା–ଖୋର୍ଦ୍ଧା
....ପ୍ରତିବାଦୀମାନେ

ନୋଟିସ ଅର୍ଡର–୫, ରୁଲ୍– ୨୦ ମୁତାବକ

ଏତଦ୍ୱାରା ଉକ୍ତ ସମସ୍ତ ପ୍ରତିବାଦୀମାନଙ୍କର ମୃତ୍ୟୁ ହୋଇଥିବାରୁ ଏମାନଙ୍କ ପାଖକୁ ରେଜିଷ୍ଟ୍ରି ଡାକ ଯୋଗେ ପଠାଯାଇଥିବା ନୋଟିସ ଫେରସ୍ତ ଆସିଥିବାରୁ ଓ ସେମାନଙ୍କର ଉତ୍ତରାଧିକାରୀମାନଙ୍କର ନାମ ଓ ସଠିକ ଠିକଣା ଜଣା ନ ଥିବାରୁ ସମ୍ବାଦପତ୍ର ଦ୍ୱାରା ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ–୨ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, କାର୍ଯ୍ୟାଳୟରେ ଆସନ୍ତା ତା୨୨।୦୭।୨୦୨୫ରିଖ ଦିବା ଘ.୧୧:୧୫ ମିନିଟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିଜମାର ବିବରଣୀ
ମୌଜା– ଓଗାଳପଡ଼ା, ତହସିଲ– ଜଟଣୀ (୪୮), ଜିଲ୍ଲା–ଖୋର୍ଦ୍ଧା
ସାବକ: ଖାତା ନଂ.– ୧୯, ପ୍ଲଟ୍ ନଂ.– ୬୨୭ (ପୂରା ପ୍ଲଟ୍), ରକବା– ଏ୦.୨୫୦ଡି., ସ୍ୱତ୍ୱ– ସ୍ଥିତିବାନ୍ (ଘରବାରି)
ହାଲ୍: ଖାତା ନଂ.– ୩୬, ପ୍ଲଟ୍ ନଂ.– ୨୧୦୧, ରକବା– ଏ୦.୨୧୦ଡି., (ଏ୦.୨୫୦ଡି. କୁ ବୃଦ୍ଧି କରାଯିବ), ସ୍ୱତ୍ୱ: ସ୍ଥିତିବାନ୍ (ଘରବାରି)

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ ଆୟୁକ୍ତ, ରିଭିଜନ ଅଦାଲତ ନଂ.–୨, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./–କୋର୍ଟ୍ ଅଧିକାରୀ
ଧ–୧୨୯୦

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ମହାରାଷ୍ଟ୍ରରେ ତୀବ୍ର ହେଉଛି ଭାଷା ବିବାଦ

## 'ହିନ୍ଦୀ ବୋଲୁଙ୍ଗା' କହିବାରୁ ଅଟୋ ଡ୍ରାଇଭରଙ୍କୁ ମାଡ଼

ପାଲଘର, ୧୩।୭

ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ଏବଂ ରାଜ୍ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) କର୍ମୀମାନେ ରାଜ୍ୟର ପାଲଘର ଜିଲାରେ ଜଣେ ଆପ୍ରବାସୀ ଅଟୋରିକ୍ସା ଡ୍ରାଇଭରଙ୍କୁ ସର୍ବସମ୍ମୁଖରେ ମାଡ଼ ମାରିଛନ୍ତି। ଏହି ଘଟଣା ରାଜ୍ୟରେ ଭାଷା ପ୍ରସଙ୍ଗକୁ ନେଇ ଚାଲିଥିବା ବିବାଦକୁ ଅଧିକ ତୀବ୍ର କରିଛି। ତେବେ ଏନେଇ କୌଣସି ଆନୁଷ୍ଠାନିକ ଅଭିଯୋଗ ହୋଇ ନ ଥିବାରୁ ପୋଲିସ ମାମଲା ରୁଜୁ କରିନାହିଁ।

ମରାଠୀ ଭାଷାକୁ ନେଇ ଅଟୋ ଡ୍ରାଇଭର ଉତ୍ତରପ୍ରଦେଶର ଭବେଶ ପଡୋଲିଆଙ୍କ ସହ ୨ ରାଜନୈତିକ ଦଳର କର୍ମୀଙ୍କ ଭିରାର ଷ୍ଟେଶନରେ



ଅଟୋ ଡ୍ରାଇଭର ଭବେଶ ପଡୋଲିଆଙ୍କୁ ଶିବସେନା (ୟୁବିଟି) ଏବଂ ଏମ୍‌ଏନ୍‌ଏସ୍ କର୍ମୀ ମାଡ଼ ମାରୁଛନ୍ତି।

ହୋଇଥିବା ମୁହାଁମୁହିଁ ଘଟଣା ହୋଇଥିଲା। ମରାଠୀ କାହିଁକି କହୁନାହଁ ସୋସିଆଲ ମିଡିଆରେ ଭାଇରାଲ ବୋଲି ପ୍ରଶ୍ନ ହେବାରୁ ମୈଁ ହିନ୍ଦୀ ବୋଲୁଙ୍ଗା (ମୁଁ ହିନ୍ଦୀ କହିବି) ବୋଲି ଭବେଶ ବାରମ୍ବାର କହୁଥିବା ଉକ୍ତ ଭିଡିଓରୁ ଦେଖିବାକୁ ମିଳିଛି। ତାଙ୍କ କହିବା ଅନୁଯାୟୀ, ସର୍ବସାଧାରଣରେ ମରାଠୀ ବ୍ୟବହାର କରିବାରେ ତାଙ୍କ ବିଫଳତାକୁ ନେଇ ପ୍ରଶ୍ନ କରାଯାଇଥିଲା। ସେ ହିନ୍ଦୀ ଏବଂ ଭୋଜପୁରୀ କହିବାକୁ ପସନ୍ଦ କରନ୍ତି ବୋଲି କହିଥିଲେ। ଏହାକୁ ନେଇ ଶନିବାର ଶିବସେନା (ୟୁବିଟି) ଏବଂ ଏମ୍‌ଏନ୍‌ଏସ୍ ସମର୍ଥକମାନେ ଭିରାର ରେଳଷ୍ଟେଶନ ନିକଟରେ ଅଟୋ ଡ୍ରାଇଭରଙ୍କ ସହ ମୁହାଁମୁହିଁ ହୋଇଥିଲେ। ସେମାନେ ଭବେଶଙ୍କୁ ମାଡ଼ ମାରୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ସେ ମରାଠୀ ଭାଷା ଓ ସଂସ୍କୃତିକୁ ଅପମାନ କରିବା ସହ ଜଣେ ବ୍ୟକ୍ତି ଓ ତାଙ୍କ ଭଉଣୀଙ୍କୁ ଦୁର୍ବ୍ୟବହାର କରିଥିଲେ। ସେଥିପାଇଁ ତାଙ୍କୁ ସର୍ବସାଧାରଣରେ କ୍ଷମା ମାଗିବାକୁ ବାଧ କରାଯାଇଥିଲା। ଭବେଶଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯାଇଛି। ଯେକେହି ମରାଠୀ ଭାଷା ଓ ରାଜ୍ୟକୁ ଅପମାନିତ କଲେ, ସେମାନଙ୍କୁ ପ୍ରକୃତ ଶିବସେନା ଢଙ୍ଗରେ ଜବାବ ଦିଆଯିବ ବୋଲି ଆକ୍ରମଣକାରୀମାନେ କହିଛନ୍ତି।

## ସଂକ୍ଷେପରେ

### ତ୍ରିପୁରା ଛାତ୍ରୀ ଦିଲ୍ଲୀରୁ ସପ୍ତାହେ ହେଲା ନିଖୋଜ



ସ୍ନେହା ଦେବନାଥ

ନୂଆଦିଲ୍ଲୀ, ୧୩।୭

ଦିଲ୍ଲୀ ୟୁନିଭର୍ସିଟିରେ ପଢୁଥିବା ତ୍ରିପୁରାର ସ୍ନେହା ଦେବନାଥ(୧୯) ସପ୍ତାହେ ହେଲା ନିଖୋଜ ଅଛନ୍ତି। ଦିଲ୍ଲୀ ପୋଲିସ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ଜୋର୍‌ଦାର ତଲାସି ଅଭିଯାନ ଚଳାଇଥିଲେ ମଧ୍ୟ ଖୋଜଖବର ମିଳୁ ନ ଥିବାରୁ ତାଙ୍କ ନିଖୋଜ ରହସ୍ୟ ଘେରରେ ରହିଛି। ତେବେ ବିଫଳତା ଓ ଚାପ କାରଣରୁ ସ୍ନେହା ସିଗ୍ନେଚର ବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ବୋଲି ତାଙ୍କ ପ୍ରକୋଷ୍ଠରୁ ମିଳିଥିବା ଏକ ହାତଲେଖା ଚିଠିରୁ ଜଣାପଡ଼ିଛି। ଘଟଣା ପଛରେ ହିଂସା ଅପରାଧ ଜଡ଼ିତ ଥାଇପାରେ ବୋଲି ସ୍ନେହାଙ୍କ ପରିବାର ଅଭିଯୋଗ କରିବା ସହ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛି। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଆତ୍ମାରାମ ସନାତନ ଧର୍ମ କଲେଜରେ ପଢୁଥିଲେ। ଗତ ୭ ତାରିଖରେ ସେ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲେ।

### ବିହାର ଭୋଟର ତାଲିକାରେ ନେପାଳୀ, ବାଂଲାଦେଶୀ

ନୂଆଦିଲ୍ଲୀ, ୧୩।୭

ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ଘରକୁ ଘର ଯାଞ୍ଚ ଚାଲିଥିବାବେଳେ ନିର୍ବାଚନ କମିଶନ(ଇସି)ଙ୍କ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ବହୁସଂଖ୍ୟାରେ ବାଂଲାଦେଶୀ, ନେପାଳୀ ଏବଂ ମ୍ୟାନ୍‌ମାର ଲୋକଙ୍କୁ ଚିହ୍ନଟ କରିଛନ୍ତି। ଏନେଇ ଇସିଙ୍କ ପକ୍ଷରୁ ରବିବାର ସୂଚନା ଦିଆଯିବା ସହ ଚୂଡ଼ାନ୍ତ ଭୋଟର ତାଲିକାରେ ଏହି ବେଆଇନ ଆପ୍ରବାସୀମାନଙ୍କ ନାଁ ରହିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାକୁ ଯାଉଛି। ଯେଉଁମାନେ ବେଆଇନ ଭାବେ ଭୋଟର ତାଲିକାରେ ରହିଛନ୍ତି, ସେମାନଙ୍କ ନାଗରିକତ୍ୱ ନିର୍ଣ୍ଣୟ ପ୍ରକ୍ରିୟା ଅଗଷ୍ଟ ୧ରୁ ଆରମ୍ଭ ହେବ। ତଳସ୍ତରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଘରକୁ ଘର ଯାଇ ଯାଞ୍ଚ କରୁଥିବା ବୁଥ୍‌ସ୍ତରୀୟ ଅଫିସରମାନେ ବହୁସଂଖ୍ୟାରେ ସନ୍ଦିଗ୍ଧ ବିଦେଶୀ ନାଗରିକଙ୍କ ସଂସ୍ପର୍ଶରେ ଆସିଛନ୍ତି। ଭୋଟର ତାଲିକାରୁ ଅଯୋଗ୍ୟ ଆପ୍ରବାସୀଙ୍କୁ ବାଦ୍ ଦେବା ପାଇଁ ନିର୍ବାଚନ କମିଶନ ଏହି ପ୍ରକ୍ରିୟାକୁ ସାରା ଦେଶରେ କାର୍ଯ୍ୟକାରୀ କରିବା ଆଶା କରାଯାଉଛି।

## ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଗୁଳିକରି ହତ୍ୟା

ପାଟନା, ୧୩।୭(ପି.ଟି.)

ବିହାର ପାଟନା ଜିଲାର ପିପ୍ରାସ୍ଥିତ ଶେଖପୁରା ଗ୍ରାମରେ ଶନିବାର ରାତିରେ ସ୍ୱାସ୍ଥ୍ୟ ଅଧିକାରୀ ସୁରେନ୍ଦ୍ର କୁମାର(୫୦)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ସୁରେନ୍ଦ୍ର କ୍ଷେତରେ କାମ କରୁଥିବା ସମୟରେ କେତେଜଣ ଦୁର୍ବୃତ୍ତ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଗୁଳି ଶବ୍ଦ ଶୁଣି ଗ୍ରାମବାସୀ ଦୌଡ଼ିଆସି ସୁରେନ୍ଦ୍ରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୁରେନ୍ଦ୍ରଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ଏବଂ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି। ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି।

## ଭାରତର ମୋଷ୍ଟ୍‌ୱାଣ୍ଟେଡ୍ ସମେତ ୮ ଖଲିସ୍ତାନୀଙ୍କୁ ଗିରଫ କଲା ଏଫ୍‌ବିଆଇ

ୱାଶିଂଟନ, ୧୩।୭

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ପଞ୍ଜାବ ଗ୍ୟାଙ୍ଗଷ୍ଟର ପବିତର ସିଂ ବାଟଲା ଏବଂ ଅନ୍ୟ ୭ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଏକ ଅପହରଣ ଓ ହତ୍ୟା ମାମଲାରେ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ଶୁକ୍ରବାର ଗିରଫ କରିଛି। ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନ ବାବର ଖାଲସା ଇଣ୍ଟରନ୍ୟାଶନାଲ (ବିକେଆଇ) ସହ ବାଟଲା ସମ୍ପୃକ୍ତ । ଗିରଫ ଅନ୍ୟ ଖଲିସ୍ତାନୀ ଆତଙ୍କବାଦୀ ହେଲେ ଦିଲ୍‌ପ୍ରୀତ ସିଂ, ଅମ୍ରିତପାଲ ସିଂ, ଅର୍ଶପ୍ରୀତ୍ ସି, ମନପ୍ରୀତ୍ ରାନ୍ଧୱା, ସରବଜିତ୍ ସିଂ, ଗୁର୍‌ତାଜ ସିଂ ଏବଂ ବିଶାଲ।

## ଡିଜେଲ ନେଉଥିବା ଟ୍ରେନ୍‌ରେ ନିଆଁ

### ୧୮ ୱାଗନ ଜଳିଗଲା
### ରେଳସେବା ବାଧାପ୍ରାପ୍ତ



ଚେନ୍ନାଇ, ୧୩।୭(ପି.ଟି.)

ତାମିଲନାଡୁ ତିରୁଭଲ୍ଲୁରଠାରେ ରବିବାର ଡିଜେଲ ନେଉଥିବା ଏକ ମାଲ୍‌ବାହୀ ଟ୍ରେନ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଫଳରେ ଚେନ୍ନାଇ-ଅରାକ୍କୋନମ୍ ରୁଟ୍‌ରେ ଟ୍ରେନ୍ ସେବା ବାଧାପ୍ରାପ୍ତ ହୋଇଛି। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ଷ୍ଟେଶନରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ରାଜ୍ୟ ପରିବହନ ନିଗମ ପକ୍ଷରୁ ସ୍ୱତନ୍ତ୍ର ବସ୍ ଚଳାଚଳ କରାଯାଉଛି। ସକାଳ ୫ଟା ୩୦ ମିନିଟ୍ ସମୟରେ ଗୁଡ୍ସ ଟ୍ରେନ୍ ତିରୁଭଲ୍ଲୁର ଷ୍ଟେଶନ ଛାଡୁଥିବାବେଳେ ଡିଜେଲ ଥିବା ତୃତୀୟ ୱାଗନରେ ନିଆଁଲାଗି ଏହା ପଛରେ ଥିବା ଅନ୍ୟ ୱାଗନଗୁଡ଼ିକୁ ବ୍ୟାପିଯାଇଥିଲା। ୧୮ଟି ୱାଗନ ସମ୍ପୂର୍ଣ୍ଣ ଜଳିଯାଇଛି। ବହୁ ଉଚ୍ଚ ଯାଏ ଧୂଆଁ ଉଠୁଥିବା ଦେଖାଯାଇଛି। ନିଆଁ ଦେଖି ଲୋକୋ ପାଇଲଟ୍ ତୁରନ୍ତ ଜରୁରୀ ବ୍ରେକ୍ ଚାପିବା ସହ ତିରୁଭଲ୍ଲୁର ଷ୍ଟେଶନମାଷ୍ଟର ସୁରକ୍ଷା ପଦକ୍ଷେପ ସ୍ୱରୂପ ଓଭରହେଡ୍ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦେଇଥିଲେ। ଟ୍ରେନ୍‌ଟି ଚେନ୍ନାଇ ହାର୍ବରରୁ ୱାଲାଜା ରୋଡ୍ ସାଇଡିଂକୁ ଯାଉଥିଲା।

## ଅକ୍ଟୋବର ସୁଦ୍ଧା ପ୍ରଥମ ଡେଙ୍ଗୁ ଟିକାର ୩ୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷଣ ପାଇଁ ପଞ୍ଜୀକରଣ

ନୂଆଦିଲ୍ଲୀ, ୧୩।୭

ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ଜଣେ ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ, ପାନାସିଆ ବାୟୋଟିକ୍ ଦ୍ୱାରା ବିକଶିତ ଦେଶର ପ୍ରଥମ ସ୍ୱଦେଶୀ ଡେଙ୍ଗୁ ଟିକା 'ଡେଙ୍ଗିଅଲ'ର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷଣରେ ପ୍ରାୟ ୧୦,୫୦୦ ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ ଆସନ୍ତା ଅକ୍ଟୋବର ସୁଦ୍ଧା ଭାରତର ୨୦ଟି କେନ୍ଦ୍ରରେ ସମାପ୍ତ ହେବ। ବର୍ତ୍ତମାନ ସୁଦ୍ଧା ପୁଣେ, ଚେନ୍ନାଇ, କୋଲକାତା, ଭୁବନେଶ୍ୱର ଏବଂ ଦିଲ୍ଲୀର ବିଭିନ୍ନ କେନ୍ଦ୍ରରେ ୮ ହଜାର ଅଂଶଗ୍ରହଣକାରୀଙ୍କୁ ଆଇସିଏମ୍‌ଆର୍ ଏବଂ ପାନାସିଆ ବାୟୋଟିକ୍‌ଦ୍ୱାରା ପ୍ରାୟୋଜିତ ଏହି ପରୀକ୍ଷଣ ଅଧୀନରେ ଟିକା ଦିଆଯାଇଛି।





ପୁଣେସ୍ଥିତ ଆଇସିଏମ୍‌ଆର୍-ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟ୍ରାନ୍ସଲେଶିଓନାଲ ଭାଇରୋଲୋଜି ଆଣ୍ଡ୍ ଏଡ୍ସ ରିସର୍ଚ୍ଚ, ଚେନ୍ନାଇସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏପିଡେମିଓଲୋଜି (ଏନ୍‌ଆଇଇ) ଏବଂ ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି ଦ୍ୱାରା ସମ୍ପ୍ରତି ଏହି ପରୀକ୍ଷଣ ପରିଚାଳିତ ହେଉଛି। ପ୍ରାରମ୍ଭିକ ପରୀକ୍ଷଣରେ କୌଣସି ସୁରକ୍ଷା ସମସ୍ୟା ସାମ୍ନାକୁ ଆସିନାହିଁ ବୋଲି ସେ କହିଛନ୍ତି।

## ଶ୍ରୀଙ୍ଗ୍‌ଲା, ନିକମ୍‌ଙ୍କ ସମେତ ୪ ରାଜ୍ୟ ସଭାକୁ ମନୋନୀତ

ନୂଆଦିଲ୍ଲୀ, ୧୩।୭(ପି.ଟି.)




ଉଜ୍ଜ୍ୱଳ ନିକମ୍



ହର୍ଷବର୍ଦ୍ଧନ ଶ୍ରୀଙ୍ଗ୍‌ଲା



ମୀନାକ୍ଷୀ ଜୈନ



ସି. ସଦାନନ୍ଦନ ମାଷ୍ଟର

ପୂର୍ବତନ ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗ୍‌ଲା, ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ମାମଲାର ସ୍ୱତନ୍ତ୍ର ସରକାରୀ ଓକିଲ ଉଜ୍ଜ୍ୱଳ ନିକମ୍, କେରଳ ଭାଜପା ନେତା ସି. ସଦାନନ୍ଦନ ମାଷ୍ଟର ଏବଂ ଦିଲ୍ଲୀର ଐତିହାସିକ ମୀନାକ୍ଷୀ ଜୈନ ରାଜ୍ୟ ସଭାକୁ ମନୋନୀତ ହୋଇଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୮୦(୧)(ଏ)ରେ ପ୍ରଦତ୍ତ କ୍ଷମତାର ପ୍ରୟୋଗକ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କୁ ପାର୍ଲାମେଣ୍ଟର ଉଚ୍ଚ ସଦନକୁ ମନୋନୀତ କରିଥିବା ଶନିବାର ବିଳମ୍ବିତ ରାତିରେ ଜାରି ବିଜ୍ଞପ୍ତିରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନୋନୀତ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଏକ୍ସ'ରେ ଲେଖିଛନ୍ତି, ନିକମ୍ ଆଇନ କ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ ଏବଂ ସମ୍ବିଧାନକୁ ଅନୁକରଣୀୟ ଭାବେ ଗ୍ରହଣ କରିଥିଲେ। ସେ କେବଳ ଜଣେ ସଫଳ ଆଇନଜୀବୀ ନୁହନ୍ତି, ବରଂ ଗୁରୁତ୍ୱପୂର୍ଣ୍ଣ ମାମଲାରେ ନ୍ୟାୟ ଚାହିଁବାରେ ଆଗଧାଡ଼ିରେ ରହିଥିଲେ। ସେ ତାଙ୍କର ସମଗ୍ରୀ ଆଇନ ବ୍ୟବସାୟ କ୍ୟାରିୟରରେ ସବୁବେଳେ ସାମ୍ବିଧାନିକ ମୂଲ୍ୟବୋଧକୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରିଥିଲେ ଏବଂ ସାଧାରଣ ଜନତା ଯେପରି ସବୁବେଳେ ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର ପାଇବେ ତାହା ସୁନିଶ୍ଚିତ କରିଥିଲେ। ରାଷ୍ଟ୍ରପତି ତାଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବା ଅତ୍ୟନ୍ତ ଖୁସିର ବିଷୟ। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ନିକମ୍‌ଙ୍କୁ ମୁମ୍ବାଇ ନର୍ଥ ସେଣ୍ଟ୍ରାଲ ଆସନରୁ ପ୍ରାର୍ଥୀ କରିଥିଲା। ସେହିପରି ଜଣେ କୂଟନୀତିଜ୍ଞ ଭାବେ ଶ୍ରୀଙ୍ଗ୍‌ଲାଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କର ଅନନ୍ୟ ଦୃଷ୍ଟିକୋଣ ସଂସଦୀୟ କାର୍ଯ୍ୟଧାରାକୁ ଯଥେଷ୍ଟ ସମୃଦ୍ଧ କରିବ। ଭାରତର ବୈଦେଶିକ ନୀତି ଏବଂ ଜି୨୦ ଅଧ୍ୟକ୍ଷତାରେ ଶ୍ରୀଙ୍ଗ୍‌ଲାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ସେ ଆମେରିକା ଏବଂ ଥାଇଲାଣ୍ଡରେ ଭାରତର ରାଷ୍ଟ୍ରଦୂତ ରହିବା ସହ ବାଂଲାଦେଶର ଉଚ୍ଚାୟୁକ୍ତ ଭାବେ କାର୍ଯ୍ୟ କରିଥିଲେ। ୧୯୮୪ ବ୍ୟାଚ୍‌ର ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଅଫିସର ଶ୍ରୀଙ୍ଗ୍‌ଲା ୨୦୨୩ରେ ଭାରତର ଜି୨୦ ଅଧ୍ୟକ୍ଷତାରେ ଚିଫ୍ କୋଅର୍ଡିନେଟର ଭାବେ କାର୍ଯ୍ୟ କରିଥିଲେ।

ଡ. ମୀନାକ୍ଷୀ ଜୈନ ଜଣେ ବିଦ୍ୱାନ, ଗବେଷକ ଏବଂ ଐତିହାସିକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ସେ ଦିଲ୍ଲୀ ୟୁନିଭର୍ସିଟିରେ ଗାର୍ଗି କଲେଜରେ ଅଧ୍ୟାପିକା ରହିବା ସହ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ବ୍ରିଟିଶ ଶାସନ କାଳରେ ଭାରତୀୟ ଇତିହାସ, ଦେଶର ସଭ୍ୟତା, ସ୍ୱଦେଶୀ ଶିକ୍ଷା ଓ ଭାଷା ଉପରେ ଅନେକ ପୁସ୍ତକ ରଚନା କରିଛନ୍ତି। ସେହିପରି ସଦାନନ୍ଦନ ମାଷ୍ଟରଙ୍କ ଜୀବନ ଅନ୍ୟାୟ ନିକଟରେ ମୁଣ୍ଡ ନ ନୁଆଁଇ ଏହାକୁ ସାମ୍ନା କରିବା ସାହସର ପ୍ରତୀକ। ଜାତୀୟ ବିକାଶ ପ୍ରତି ତାଙ୍କ ଆଗ୍ରହକୁ ହିଂସା ଓ ଧମକ ବିଚ୍ୟୁତ କରିପାରି ନାହିଁ। ଜଣେ ଶିକ୍ଷକ ଓ ସାମାଜିକ କର୍ମୀ ଭାବେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସଦାନନ୍ଦ ୨୦୧୬ ଏବଂ ୨୦୨୧ରେ କେରଳର କନ୍ନୁର ଜିଲା ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିଲେ। ୧୯୯୪ରେ ସେ ତାଙ୍କ ରାଜନୈତିକ ମେଣ୍ଟ ବଦଳାଇବାରୁ ବିରୋଧୀମାନେ ତାଙ୍କ ୨ ଗୋଡ଼ କାଟିଦେଇଥିଲେ। ସୂଚନାଯୋଗ୍ୟ, ରାଷ୍ଟ୍ରପତି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୧୨ ଜଣଙ୍କୁ ରାଜ୍ୟ ସଭାକୁ ମନୋନୀତ କରିଥାନ୍ତି। ଉପରୋକ୍ତ ୪ ଆସନ ଖାଲି ରହିଥିଲା।

## ଗାଜାରେ ମୃତ୍ୟୁସଂଖ୍ୟା ୫୮ ହଜାର ଟପିଲା

ଡେର୍ ଅଲ୍ ବଲାହ, ୧୩।୭

ଇସ୍ରାଏଲୀ ସେନାର ଆକ୍ରମଣରେ ରବିବାର ଗାଜା ଷ୍ଟ୍ରିପ୍‌ରେ ୩୦ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଶିଶୁ ରହିଛନ୍ତି। ମଧ୍ୟ ଗାଜାର ନୁସିରାତ୍‌ସ୍ଥିତ ଏକ ଜଳ ସଂଗ୍ରହ ସ୍ଥାନରେ ଇସ୍ରାଏଲ ପକ୍ଷରୁ ଏହି ଆକ୍ରମଣ ହୋଇଥିଲା। ଏହାସହ ୨୦୨୩ ଅକ୍ଟୋବର ୭ରୁ ହମାସ୍ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗାଜାରେ ୫୮ ହଜାରରୁ ଅଧିକ ପାଲେଷ୍ଟିନୀୟଙ୍କର ମୃତ୍ୟୁ ହୋଇଥିବା ନେଇ ଗାଜାସ୍ଥିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଅଧାରୁ ଅଧିକ ମହିଳା ଏବଂ ଶିଶୁ ରହିଛନ୍ତି।

## ଫୁର୍‌ସତ୍

### ଧୀରେ ଧୀରେ ସମୁଦ୍ରରେ ବୁଡୁଛି କାନ୍‌ସାଇ ଏୟାରପୋର୍ଟ

ଟୋକିଓ

ଜାପାନର କାନ୍‌ସାଇ ଅନ୍ତର୍ଜାତୀୟ ବିମାନବନ୍ଦର (କେଆଇଏକ୍ସ) ଏବେ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛି। ଓସାକା ଉପସାଗରର ମଧ୍ୟଭାଗରେ ୨ଟି କୃତ୍ରିମ ଦ୍ୱୀପ ଉପରେ ନିର୍ମିତ ଏହି ବିମାନବନ୍ଦର କ୍ରମାଗତ ଭାବେ ସମୁଦ୍ରରେ ବୁଡ଼ିବାକୁ ଲାଗିଛି। ରିପୋର୍ଟ ଅନୁଯାୟୀ, ଏହି ଦ୍ୱୀପର ପୃଷ୍ଠ ଗତ କିଛିବର୍ଷ ମଧ୍ୟରେ ୩.୮୪ ମିଟର ପର୍ଯ୍ୟନ୍ତ ସମୁଦ୍ରରେ ବୁଡ଼ିଛି, ଯାହା ବିମାନବନ୍ଦରର ସ୍ଥାୟିତ୍ୱକୁ ନେଇ ଦୀର୍ଘକାଳୀନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୧୯୯୪ ମସିହାରେ ଏହି ବିମାନବନ୍ଦର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିଥିଲା। ସେବେଠାରୁ ଏହି ଏୟାରପୋର୍ଟର ଅନେକ ଅଂଶ ସମୁଦ୍ରରେ ବୁଡ଼ିସାରିଲାଣି। ଏକ ନରମ ସମୁଦ୍ର ମାଟିରେ ନିର୍ମିତ ଏହି ଉତ୍କୃଷ୍ଟ ଡିଜାଇନ୍ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ବହୁ ଦ୍ରୁତ ଗତିରେ ସମୁଦ୍ରରେ



ବୁଡ଼ିଥିଲା ବୋଲି ରିପୋର୍ଟରେ କୁହାଯାଇଛି।

ବିମାନବନ୍ଦରର ନରମ ମାଟିର ମୂଳଦୁଆ ଏହାର ଭାରି ଓଜନକୁ ସହ୍ୟ କରିପାରୁ ନ ଥିବା ବିଶେଷଜ୍ଞମାନେ କହିଛନ୍ତି। ସାମ୍ପ୍ରତିକ ସମୁଦ୍ର ପତ୍ତନ ବୃଦ୍ଧି ଏବଂ ପ୍ରାକୃତିକ ପରିବର୍ତ୍ତନ ଏହି ଏୟାରପୋର୍ଟକୁ ଧୀରେ ଧୀରେ ସମୁଦ୍ରର ଗଭୀରତା ଆଡ଼କୁ ନେଇଯାଉଛି, ଯାହାଫଳରେ ଭବିଷ୍ୟତରେ ଏହାର ସ୍ଥାୟିତ୍ୱକୁ ନେଇ ବିପଦ ସୃଷ୍ଟି ହୋଇଛି। ୨୦୧୮ରେ ଜେବି ବାତ୍ୟା ପ୍ରଭାବରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା କାନ୍‌ସାଇ ବିମାନବନ୍ଦର ଏହି ଦୁର୍ବଳତାକୁ ପ୍ରଥମଥର ପାଇଁ ପଦାରେ ପକାଇଥିଲା। ବନ୍ୟା ଯୋଗୁ ସେତେବେଳେ ଏୟାରପୋର୍ଟକୁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଥିଲା। ବିମାନବନ୍ଦରର ଅତିରିକ୍ତ କ୍ଷତିକୁ ରୋକିବା ଏବଂ ଏହାର ଦୀର୍ଘକାଳୀନ ସ୍ଥାୟିତ୍ୱକୁ ଗ୍ୟାରେଣ୍ଟି ଦେବା ଦିଗରେ ସମ୍ପ୍ରତି ଇଞ୍ଜିନିୟରମାନେ କାର୍ଯ୍ୟ କରୁଛନ୍ତି। ଓସାକା ଉପସାଗରରେ ଜଳ ଚାପକୁ କମାଇବା ପାଇଁ ସମୁଦ୍ର ପାଚେରିକୁ ସୁଦୃଢ଼ କରିବା ଏବଂ ଭର୍ଟିକାଲ୍ ସ୍ୟାଣ୍ଡ ଡ୍ରେନ୍ ତିଆରି ନିମନ୍ତେ ଜାପାନ ସରକାରଙ୍କ ପକ୍ଷରୁ ୧୫୦ ନିୟୁତ ଡଲାରରୁ ଅଧିକ ନିବେଶ କରାଯାଇଛି।

ତେବେ କେଆଇଏକ୍ସ ନିକଟରେ ଏକ ବିରଳ ରେକର୍ଡ ରହିଛି। ଦଶ ବର୍ଷରୁ ଅଧିକ ସମୟ ଧରି କୌଣସି ଲଗେଜ୍ ଏଠାରେ ହଜି ନ ଥିବାରୁ ୨୦୨୪ରେ ଏହି ଏୟାରପୋର୍ଟକୁ ବିଶ୍ୱର ସର୍ବୋତ୍ତମ ଲଗେଜ ପରିଚାଳନା ବିମାନବନ୍ଦର ଭାବେ ଘୋଷଣା କରାଯାଇଥିଲା। କେଆଇଏକ୍ସ ନିଜର କର୍ମଚାରୀ, ଦକ୍ଷତା ଏବଂ ସ୍ଥାପତ୍ୟ ଡିଜାଇନ୍ ପାଇଁ ପୂର୍ବରୁ ଅନେକବାର ଅନ୍ତର୍ଜାତୀୟ ସ୍ୱୀକୃତି ଲାଭ କରିଛି। ୨୦୨୪ରେ ପ୍ରାୟ ୩୦.୬ ନିୟୁତ ଯାତ୍ରୀ ଏହି ଏୟାରପୋର୍ଟ ଯୋଗେ ୨୫ଟି ଦେଶର ୯୧ଟି ସହରକୁ ଯାତ୍ରା କରିଥିଲେ।

### କାର୍ତ୍ତିକଙ୍କ ଫିଲ୍ମରେ ଜ୍ୟାକି





ମୁମ୍ବାଇ

ଆସନ୍ତା ଫେବୃଆରୀ ୧୩ରେ ରିଲିଜ୍ ହେବାକୁ ଥିବା ଫିଲ୍ମ 'ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ'ରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଏବଂ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନଜରକୁ ଆସିବେ। ଏବେ ଏହି ଫିଲ୍ମର ଶୁଟିଂ ଜାରି ରହିଛି। ରବିବାର ଫିଲ୍ମକୁ ନେଇ ଏକ ନୂତନ ଅପ୍‌ଡେଟ୍ ସାମ୍ନାକୁ ଆସିଛି। ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ଜ୍ୟାକି ଶ୍ରଫ୍ ଯୋଗଦେଇଛନ୍ତି। ଏନେଇ କାର୍ତ୍ତିକ ନିଜ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। କାର୍ତ୍ତିକ ତାଙ୍କ ପୋଷ୍ଟରେ ଫିଲ୍ମ ଶୁଟିଂ ସେଟ୍‌ର ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କ ସହ ଜ୍ୟାକି ମଧ୍ୟ ନଜରକୁ ଆସିଛନ୍ତି। ଏହି ଭିଡିଓରେ ଉଭୟ କାର୍ତ୍ତିକ ଏବଂ ଜ୍ୟାକି ଏକ ଗୀତର ତାଳେ ତାଳେ ଝୁମୁଥିବାର ଦେଖାଯାଉଛନ୍ତି। କ୍ୟାପ୍‌ଶନ୍‌ରେ କାର୍ତ୍ତିକ ଲେଖିଛନ୍ତି, 'ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ'ରେ ଜ୍ୟାକିଙ୍କୁ ସ୍ୱାଗତ। ନିଶ୍ଚିତ ଭାବେ ଦର୍ଶକଙ୍କୁ ଏହି ଫିଲ୍ମଟି ପସନ୍ଦ ଆସିବ। ଧର୍ମା ପ୍ରଡକ୍ସନ୍ସର ବ୍ୟାନରରେ ନିର୍ମିତ ହେଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ସମୀର ବିଦ୍ୱାସ ଦେଉଛନ୍ତି। କରନ୍ ଶ୍ରୀକାନ୍ତ ଶର୍ମା ଏହି ଫିଲ୍ମର କାହାଣୀ ଲେଖିଛନ୍ତି। ଫିଲ୍ମରେ ଅଭିନେତ୍ରୀ ନୀନା ଗୁପ୍ତା ମଧ୍ୟ ନଜରକୁ ଆସିବେ।

# ୟୁରୋପା ଅଭିମୁଖେ ୟୁରୋପା କ୍ଲିପର ଯାନ



ଇଂ. ମାୟାଧର ସ୍ୱାଇଁ

''ୟୁରୋପାକୁ ଅଧ୍ୟୟନ କରିବା ହେଉଛି ୟୁରୋପା କ୍ଲିପର ଲକ୍ଷ୍ୟ। ୟୁରୋପା କ୍ଲିପର ୨୦୨୫ ମସିହାରେ ମଙ୍ଗଳ ଏବଂ ୨୦୨୬ ମସିହାରେ ପୃଥିବୀ ନିକଟ ଦେଇ ଓ ଏହାର ମାଧ୍ୟାକର୍ଷଣର ସାହାଯ୍ୟ ନେଇ ବୃହସ୍ପତି ଅଭିମୁଖେ ଗତି କରିବ। ଏହା ୨୦୩୧ ମସିହା ଆରମ୍ଭରେ ୟୁରୋପାର କକ୍ଷରେ ପ୍ରବେଶ କରିବ ଏବଂ ମେ ମାସରେ ଏହାର ବିଜ୍ଞାନ କାର୍ଯ୍ୟକ୍ରମ ଆରମ୍ଭ କରିବ। ଏହା ବୃହସ୍ପତିଠାରୁ ଦୂରରେ ଥିବା ୟୁରୋପାର ପାର୍ଶ୍ୱକୁ ପ୍ରଥମେ ଅଧ୍ୟୟନ କରିବ ଏବଂ ୨୦୩୩ ମସିହା ମେ ମାସରେ ଏହା ବୃହସ୍ପତିର ନିକଟରେ ଥିବା ୟୁରୋପାର ପାର୍ଶ୍ୱକୁ ଅଧ୍ୟୟନ କରିବ। ଏହା ୟୁରୋପା ଚାରିପଟେ ୪୯ ଥର ଘୂରିବ ଏବଂ ୟୁରୋପାଠାରୁ ଏହାର ସର୍ବନିମ୍ନ ଦୂରତା ୨୫ କିମି ହେବ।''

ୟୁରୋପା ହେଉଛି ସୌରଜଗତର ବୃହତ୍ତମ ଗ୍ରହ ବୃହସ୍ପତିର ଗୋଟିଏ ଉପଗ୍ରହ। ଇଟାଲୀର ବୈଜ୍ଞାନିକ ଗାଲିଲିଓ ୧୬୧୦ ମସିହାରେ ବୃହସ୍ପତିର ଚାରିଟି ବଡ଼ ଉପଗ୍ରହ ଆବିଷ୍କାର କରିଥିଲେ। ସେଗୁଡ଼ିକ ହେଉଛି ଆଇଓ, ୟୁରୋପା, ଗାନିମୀଡ ଓ କାଲିଷ୍ଟୋ। ଏହି ଚାରିଟିକୁ ତାଙ୍କ ନାମ ଅନୁସାରେ 'ଗାଲିଲୀୟ ଉପଗ୍ରହ' କୁହାଯାଏ।


ୟୁରୋପାର ବ୍ୟାସ ହେଉଛି ୩୧୨୧ କିମି, ଯାହା ଚନ୍ଦ୍ରର ବ୍ୟାସଠାରୁ ସାମାନ୍ୟ କମ୍। ଏହା ହେଉଛି ସୌରଜଗତର ଷଷ୍ଠ ବୃହତ୍ତମ ଉପଗ୍ରହ। ବୃହସ୍ପତିଠାରୁ ଏହାର ହାରାହାରି ଦୂରତା ହେଉଛି ୬୭୧୧୦୦ କିମି ଏବଂ ବୃହସ୍ପତିକୁ ଥରେ ପରିକ୍ରମଣ କରିବା ପାଇଁ ଏହା ୩.୫୫୧ ଦିନ ନେଇଥାଏ।

ୟୁରୋପାର ପୃଷ୍ଠ ବରଫ ଦ୍ୱାରା ଆଚ୍ଛାଦିତ ହୋଇଛି। ଭଏଜର ଓ ଗାଲିଲିଓ ଅଭିଯାନରୁ ମିଳିଥିବା ତଥ୍ୟ ଅନୁସାରେ ଏହାର ବରଫାଚ୍ଛାଦିତ ତ୍ୱକ୍‌ରୁ ୩ ରୁ ୩୦କିମି ତଳେ ଲୁଣି ଜଳର ମହାସାଗର ଥିବାର ସୂଚନା ମିଳୁଛି। ପୃଥିବୀର ମହାସାଗରଗୁଡ଼ିକ ଆୟତନର ଏହା ଦୁଇଗୁଣ ହେବ ବୋଲି ଅନୁମାନ କରାଯାଉଛି। ଏହାର ଆଭ୍ୟନ୍ତରରେ ଜୁଆରୀୟ ଶକ୍ତି ନିର୍ଗତ ହୋଇ ଜଳକୁ ଉଷ୍ମ ତଥା ତରଳ କରିପାରିଛି। ୟୁରୋପାରେ ମଧ୍ୟ ଗନ୍ଧକ ଏବଂ ଜୈବିକ ପଦାର୍ଥ ଥିବାର ଜଣାଯାଇଛି।

ଯଦି ୟୁରୋପାରେ ସମୁଦ୍ର ଓ ଏହାର ଉତ୍ତାପ ଉଷ୍ମ ପ୍ରକୃତିରେ ଥାଏ, ତାହାହେଲେ ସେଠାରେ ଅତି କମ୍‌ରେ ଆଣୁବୀକ୍ଷଣିକ ଜୀବ ଥିବାର ସମ୍ଭାବନା ରହିଛି। ଯଦି ଏହା ପ୍ରମାଣ ହୋଇପାରିବ, ତାହାହେଲେ ସୌରଜଗତରେ ପୃଥିବୀ ବାହାରେ ପ୍ରଥମ ଜୀବଜଗତ ୟୁରୋପାରେ ରହିଥିବାର ଜଣାପଡ଼ିବ। ଏଣୁ ୟୁରୋପା ବର୍ତ୍ତମାନ ବୈଜ୍ଞାନିକମାନଙ୍କର ଦୃଷ୍ଟି ଆକର୍ଷଣ କରିଛି। ଏହି ଉଦ୍ଦେଶ୍ୟ ନେଇ ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା' ଗତ ବର୍ଷ ଅକ୍ଟୋବର ୧୪ ତାରିଖରେ ୟୁରୋପା ଅଭିମୁଖେ ଏକ ଯାନ ପ୍ରେରଣ କରିଛି। ଏହାର ନାମ ହେଉଛି 'ୟୁରୋପା କ୍ଲିପର'। ଏହା ୨.୯ ବିଲିୟନ କିମି ପଥ ଅତିକ୍ରମ କରି ୨୦୩୦ ମସିହାରେ ବୃହସ୍ପତି ଓ ଏହାର ଉପଗ୍ରହଗୁଡ଼ିକ ନିକଟରେ ପହଞ୍ଚିବ।

ବର୍ତ୍ତମାନ ବୃହସ୍ପତି କକ୍ଷରେ 'ନାସା'ର ଜୁନୋ ଯାନ ପରିକ୍ରମଣ କରୁଛି। ଏହାକୁ ୨୦୧୧ ମସିହା ଅଗଷ୍ଟ ୫ ତାରିଖରେ ଉତ୍‌କ୍ଷେପଣ କରାଯାଇଥିଲା ଏବଂ ୨୦୧୬ ମସିହା ଜୁଲାଇରୁ ଏହା ବୃହସ୍ପତିକୁ ପରିକ୍ରମଣ କରି ତଥ୍ୟ ପଠାଉଛି। ପୁନଶ୍ଚ ୟୁରୋପୀୟ ମହାକାଶ ସଂସ୍ଥା ୨୦୨୩ ମସିହା ଏପ୍ରିଲରେ 'ଜୁଇସ୍' ଯାନକୁ ବୃହସ୍ପତି ଅଭିମୁଖେ ପଠାଇଛି ଏବଂ ଏହା ୨୦୩୧ ମସିହାରେ ସେଠାରେ ପହଞ୍ଚିବ। ବୃହସ୍ପତି ପାଖକୁ ଦୁଇଟି ଯାନ ପ୍ରେରଣ କରାଯିବା ପରେ 'ୟୁରୋପା କ୍ଲିପର'ର ଆବଶ୍ୟକତା କ'ଣ?

'ଜୁନୋ' କେବଳ ବୃହସ୍ପତିକୁ ଅଧ୍ୟୟନ କରିବା ପାଇଁ ଉଦ୍ଦିଷ୍ଟ, ଯଦିଓ ଏହା ତାହାର ଉପଗ୍ରହଗୁଡ଼ିକର ମଧ୍ୟ କେତେକ ଭଲ ଚିତ୍ର ପଠାଇଛି। ପୁନଶ୍ଚ ଏହାର କାର୍ଯ୍ୟକାଳ ୨୦୨୫ ମସିହା ସେପ୍ଟେମ୍ବର ମାସରେ ଶେଷ ହୋଇଯିବ। ଜୁଇସ ଯାନ ୨୦୩୧ ମସିହାରେ ବୃହସ୍ପତି ନିକଟରେ ପହଞ୍ଚିବ ଏବଂ ୨୦୩୨ ମସିହା ଜୁଲାଇ ମାସରେ ଏହା ୟୁରୋପା ନିକଟରେ ମାତ୍ର ଦୁଇ ଥର ଯିବା ପରେ ଗାନିମୀଡ ଓ କାଲିଷ୍ଟୋକୁ ବିଶଦ ଭାବରେ ଅଧ୍ୟୟନ କରିବ। ଏହି ଦୁଇ ଉପଗ୍ରହର ପୃଷ୍ଠ ତଳେ ମଧ୍ୟ ତରଳ ମହାସାଗର ଥିବାର ଅନୁମାନ କରାଯାଉଛି। ଏଣୁ କେବଳ ୟୁରୋପାକୁ ଅଧ୍ୟୟନ କରିବା ହେଉଛି ୟୁରୋପା କ୍ଲିପର ଲକ୍ଷ୍ୟ। ୟୁରୋପା କ୍ଲିପର୨୦୨୫ ମସିହାରେ ମଙ୍ଗଳ ଏବଂ ୨୦୨୬ ମସିହାରେ ପୃଥିବୀ ନିକଟ ଦେଇ ଓ ଏହାର ମାଧ୍ୟାକର୍ଷଣର ସାହାଯ୍ୟ ନେଇ ବୃହସ୍ପତି ଅଭିମୁଖେ ଗତି କରିବ। ଏହା ୨୦୩୧ ମସିହା ଆରମ୍ଭରେ ୟୁରୋପାର କକ୍ଷରେ ପ୍ରବେଶ କରିବ ଏବଂ ମେ ମାସରେ ଏହାର ବିଜ୍ଞାନ କାର୍ଯ୍ୟକ୍ରମ ଆରମ୍ଭ କରିବ। ଏହା ବୃହସ୍ପତିଠାରୁ ଦୂରରେ ଥିବା ୟୁରୋପାର ପାର୍ଶ୍ୱକୁ ପ୍ରଥମେ ଅଧ୍ୟୟନ କରିବ ଏବଂ ୨୦୩୩ ମସିହା ମେ ମାସରେ ଏହା ବୃହସ୍ପତିର ନିକଟରେ ଥିବା ୟୁରୋପାର ପାର୍ଶ୍ୱକୁ ଅଧ୍ୟୟନ କରିବ। ଏହା ୟୁରୋପା ଚାରିପଟେ ୪୯ ଥର ଘୂରିବ ଏବଂ ୟୁରୋପାଠାରୁ ଏହାର ସର୍ବନିମ୍ନ ଦୂରତା ୨୫ କିମି ହେବ।



ଏହି ଯାତ୍ରା ସମୟରେ ୟୁରୋପା କ୍ଲିପର କେତେକ ସମସ୍ୟାର ସମ୍ମୁଖୀନ ହୋଇପାରେ। ବୃହସ୍ପତିର ଗୋଟିଏ ବଡ଼ ଚୁମ୍ବକ ବଳୟ ଅଛି। ସୂର୍ଯ୍ୟ ଓ ବୃହସ୍ପତିରୁ ଏବଂ 'ଆଇଓ'ର ଆଗ୍ନେୟଗିରିରୁ ଚାର୍ଜ କଣିକା ବୃହସ୍ପତିର ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ଆକର୍ଷିତ ହୋଇ ଗୋଟିଏ ପ୍ରଖର ଚୁମ୍ବକ ବଳୟ ସୃଷ୍ଟି କରିଥାଏ। ଏହି ବଳୟ ଆଇଓ, ୟୁରୋପା ଓ ଗାନିମୀଡକୁ ଆଚ୍ଛାଦନ କରିଥାଏ। ଏଥିପାଇଁ ଏହି ଯାନର କମ୍ପ୍ୟୁଟର ଓ ସୂକ୍ଷ୍ମ ଇଲେକ୍ଟ୍ରୋନିକ୍‌ସକୁ ୯.୨ ମିଲିମିଟର ମୋଟେଇର ଆଲୁମିନିୟମ ଓ ଦସ୍ତାର ପ୍ରାଚୀର ଥିବା ଗୋଟିଏ ବାକ୍ସ ଭିତରେ ରଖାଯାଇଛି। ଜୁନୋ ଯାନର ଅଭିଜ୍ଞତାରୁ ଏହି ପଦକ୍ଷେପ ନିଆଯାଇଛି।

ଗ୍ରାହକ ଅଭିଯାନ ପାଇଁ ନାସା ନିର୍ମାଣ କରିଥିବା ଯାନଗୁଡ଼ିକ ମଧ୍ୟରେ ୟୁରୋପା କ୍ଲିପର ହେଉଛି ବୃହତ୍ତମ। ଏହାର ଓଜନ ହେଉଛି ୫୯୦୦ କିଗ୍ରା ଏବଂ ଓସାର ହେଉଛି ୩୦.୫ ମିଟର (ଏକ ବାସ୍କେଟବଲ ପଡ଼ିଆର ଦୈର୍ଘ୍ୟ ସହିତ ସମାନ)।

ୟୁରୋପାର ଗଠନ ଜାଣିବା ପାଇଁ ଏହି ଯାନରେ ଦୃଶ୍ୟମାନ ଆଲୋକ ଓ ଅବଲୋହିତ କ୍ୟାମେରା ଏବଂ ଅତିବାଇଗଣି ଓ ଅବଲୋହିତ ବର୍ଣ୍ଣବୀକ୍ଷଣ ଯନ୍ତ୍ର ରଖାଯାଇଛି। ଏଥିରେ ଥିବା ଚୁମ୍ବକମାପକ ଯନ୍ତ୍ର ଓ ପ୍ଲାଜ୍‌ମା ଯନ୍ତ୍ର ୟୁରୋପାର ଚୁମ୍ବକୀୟ କ୍ଷେତ୍ରକୁ ମାପ କରିବ। ଏଥିରୁ ୟୁରୋପା ପୃଷ୍ଠ ତଳେ ମହାସାଗରର ସନ୍ଧାନ ଜଣାପଡ଼ିବ। ଏପରିକି ଏହା ସମୁଦ୍ରର ଲବଣତା, ଗଭୀରତା ଏବଂ ଏହା ଉପରେ ଥିବା ବରଫର ମୋଟେଇକୁ ମଧ୍ୟ ଜାଣିପାରିବ। ଯାନରେ ଥିବା ଗୋଟିଏ ରାଡାର ଯନ୍ତ୍ର ମଧ୍ୟ ୟୁରୋପାର ପୃଷ୍ଠର ମାନଚିତ୍ର ନେଇପାରିବ। ଏହାର ତ୍ୱକ୍‌ରେ ବରଫର ମୋଟେଇ ଗଣନା କରିପାରିବ ଏବଂ ଏପରିକି ଏହା ତଳେ ଥିବା ସମୁଦ୍ରର ଗଭୀରତାକୁ ଜାଣିପାରିବ। ଯାନରେ ଥିବା ବସ୍ତୁତ୍ୱ ବର୍ଣ୍ଣବୀକ୍ଷଣ ଯନ୍ତ୍ର ଏବଂ ପୃଷ୍ଠ ଧୂଳି ବିଶ୍ଳେଷଣ ଯନ୍ତ୍ର ୟୁରୋପାର ଚାରିପଟର ପରିବେଶକୁ ଅଧ୍ୟୟନ କରିବ। ଉଷ୍ଣ ପ୍ରସ୍ରବଣରୁ ନିର୍ଗତ ହେଉଥିବା ପଦାର୍ଥକୁ ମଧ୍ୟ ବିଶ୍ଳେଷଣ କରିବ।

ୟୁରୋପା କ୍ଲିପର କାର୍ଯ୍ୟକାଳ ୨୦୩୪ ମସିହା ସେପ୍ଟେମ୍ବରରେ ଶେଷ ହେବ। ଏହାପରେ ଏହାକୁ କକ୍ଷଚ୍ୟୁତ କରାଇ ଗାନିମୀଡ଼ ଉପରେ ପକାଇ ଦିଆଯିବ। ସୂଚନାଯୋଗ୍ୟ ଯେ ଜୁଇସ ଯାନକୁ ମଧ୍ୟ କାର୍ଯ୍ୟକାଳ ଶେଷ ପରେ ଗାନିମୀଡ ଉପରେ ଖସାଇ ଦିଆଯିବ। ୟୁରୋପାରେ ଜୀବଜଗତର ସମ୍ଭାବନା ଥିବାରୁ ଏହା ଉପରକୁ କୌଣସି ଯାନ ସଂଘର୍ଷ କରାଯାଉନାହିଁ। ୟୁରୋପାର ପୃଷ୍ଠରେ ବରଫ ଓ ଏହା ତଳେ ଥିବା ଜଳକୁ ଅଧ୍ୟୟନ କରି ଏହା ଜୀବଜଗତ ପାଇଁ ଉପଯୁକ୍ତ କି ନାହିଁ ତାହା ବୈଜ୍ଞାନିକମାନେ ନିର୍ଦ୍ଧାରଣ କରିବେ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

## ଜଳାତଙ୍କର ଲକ୍ଷଣ



ପ୍ରଥମ କଥା ହେଲା, ପାଗଳା କୁକୁର କାମୁଡିଲେ ଜଳାତଙ୍କ ହୋଇଥାଏ। ଯଦି ପ୍ରାଣୀଟି ପାଗଳା ହୋଇ ନଥାଏ ବା ତା ଲାଳରେ ଜଳାତଙ୍କ ଭୂତାଣୁ ନଥାଏ, ତେବେ ରୋଗ ହେବାର କୌଣସି ଆଶଙ୍କା ନାହିଁ। କିନ୍ତୁ ପାଗଳା କୁକୁର କାମୁଡ଼ା ଯୋଗୁ ବ୍ୟକ୍ତିଟି ଭୂତାଣୁ ସଂକ୍ରମିତ ହୋଇ ପଡ଼ିଥିଲେ, ତା'ଠାରେ କେତେକ ସାଧାରଣ ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇଥାଏ। ସେଗୁଡ଼ିକ ହେଲା- ମୁଣ୍ଡବିନ୍ଧା, ଦେହ ଘୋଳାବିନ୍ଧା, ତଣ୍ଟିରେ ଘାଆ ଏବଂ ଦେହରେ ସାମାନ୍ୟ ଜ୍ୱର। ଏହି ଲକ୍ଷଣମାନ ମାତ୍ର ୩-୪ ଦିନ ପର୍ଯ୍ୟନ୍ତ ରହେ। ଅନେକ ରୋଗୀଙ୍କ କ୍ଷେତ୍ରରେ କାମୁଡ଼ା ସ୍ଥାନରେ ଅନୁଭୂତ ହୁଏ ଯନ୍ତ୍ରଣା ଓ ଛୁଞ୍ଚି ଫୋଡ଼ି ହେବା ଭଳି ଲାଗିଥାଏ। ଉଚ୍ଚ ଶବ୍ଦ, ତୀବ୍ର ଆଲୋକ ଓ ଶୀତୁଆ ପବନକୁ ରୋଗୀ ସହି ପାରେନି। କାହା କାହାଠାରେ ଦେହରୁ ଝାଳ ବହେ। ପାଟିରୁ ଲାଳ ଗଡ଼େ। ଆଖିରୁ ଲୁହ ଝରେ। ଆଉ ଧୀରେ ଧୀରେ ଏସବୁ ବଢ଼ି ବଢ଼ି ଚାଲେ। ସେ ଯେତେ ଚେଷ୍ଟା କଲେ ବି ଜଳ ସମେତ କୌଣସି ତରଳ ପଦାର୍ଥ ଢୋକି ପାରେନି। ଏପରିକି ଜଳକୁ ଦେଖିଦେଲେ କି ଜଳ ବୋହୁଥିବାର ଶବ୍ଦ ଶୁଣିଲେ ଆତଙ୍କିତ ହୋଇପଡେ। ଏହି କାରଣରୁ ରୋଗୀ ଜଳକୁ ଦେଖିଲେ ଆସନ୍ନ ଯନ୍ତ୍ରଣା କଥା ଭାବି ଆତଙ୍କିତ ହୋଇପଡ଼େ। ସେଥିପାଇଁ ଏହି ରୋଗକୁ ଜଳ(ହାଇଡ୍ରୋ-) ପ୍ରତି ଆତଙ୍କ (ଫୋବିଆ) ବା 'ହାଇଡ୍ରୋଫୋବିଆ' ବୋଲି କୁହନ୍ତି। ରୋଗ ମାତ୍ର ୨-୩ ଦିନ କିମ୍ବା କଦବା କେମିତି ୫-୬ ଦିନ ସ୍ଥାୟୀ ହୋଇ ରୋଗୀ ମୃତ୍ୟୁବରଣ କରେ। ଏହି ରୋଗ ହେଲେ ମୃତ୍ୟୁ ପ୍ରାୟତଃ ସୁନିଶ୍ଚିତ। ହଠାତ୍ ବାତ ମାରି ରୋଗୀ ମରିଯାଏ କିମ୍ବା ପକ୍ଷାଘାତ ହୋଇ ଓ ଅଚେତ ହୋଇ ପଡ଼ି ରୋଗୀର ମୃତ୍ୟୁ ଘଟେ। ତେଣୁ ଏସବୁ ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ଉପଯୁକ୍ତ ଚିକିତ୍ସା କରାଇ ନିଅନ୍ତୁ।

## ଚକ୍ଷୁଦାନ କରୁଥିଲେ...



ଚକ୍ଷୁଦାନ ମହତ ଦାନ। କେବଳ ଏକଥା କହିଦେଲେ ହେବ ନାହିଁ। ଏହାର ମହତ୍ତ୍ୱ କେତେ ରହିଛି ତାହା ଉପଲବ୍ଧି କରିବା ନିହାତି ଦରକାର। ଚକ୍ଷୁ ଦ୍ୱାରା ଆମେ ଦେଖିପାରୁ। ଏହାକୁ ହରାଇବା ପରେ ଜଣକୁ ଅନ୍ୟ ଜଣକ ଉପରେ ସାହାରା ହୋଇ ବଞ୍ଚିବାକୁ ପଡ଼ିଥାଏ। ତେବେ ଆଜିକାଲି ଦୃଷ୍ଟି ଶକ୍ତି ହରାଇଥିବା ବ୍ୟକ୍ତିମାନେ ଆଉ ସେହି ଅନ୍ଧାର ଭିତରେ ରହୁନାହାନ୍ତି। ଚକ୍ଷୁ ପ୍ରତ୍ୟାରୋପଣ କରାଯାଉଛି ଏବଂ ସେମାନେ ପୁଣି ଥରେ ଦୁନିଆକୁ ଦେଖିପାରୁଛନ୍ତି। ହେଲେ ଚକ୍ଷୁଦାନ ପୂର୍ବରୁ ଆମେ କେତୋଟି ବିଷୟ ଜାଣି ରଖିବା ନିହାତି ଦରକାର। ବିଶେଷଭାବରେ ମୃତ୍ୟୁ ପରେ ହିଁ ଚକ୍ଷୁଦାନ କରାଯାଇଥାଏ। ହେଲେ କେତେକ ବ୍ୟକ୍ତି ଅଙ୍ଗଦାନ ମିଶନରେ ନିଜକୁ ସାମିଲ କରି ପୂର୍ବରୁ ଏକଥା ଘୋଷଣା କରିବାର ଅନେକ ନଜିର ରହିଛି। ଚକ୍ଷୁଦାନ କରିବାକୁ ଚାହୁଁଥିଲେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ଏ ନେଇ ଆଲୋଚନା କରନ୍ତୁ। ଆମ ରାଜ୍ୟରେ ଚକ୍ଷୁ ସଂଗ୍ରହ ପାଇଁ ଚକ୍ଷୁ ଭଣ୍ଡାର ରହିଛି। ଯଦି ଆପଣ ନିଜର ଚକ୍ଷୁ ଦାନ କରିବାକୁ ଆଗ୍ରହୀ କିମ୍ବା କୌଣସି ମୃତ ବ୍ୟକ୍ତିଙ୍କର ଚକ୍ଷୁ ଦାନ କରିବାକୁ ଚାହୁଁଛନ୍ତି ତେବେ ଚକ୍ଷୁ ଭଣ୍ଡାରରେ ପ୍ରଥମେ ରେଜିଷ୍ଟ୍ରେଶନ କରନ୍ତୁ। ତା' ସହ ନିଜ ପରିବାରକୁ ଏ ବିଷୟରେ ପୂର୍ବରୁ ସୂଚନା ଦିଅନ୍ତୁ। ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବାର ଛଅ ଘଣ୍ଟା ମଧ୍ୟରେ ଚକ୍ଷୁ ସଂଗ୍ରହ କରାଯାଇଥାଏ। ସୂଚନା ପାଇବା ପରେ ଚକ୍ଷୁ ଭଣ୍ଡାରର ଅଭିଜ୍ଞ ବିଶେଷଜ୍ଞ ଦଳ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଚକ୍ଷୁ ସଂଗ୍ରହ କରିଥାଆନ୍ତି। ତେବେ ଏହି ଛଅ ଘଣ୍ଟା ଭିତରେ ଚକ୍ଷୁକୁ ଯେପରି କୌଣସି ପ୍ରକାର ଆଘାତ ନ ପହଞ୍ଚେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁଫୁଲ



କଖାରୁ ଫୁଲରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ନିକଟରେ ଏହି ତାଲିକାରେ ଆଉ ଏକ ଭଲ ଗୁଣକୁ ସାମିଲ କରାଯାଇଛି। ତାହା କ'ଣ ଜାଣନ୍ତି? ପ୍ରାୟ ନିୟମିତ କଖାରୁ ଫୁଲରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହାର ଭଲ ପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡିଥାଏ। ଅର୍ଥାତ୍, ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହୋଇଥାଏ। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏହା ଉପରେ ଏକ ସର୍ଭେ କରିଥିଲେ। ନିୟମିତ କଖାରୁଫୁଲ ଖାଉଥିବା ବ୍ୟକ୍ତିମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କିପରି ରହୁଛି ତାହାକୁ ସେମାନେ ଭଲ ଭାବରେ ନିରୀକ୍ଷଣ କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହେବା ପଛରେ କଖାରୁ ଫୁଲର ଭୂମିକା ଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କଖାରୁ ଫୁଲରେ ଭିଟାମିନ୍ 'ସି' ରହିଛି। ଏହାକୁ ଖାଇଲେ ଥଣ୍ଡା, କାଶ, କଫରୁ କେତେକାଂଶରେ ଉପଶମ ମିଳିଥାଏ। ଏଥିରେ ଭିଟାମିନ୍ 'ଏ' ମଧ୍ୟ ଭରି ରହିଛି। ତେଣୁ କଖାରୁଫୁଲ ଦୃଷ୍ଟି ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। କେବଳ ସେତିକି ନୁହେଁ, ଏହା ଅନ୍ଧାରକଣା ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହାକୁ ଖାଇଲେ ତାହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ୍ୟ ତିଆରି କରିଥାଏ। କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ରହିଛି, ଯାହା ଅସ୍ଥି ଏବଂ ଦାନ୍ତକୁ ମଜଭୁତ କରିବାରେ ସାହାଯ୍ୟ କରେ।

## ଜାଣିରଖନ୍ତୁ



- ମୁଣ୍ଡ ଯଦି ସବୁବେଳେ ବିନ୍ଧୁଛି ତେବେ ଏନେଇ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ଏଭଳି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଲେ ତାହାକୁ ମାଇଗ୍ରେନ୍ କୁହାଯାଏ। ତେଣୁ ତାହାର ଠିକ୍ ସମୟରେ ଚିକିତ୍ସା କରାଇ ନେବା ଦରକାର।
- ଅଙ୍ଗୁରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ଅଛି, ଯାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି।
- ଯଦି ଆପଣଙ୍କର ଡାଇବେଟିସ୍ ସମସ୍ୟା ରହିଛି ତେବେ ନିଜକୁ ଯେତେ ସମ୍ଭବ ଟେନସନ ଠାରୁ ଦୂରେଇ ରଖନ୍ତୁ। କାରଣ ଏହା ଧୀରେ ଧୀରେ ରକ୍ତରେ ସୁଗାର ପରିମାଣକୁ ବୃଦ୍ଧି କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ନିୟମିତ ସମୟ ବ୍ୟବଧାନରେ ନିଜର ଶରୀର ଚେକ୍‌ଅପ୍ କରାଇ ନିଅନ୍ତୁ।
- ଫଳମୂଳ ଖାଇବା ପରେ ପରେ ଆଦୌ ପାଣି ପିଅନ୍ତୁ ନାହିଁ।
- ବୟସ ୫୦ ଟପିଲେ ସାଧାରଣତଃ ନିଜର ଖାଦ୍ୟପେୟ, ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏହି ସମୟରେ ନିଜର ବ୍ଲଡପ୍ରେସର, ରକ୍ତରେ ସୁଗାର ପରିମାଣ ନିୟମିତ ସମୟ ଅନ୍ତରାଳରେ ମାପି ନିଅନ୍ତୁ।
- ଯଦି ଆପଣ ଗୁରୁତର ରୋଗରେ ପୀଡ଼ିତ ତେବେ ଡାକ୍ତରଙ୍କ ପରାମର୍ଶକୁ ଅଣଦେଖା କରନ୍ତୁ ନାହିଁ। ନିୟମିତ ଔଷଧ ଖାଇବା ସହ ରୋଗର ଅବସ୍ଥା କିପରି ଅଛି ତାହା ପରୀକ୍ଷା କରାଇ ନିଅନ୍ତୁ।
- ସବୁବେଳେ ଖାଇବା ଏବଂ ଶୋଇବାର ଏକ ଟାଇମ ନିର୍ଦ୍ଧାରଣ କରନ୍ତୁ।
- ସବୁବେଳେ ଏକୁଟିଆ ବସି ଏଣୁତେଣୁ ଭାବିଲେ ତାହାର ପ୍ରଭାବ ଶରୀର ଉପରେ ପଡିଥାଏ। ତେଣୁ ନିଜ ମନକୁ ଏପରି ପରିବେଶରେ ରଖନ୍ତୁ ଯାହାଦ୍ୱାରା ଆପଣ ଏକ ଖୁସି ଜୀବନ ବିତାଇ ପାରିବେ।
- ନିଜର ଓଜନ କିପରି ସନ୍ତୁଳିତ ରହିବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ଯଦି ଓଜନ ବଢ଼ି ଚାଲିଲା ତେବେ ତାହା ପରୋକ୍ଷରେ କେତେକ ରୋଗକୁ ଅଯଥାରେ ଡାକି ଆଣିଥାଏ।



## ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା



ସନ୍ତୁଳିତ ଖାଦ୍ୟ ଆମ ଶରୀର ପାଇଁ କେତେ ଉପକାରୀ ତାହା ପ୍ରାୟ ଅନେକେ ଜାଣନ୍ତି। ହେଲେ ଏଭଳି ଖାଦ୍ୟର ସୁପ୍ରଭାବ ମାନସିକତା ଉପରେ ମଧ୍ୟ ପଡ଼ିଥାଏ। ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡିଛି। 'ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବା ଫଳରେ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ପୂର୍ବାପେକ୍ଷା ସକାରାତ୍ମକ ରହୁଥିଲା। କେବଳ ସନ୍ତୁଳିତ ଖାଦ୍ୟ ନୁହେଁ, ନିୟମିତ ବ୍ୟାୟାମ, ଯୋଗ କଲେ ମଧ୍ୟ ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ।

# କ୍ଷତିକାରକ ନିଶା ଔଷଧ



ଦେବାଶିଷ ମହାନ୍ତି

''ପ୍ରାକୃତିକ ମାନସିକ ପ୍ରଭାବୀ ଔଷଧ ବା ନାର୍କୋଟିକ୍ସ ଡ୍ରଗ୍‌ସ ସାଧାରଣତଃ ନିମ୍ନଲିଖିତ ତିନୋଟି ଗଛ ମଧ୍ୟରୁ ଗୋଟିଏରୁ ଆସିଥାଏ। ଅଫିମ ଗଛ ବା ଅଫିମ ପପି (ପାପାଭର ସୋମନିଫେରସ), ଗଞ୍ଜେଇ ଗଛ (କ୍ୟାନାବିସ) ଓ କୋକା ଗଛ। ଅଫିମ ଗଛ ସୁନ୍ଦର ଲାଲ ଏବଂ ଧଳା ଫୁଲ ଉତ୍ପାଦନ କରେ, ଯାହା ପାକଳ ହୋଇ ଫଳରେ ପରିଣତ ହୁଏ। ଲାନ୍ସିଂ ନାମକ ଏକ ପ୍ରକ୍ରିୟା ମାଧ୍ୟମରେ ଏହି ଫଳ ଛେଦନ କରାଗଲେ କ୍ଷୀର ବାହାରକୁ ବାହାରି ଆସି ଫଳର ପୃଷ୍ଠରେ ଲାଗି ଯାଏ। ବାୟୁମଣ୍ଡଳର ସଂସ୍ପର୍ଶରେ ଆସିଲେ, ଏହି କ୍ଷୀର ବାଦାମୀ କିମ୍ବା କଳା ରଙ୍ଗର ଅଠାଳିଆ ଲାଖ ଭଳିଆ ପଦାର୍ଥରେ ପରିଣତ ହୋଇଯାଏ ଏବଂ ଏହି ପଦାର୍ଥକୁ ଅଫିମ କୁହାଯାଏ। ଅଫିମ ଏକ ମାନସିକ ପ୍ରଭାବୀ ଅପବ୍ୟବହୃତ ଔଷଧ।''

ଦିନେ କ୍ଲାସ ସରିଯିବା ପରେ ମହାବିଦ୍ୟାଳୟର ସାଧାରଣ ପ୍ରକୋଷ୍ଠରେ ବସି ସହକର୍ମୀମାନଙ୍କ ସହିତ କିଛି ସାମ୍ପ୍ରତିକ ଘଟଣା ବିଷୟରେ କଥୋପ କଥନରେ ବ୍ୟସ୍ତ ଥାଏ। ଏହି ସମୟରେ ମୋବାଇଲରେ ହ୍ୱାଟ୍‌ସଆପ ସନ୍ଦେଶ ଆସିବାର ଶବ୍ଦରେ ସମସ୍ତଙ୍କ ନଜର ମୋବାଇଲ ଆଡ଼କୁ ଚାଲିଗଲା। ହ୍ୱାଟ୍‌ସଆପ ଦେଖିବାରୁ ମହାବିଦ୍ୟାଳୟରେ ନିଶା ନିବାରଣ ସପ୍ତାହ ପାଳନ ପାଇଁ ଅଧ୍ୟକ୍ଷଙ୍କ ସନ୍ଦେଶ ପ୍ରାପ୍ତ ହେଲା। ଏହି ସନ୍ଦେଶକୁ ପଢୁ ପଢୁ ଜଣେ ବାଣିଜ୍ୟ ବିଭାଗର ସହକର୍ମୀ କହି ଉଠିଲେ ଏହି ନିଶା ରାକ୍ଷସର କବଳରେ ବର୍ତ୍ତମାନର ଯୁବ ପିଢ଼ି ଫସି ଗଲାଣି। ସେଇଠୁ ମୁଁ ମୋର ମତ ଦେବା ଆରମ୍ଭ କରି କହିଲି-ନର୍କୋଟିକ୍‌ସ ଔଷଧ ସେବନରେ ଆମ ରାଜ୍ୟ ଓଡ଼ିଶା ସାରା ଭାରତବର୍ଷରେ ତୃତୀୟ ସ୍ଥାନରେ ଥିବାବେଳେ ଆମର ଏହି ଶାନ୍ତି ସହର ଢେଙ୍କାନାଳ ଓଡ଼ିଶାରେ ମଧ୍ୟ ଅଗ୍ରଣୀ ସ୍ଥାନରେ ଅଛି। ସେ ଟିକେ ଜିଜ୍ଞାସୁ ହୋଇ ପଚାରିଲେ ସାର୍ ଏହି ନାର୍କୋଟିକ୍‌ସ ଡ୍ରଗ୍‌ସ କ'ଣ ଓ ଏହା ପଛରେ ଯୁବପିଢି ପାଗଳ କାହିଁକି। ଏହି ପ୍ରଶ୍ନ ମୋତେ ନିଶାଦ୍ରବ୍ୟର ଦୁନିଆ ବିଷୟରେ ବର୍ଣ୍ଣନା କରିବାକୁ ପ୍ରେରଣା ଦେଲା। ମୁଁ କହିଲି ମ୍ୟାଡାମ, ନାର୍କୋଟିକ୍ସ ହେଉଛି ଏପରି ଔଷଧ ଯାହା ଇନ୍ଦ୍ରିୟକୁ ମନ୍ଥର କରିଦିଏ ଏବଂ ଯନ୍ତ୍ରଣାରୁ ମୁକ୍ତି ଦିଏ। ସ୍ୱଳ୍ପ ପରିମାଣରେ ବ୍ୟବହାର କଲେ ଏହା ଔଷଧ ଭଳି କାର୍ଯ୍ୟକରେ। ଡାକ୍ତରମାନେ ବିଶେଷକରି ଅସ୍ତ୍ରୋପଚାର ପରେ ପ୍ରାୟତଃ ଯନ୍ତ୍ରଣା ଉପଶମ ପାଇଁ ଅଳ୍ପ ପରିମାଣରେ ଏହାକୁ ବ୍ୟବହାର ପାଇଁ ପରାମର୍ଶ ଦିଅନ୍ତି। କିନ୍ତୁ ଡାକ୍ତରୀ ପରାମର୍ଶ ବିନା ବ୍ୟବହାର କଲେ କିମ୍ବା ଅଧିକ ମାତ୍ରାରେ ଗ୍ରହଣ କଲେ, ଏହା ବିପଜ୍ଜନକ ଏବଂ ନିଶାସକ୍ତ କରିଦିଏ। ନାର୍କୋଟିକ୍ସ ଏକ ପ୍ରକାରର ମାନସିକ ପ୍ରଭାବଶାଳୀ ଔଷଧ। ଅର୍ଥାତ୍ ଏହା ସିଧାସଳଖ ଆମ ମସ୍ତିଷ୍କକୁ ପ୍ରଭାବିତ କରେ। କିଛି ଅଫିମ ଗଛ ପରି ପ୍ରାକୃତିକ ଉତ୍ସରୁ ତିଆରି ଏବଂ ଆଉ କିଛି କୃତ୍ରିମ ଉପାୟରେ ପରୀକ୍ଷାଗାରରେ ପ୍ରସ୍ତୁତ କରାଯାଏ। ଏହି ନିଶାଗ୍ରସ୍ତ କରୁଥିବା ମାନସିକ ପ୍ରଭାବୀ ଔଷଧ ବା ନାର୍କୋଟିକ୍‌ସ ଡ୍ରଗ୍‌ସକୁ ନିମ୍ନ ଭାବେ ଶ୍ରେଣୀଭୁକ୍ତ କରାଯାଇପାରେ। ପ୍ରାକୃତିକ ଔଷଧ, ଅର୍ଦ୍ଧ-କୃତ୍ରିମ ଔଷଧ ଏବଂ କୃତ୍ରିମ ଔଷଧ।



**ପ୍ରାକୃତିକ ଔଷଧ:** ପ୍ରାକୃତିକ ମାନସିକ ପ୍ରଭାବୀ ଔଷଧ ବା ନାର୍କୋଟିକ୍‌ସ ଡ୍ରଗ୍‌ସ ସାଧାରଣତଃ ନିମ୍ନଲିଖିତ ତିନୋଟି ଗଛ ମଧ୍ୟରୁ ଗୋଟିଏରୁ ଆସିଥାଏ। ଅଫିମ ଗଛ ବା ଅଫିମ ପପି (ପାପାଭର ସୋମନିଫେରସ), ଗଞ୍ଜେଇ ଗଛ (କ୍ୟାନାବିସ) ଓ କୋକା ଗଛ। ଅଫିମ ଗଛ ସୁନ୍ଦର ଲାଲ ଏବଂ ଧଳା ଫୁଲ ଉତ୍ପାଦନ କରେ, ଯାହା ପାକଳ ହୋଇ ଫଳରେ ପରିଣତ ହୁଏ। ଲାନ୍ସିଂ ନାମକ ଏକ ପ୍ରକ୍ରିୟା ମାଧ୍ୟମରେ ଏହି ଫଳ ଛେଦନ କରାଗଲେ କ୍ଷୀର ବାହାରକୁ ବାହାରି ଆସି ଫଳର ପୃଷ୍ଠରେ ଲାଗିଯାଏ। ବାୟୁମଣ୍ଡଳର ସଂସ୍ପର୍ଶରେ ଆସିଲେ, ଏହି କ୍ଷୀର ବାଦାମୀ କିମ୍ବା କଳା ରଙ୍ଗର ଅଠାଳିଆ ଲାଖ ଭଳିଆ ପଦାର୍ଥରେ ପରିଣତ ହୋଇଯାଏ ଏବଂ ଏହି ପଦାର୍ଥକୁ ଅଫିମ କୁହାଯାଏ। ଅଫିମ ଏକ ମାନସିକ ପ୍ରଭାବୀ ଅପବ୍ୟବହୃତ ଔଷଧ। ଗଞ୍ଜେଇ ଗଛ ଜଙ୍ଗଲୀ ଭାବରେ ବଢ଼ିଥାଏ ଏବଂ ବେଆଇନ ଭାବରେ ଚାଷ କରାଯାଏ। ଗଞ୍ଜେଇ ଗଛର ଫୁଲର ଶୀର୍ଷକୁ ଗଞ୍ଜେଇ କୁହାଯାଏ। ଗଛକୁ ଚୂର୍ଣ୍ଣ କରି ଉତ୍ପାଦିତ ଗୁଣ୍ଡକୁ ଭାଙ୍ଗ କୁହାଯାଏ। କୋକା ଗଛର ପତ୍ର ଏବଂ ଏହି ପତ୍ରରୁ ତିଆରି କୋକା ପେଷ୍ଟ ମଧ୍ୟ ହେଉଛି ଉତ୍ତେଜକ ଔଷଧ। ତେଣୁ ଅଫିମ, ଗଞ୍ଜେଇ, ଭାଙ୍ଗ, ଚରସ, କୋକା ପତ୍ର ଏବଂ କୋକା ପେଷ୍ଟ ହେଉଛି ପ୍ରାକୃତିକ ନିଶାଗ୍ରସ୍ତ କରୁଥିବା ମାନସିକ ପ୍ରଭାବୀ ଔଷଧ।

**ଅର୍ଦ୍ଧ-କୃତ୍ରିମ ଔଷଧ:** ଯଦି ପ୍ରାକୃତିକ ଔଷଧରୁ ଏହାର ସକ୍ରିୟ ଉପାଦାନକୁ ପୃଥକ କରିବା ପାଇଁ କିମ୍ବା ଏହାକୁ ପରିବର୍ତ୍ତନ କରିବା ପାଇଁ ରାସାୟନିକ ପ୍ରତିକ୍ରିୟା କରାଯାଏ, ତେବେ ଯେଉଁ ପଦାର୍ଥ ମିଳେ ତାକୁ ଅର୍ଦ୍ଧ-କୃତ୍ରିମ ଔଷଧ କୁହାଯାଏ। ମର୍ଫିନ, କୋଡିନ, ହେରୋଇନ ଇତ୍ୟାଦି ଅଫିମରୁ ଉତ୍ପାଦିତ ଅର୍ଦ୍ଧ-କୃତ୍ରିମ ଔଷଧ ହୋଇଥିବା ବେଳେ କୋକେନ ହେଉଛି କୋକା ଗଛରୁ ଉତ୍ପାଦିତ ଏକ ଅର୍ଦ୍ଧ-କୃତ୍ରିମ ଔଷଧ। (କ୍ରମଶଃ..)

-ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ
ସ୍ୱୟଂ ଶାସିତ ମହାବିଦ୍ୟାଳୟ,ଢେଙ୍କାନାଳ
ମୋ-୯୮୬୧୩୯୧୧୯୦

# ଧରିତ୍ରୀ
DHARITRI
ଧରିତ୍ରୀ 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁଲାଇ ୧୪/୨୦୨୫ Bhubaneswar, Monday, July 14/ 2025


# ଭାରତ ସମ୍ମୁଖରେ ୧୯୩ ଲକ୍ଷ୍ୟ




ଜୋ ରୁଟ୍‌ଙ୍କ ଉଇକେଟ ନେବାପରେ ୱାଶିଂଟନ ସୁନ୍ଦରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ୱାଶିଂଟନ ସୁନ୍ଦରଙ୍କ ଚମତ୍କାର ବୋଲିଂ

**ଲର୍ଡ୍ସ, ୧୩।୭**

ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଚମତ୍କାର ବୋଲିଂ କରି ଭାରତ ପାଇଁ ବିଜୟ ଆଶା ସଞ୍ଚାର କରିଛନ୍ତି ୱାଶିଂଟନ ସୁନ୍ଦର। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୯୨ ରନକରି ଅଲ୍‌ଆଉଟ ହୋଇଛି। ଫଳରେ ଭାରତ ସମ୍ମୁଖରେ ୧୯୩ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଉଭୟ ଭାରତ ଓ ଇଂଲଣ୍ଡ ପ୍ରଥମ ଇନିଂସରେ ୩୮୭ ରନ ଲେଖାଏ ସଂଗ୍ରହ କରିଥିଲେ। ତୃତୀୟ ଦିବସର ଅସମାପ୍ତ ସ୍କୋର ୨/୦ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଭାରତୀୟ ବୋଲରମାନେ ସୁନ୍ଦର ବୋଲିଂକରି ଇଂଲଣ୍ଡ ଟପ୍ ଅର୍ଡରଙ୍କୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ବେନ୍ ଡକେଟ ୧୨, ଓଲି ପୋପ୍ ୪,ଜ୍ୟାକ କ୍ରାଲି ୨୨ ରନ କରି ଆଉଟ ହେବାରୁ ୫୦ ରନ ମଧ୍ୟରେ ଇଂଲଣ୍ଡ ୩ଟି ଉଇକେଟ ହରାଇଥିଲା। ହ୍ୟାରି ବ୍ରୁକ୍ ମଧ୍ୟ ମାତ୍ର ୨୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜୋ ରୁଟ୍ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ମାତ୍ର ୫ମ ଉଇକେଟରେ ୬୭ ରନ ଯୋଗ ହେବାପରେ ନିର୍ଭରଯୋଗ୍ୟ ରୁଟ୍(୪୦ ରନ)ଙ୍କୁ କ୍ଲିନ ବୋଲ୍ଡ କରି ଭାରତୀୟ ଶିବିରରେ ଉତ୍ସାହ ଭରି ଦେଇଥିଲେ ସୁନ୍ଦର। କେବଳ ସେତିକି ନୁହେଁ ସେ ଇନ୍ ଫର୍ମ ବ୍ୟାଟର ଜେମି ସ୍ମିଥ୍(୮), ଅଧିନାୟକ ଷ୍ଟୋକ୍ସ (୩୩ ରନ), ଓ ଶୋଏବ ବଶିର (୨)ଙ୍କୁ ଆଉଟ କରି ଭାରତ ପାଇଁ ହିରୋ ବନି ଯାଇଥିଲେ। ବ୍ରାଇଡନ କାର୍ସ (୧) ଓ କ୍ରିସ୍ ୱକ୍ସ (୧୦)ଙ୍କୁ ଯଶପ୍ରୀତ୍ ବୁମ୍‌ରା ବୋଲ୍ଡ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭।
ଭାରତ ପ୍ରଥମ ଇନିଂସ: ୩୮୭।
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୨/ଅଲ୍‌ଆଉଟ (ଜୋ ରୁଟ୍-୪୦, ବେନ୍ ଷ୍ଟୋକ୍ସ-୩୩, ୱାଶିଂଟନ ସୁନ୍ଦର-୪/୨୨, ଯଶପ୍ରୀତ୍ ବୁମ୍‌ରା-୨/୩୮, ମହମ୍ମଦ ସିରାଜ-୨/୩୧, ନୀତୀଶ କୁମାର ରେଡ୍ଡୀ-୧/୨୦, ଆକାଶ ଦୀପ୍-୧/୩୦)।

# ୱିମ୍ବଲଡନ ଟେନିସ
## କୁଦେରମେଟୋଭା-ମର୍ଟେନ୍ସଙ୍କୁ ମହିଳା ଡବଲ୍ସ ଟାଇଟଲ

**ଲଣ୍ଡନ, ୧୩।୭:** ରୁଷିଆର ଭେରୋନିକା କୁଦେରମେଟୋଭା ଓ ବେଲଜିୟମର ଏଲିସେ ମର୍ଟେନ୍ସଙ୍କ ଯୋଡ଼ି ୱିମ୍ବଲଡନ ଟେନିସ ଚାମ୍ପିୟନଶିପ୍‌ରେ ମହିଳା ଡବଲ୍ସ ଟାଇଟଲ ହାତେଇଛନ୍ତି। ରବିବାର ସେଣ୍ଟର କୋର୍ଟରେ ଖେଳାଯାଇଥିବା ମହିଳା ଡବଲ୍ସ ଫାଇନାଲ ମ୍ୟାଚ୍‌ରେ କୁଦେରମେଟୋଭା ଓ ମର୍ଟେନ୍ସ ୩-୬, ୬-୨, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଲାଟ୍‌ଭିଆର ଜେଲେନା ଓସ୍ତାପେଙ୍କୋ ଓ ତାଇୱାନର ହସିହ ସୁ-ୱେଇଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ରେ ଦୁଇ ଯୋଡ଼ି ମଧ୍ୟରେ ୨ ଘଣ୍ଟା ୨୩ ମିନିଟ୍ ଧରି ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଏହା କୁଦେରମେଟୋଭାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହୋଇଥିବା ବେଳେ ମର୍ଟେନ୍ସଙ୍କ ଲାଗି ଏହା ପଞ୍ଚମ ଗ୍ରାଣ୍ଡସ୍ଲାମ ଓ ଦ୍ୱିତୀୟ ୱିମ୍ବଲଡନ ଟ୍ରଫି। ମର୍ଟେନ୍ସ ପୂର୍ବରୁ ୨୦୨୧ରେ ୱିମ୍ବଲଡନରେ ଡବଲ୍ସ ଟାଇଟଲ ଜିତିଥିଲେ। ସେଥିରେ ସୁ-ୱେଇ ତାଙ୍କ ସାଥି ଖେଳାଳି ଥିଲେ। ଏପରିକି ମର୍ଟେନ୍ସ ଓ ସୁ-ୱେଇ ସେହି ଫାଇନାଲରେ କୁଦେରମେଟୋଭା ଓ ଏଲେନା ଭେସନିନାଙ୍କୁ ଫାଇନାଲରେ ପରାସ୍ତ କରିଥିଲେ।

# ଓଡ଼ିଶା ଦଳକୁ ରୌପ୍ୟ ପଦକ




ରୌପ୍ୟ ପଦକ ବିଜୟୀ ଓଡ଼ିଶା ପୁରୁଷ ରଗ୍‌ବୀ ଦଳ।

## ଜାତୀୟ ଜୁନିୟର ରଗ୍‌ବୀ

**ଭୁବନେଶ୍ୱର, ୧୩।୭ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଜୁନିୟର (୧୮ ବର୍ଷରୁ କମ୍) ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ରୌପ୍ୟ ପଦକ ହାସଲ କରିଛି। ଗତଥରର ଚାମ୍ପିୟନ ଓଡ଼ିଶା ପୁରୁଷ ଦଳ ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ବିହାରଠାରୁ ୧୫-୧୭ ଗୋଲରେ ହାରି ଯାଇଛି। ଫଳରେ ଟାଇଟଲ ବଜାୟ ରଖିବାରେ ଦଳ ବିଫଳ ହୋଇଛି। କ୍ୱାର୍ଟର ଫାଇନାଲରେ ଓଡ଼ିଶା ୫୯-୦ରେ ତେଲଙ୍ଗାନାକୁ ଏବଂ ସେମିଫାଇନାଲରେ ୨୨-୦ରେ ଦିଲ୍ଲୀକୁ ପରାସ୍ତ କରିଥିଲା। ପ୍ରତିଯୋଗିତାରେ ମୋଟ ୨୭ଟି ଦଳ ଅଂଶଗ୍ରହଣ କରିଥିଲେ। ମୋଟ ୯ଟି ଗ୍ରୁପ୍‌କୁ ନେଇ ଲିଗ୍ ପର୍ଯ୍ୟାୟ ହୋଇଥିବାବେଳେ ଓଡ଼ିଶା ପୁଲ୍-ଏ'ରେ ଆସାମ ଓ ତାମିଲନାଡୁ ସହିତ ସ୍ଥାନ ପାଇଥିଲା। ତାମିଲନାଡୁକୁ ଓଡ଼ିଶା ୫୬-୦ ଓ ଆସାମକୁ ୩୪-୭ରେ ହରାଇବାପରେ ପ୍ରି-କ୍ୱାର୍ଟର ଫାଇନାଲରେ ଆସାମକୁ ୩୧-୦ରେ ହରାଇ ଆଗକୁ ବଢ଼ିଥିଲା। ପ୍ରକାଶଯୋଗ୍ୟ, ପ୍ରତିଯୋଗିତାର ମହିଳା ବର୍ଗରେ ମଧ୍ୟ ଓଡ଼ିଶା ରୌପ୍ୟ ପଦକ ହାସଲ କରିଥିଲା। ଓଡ଼ିଶା ବାଳକ ଦଳ: ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ, ରାହୁଲ ମାଝୀ, ଚିନ୍ମୟ କୁମାର ନାଏକ, ସୂରଜ କୁମାର ଦୋରା, ଈଶ୍ୱର ପୂଝାରୀ, ମଣ୍ଟୁ ଟୁଡୁ, ଶିବା ସୋରେନ, ଭାରତ କିସାନ, ଆତ୍ମା ମୁର୍ମୁ, ସୁବାସ ହାଂସଦା, ଶୁଭପ୍ରିତ ନାଏକ। କୋଚ୍: ଧୀରେନ କୁମାର ରାଉତ।

# ଆଜି କ୍ୱାର୍ଟର ଓ ସେମିଫାଇନାଲ




ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ରବିବାର ଶଟ୍ ଖେଳିବା ଅବସରରେ ଦୁଇ ଖେଳାଳି।

## ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୧୩।୭ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମ 'ସଟଲ'ରେ ଚାଲିଥିବା ୟୋନେକ୍ସ ସନ୍‌ରାଇଜ ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ସୋମବାର କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ଏବଂ ମଙ୍ଗଳବାର ଫାଇନାଲ ଅନୁଷ୍ଠିତ ହେବ। ପୁରୁଷ ସିଙ୍ଗଲ୍ସ ପ୍ରି କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ କର୍ଣ୍ଣାଟକର ରଘୁ ଏମ. ମହାରାଷ୍ଟ୍ରର କ୍ରିଶ ଦେଶାଇଙ୍କୁ, ହରିୟାଣାର ମନରଜ ସିଂ ପଞ୍ଜାବର ଅଭିନ ଠାକୁରଙ୍କୁ, ମଣିପୁରର ଏମ. ମୈରବା ଦିଲ୍ଲୀର ଗିନପଲ ଏସ୍‌ଙ୍କୁ ଏବଂ ହରିୟାଣର ରବି ଓ ମହାରାଷ୍ଟ୍ରର କୌଶଲ ଧର୍ମମେର ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ନିଜ ସ୍ଥାନ ସୁରକ୍ଷିତ ରଖିଛନ୍ତି। ମହିଳା ପ୍ରି- କ୍ୱାର୍ଟର ଫାଇନାଲରେ ଟପ ସିଡ୍ ଉତ୍ତର ପ୍ରଦେଶର ମାନସୀ ସିଂ ଆନ୍ଧ୍ରପ୍ରଦେଶର ସୂର୍ଯ୍ୟା ଚାରିସ୍ମା ତମେରୀଙ୍କୁ, ଗୁଜରାଟର ଆଇସା ଗାନ୍ଧୀ ଦିଲ୍ଲୀର ଦିଆଙ୍କ ୱାଲଦିଆଙ୍କୁ, ଆସାମର ଇସାରାଣୀ ବରୁଆ ରାଜସ୍ଥାନର ସାକ୍ଷୀ ଫୋଗଟଙ୍କୁ ଏବଂ କର୍ଣ୍ଣାଟକର ଇଲିଶା ପଲ ଓ ଗୁଜରାଟର ଶ୍ରେୟା ଲେଲେ ନିଜ ନିଜ ମ୍ୟାଚ ଜିତି କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି । କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓସବା) ସଭାପତି ତଥା ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବି.କେ. ସ୍ୱାଇଁ ପ୍ରମୁଖ ଭେନ୍ୟୁସ୍ଥଳ ପରିଦର୍ଶନ କରି ଖେଳ ଉପଭୋଗ କରିଥିଲେ। ଓସବା ସମ୍ପାଦକ ନଳିନ କୁମାରଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

# ସ୍କୁଲ୍ସ ଓପନ ଚେସ୍: ଭିନିତ ଚାମ୍ପିୟନ




କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୩।୭ (ତପନ ସ୍ୱାଇଁ)**

ବିଜେଇଏମ୍ ସ୍କୁଲ-୧ ପରିସରରେ ରବିବାର ଅନୁଷ୍ଠିତ ସ୍କୁଲ୍ସ ଓପନ ଚେସ୍‌ରେ ଭିନିତ ନାୟକ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ସତ୍ୟମ ସ୍ୱରୂପ ସାହୁ, ପ୍ରାଂଶୁ ଦାଶ, ଆଦ୍ୟା ଅଭିତ ଦାସ ଓ ଆରିସ ନନ୍ଦ ଗୋସ୍ୱାମୀ ୪ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୪ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍-ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କୁଲ ଭାଇସ-ପ୍ରିନ୍ସିପାଲ ପଲ୍ଲବୀ ମହାପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀରେ ପ୍ରିନ୍ସିପାଲ ସନ୍ଧ୍ୟା ଜେନା ମୁଖ୍ୟ ଅତିଥି ଏବଂ କ୍ରୀଡ଼ା ବିଭାଗ ମୁଖ୍ୟ ସରୋଜ କୁମାର ସାହୁ, ପିଇଟି ରଞ୍ଜନ କୁମାର ସିଂ ଓ ଆୟୋଜକ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ପରାଜୟ ସତ୍ତ୍ୱେ ସିରିଜ୍ ଜିତିଲା ଭାରତ

**ବର୍ମିଂହାମ, ୧୩।୭(ପି.ଟି.):** ଇଂଲଣ୍ଡ ବିପକ୍ଷରେ ଏକ ଐତିହାସିକ ଟି୨୦ ସିରିଜ୍ ଜିତିଥିବା ଭାରତୀୟ ଦଳ ଅନ୍ତିମ ମ୍ୟାଚ୍‌ରେ ପରାଜିତ ହୋଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୩-୨ରେ ଶେଷ ହୋଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୬୮ ରନର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଅନ୍ତିମ ବଲରେ ହାସଲ କରି ନେଇଥିଲା। ଚାର୍ଲି ଡିନ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପୂରା ସିରିଜ୍‌ରେ ସର୍ବାଧିକ ଉଇକେଟ ନେବା ପାଇଁ ଶ୍ରୀ ଚରନୀ ପ୍ଲେୟର ଅଫ୍ ସିରିଜ୍ ବିବେଚିତ ହୋଇଛନ୍ତି।

# ଉଷା କମିଟି ଗଠନ କଲେ

## ବିଏଫ୍‌ଆଇ ନିର୍ବାଚନରେ ବିଳମ୍ବ ପ୍ରସଙ୍ଗ

**ନୂଆଦିଲ୍ଲୀ, ୧୩।୭(ପି.ଟି.):** ଭାରତୀୟ ବକ୍ସିଂ ଫେଡେରେଶନ (ବିଏଫ୍‌ଆଇ) ନିର୍ବାଚନରେ ହେଉଥିବା ବିଳମ୍ବ ପଛର କାରଣ ଜାଣିବା ପାଇଁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ସଭାପତି ପି. ଟି. ଉଷା ଏକ ୩ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛନ୍ତି। ଏହି କମିଟିକୁ ବିଳମ୍ବ ପଛର କାରଣ ଜାଣିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ନିଷ୍ପକ୍ଷ ନିର୍ବାଚନ ଆୟୋଜନ ନିମନ୍ତେ ରୋଡ୍ ମ୍ୟାପ ପ୍ରସ୍ତୁତ କରିବାକୁ କୁହାଯାଇଛି। ଆଇଓଏ କୋଷାଧ୍ୟକ୍ଷ ସହଦେବ ଯାଦବଙ୍କ ନେତୃତ୍ୱରେ ଗଠିତ କମିଟିରେ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଭୁପେନ୍ଦର ସିଂ ବାଜୱା ଓ ଓକିଲ ପାୟଲ କାକ୍ରା ସଦସ୍ୟ ଭାବେ ରହିଛନ୍ତି। ବିଏଫ୍‌ଆଇର କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ଚଳିତବର୍ଷ ଫେବୃଆରୀ ୨ରେ ଶେଷ ହୋଇଥିଲା। ସେବେଠାରୁ ନିର୍ବାଚନ ହୋଇ ନାହିଁ ବୋଲି ଉଷା ଆଇଓଏ ନିର୍ଦ୍ଦେଶରେ କହିଛନ୍ତି। ଏହି ନିର୍ଦ୍ଦେଶ ମୁତାବକ, ୩ ଜଣିଆ କମିଟି ବିଏଫ୍‌ଆଇର ବର୍ତ୍ତମାନ ଆଇନ ଓ ପ୍ରଶାସନିକ ସ୍ଥିତି ଯାଞ୍ଚ କରିବା ସହ ଫେଡେରେଶନର ପରିଚାଳନାରେ ବିଳମ୍ବ ପ୍ରଭାବର ଆକଳନ କରିବ।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ